# ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 202 | ଭାଗ ୩୩ | ସଂଖ୍ୟା ୨୦୨ | Wednesday 15 October 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧୫ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ମେଲୋନିଙ୍କୁ ସୁନ୍ଦରୀ କହିଲେ ଟ୍ରମ୍ପ
ପୃଷ୍ଠା ୫

ଶ୍ରୀମନ୍ଦିର ପାଇଁ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା

# ସୁରକ୍ଷାକର୍ମୀଙ୍କୁ ୱାକିଟକି, ସିଂହଦ୍ୱାରରେ ସ୍କାନର୍

### ଆଇନରେ ହେବ ଆବଶ୍ୟକ ସଂଶୋଧନ
### ଲାଗିବ ବ୍ୟାପକ ପରିମାଣର ସିସିଟିଭି
### ଦୋଳବେଦୀରୁ ହଟିବ ଅବାଧ ପାର୍କିଂ



ପୁରୀ,୧୪।୧୦(ସଂଚାର ବ୍ୟୁରୋ)ଃ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ପକ୍ଷରୁ ଆଜି ପ୍ରଥମ ବୈଠକ ପୁରୀ ଭକ୍ତ ନିବାସ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀମନ୍ଦିର ସୁରକ୍ଷାକୁ ଅଧିକ କଡାକଡି କରିବା ନେଇ ସ୍ୱତନ୍ତ୍ର ପ୍ଲାନ ଉପରେ ଆଲୋଚନା ହୋଇଛି। ସୁରକ୍ଷା ନେଇ ଭିତ୍ତିଭୂମି ସରଞ୍ଜାମ ସହ ଆବଶ୍ୟକୀୟ ଲୋକବଳକୁ ନେଇ ମନ୍ଦିର ଭିତରେ ଓ ବାହାରେ କିଭଳି ସୁରକ୍ଷାକୁ ଶୃଙ୍ଖଳିତ ଓ କଡାକଡି କରାଯିବ, ସେନେଇ ଆଲୋଚନା ହୋଇଛି। ସିଂହଦ୍ୱାର ପୁଲିସ ନବୀକରଣ, ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ବାଟାଲିୟନ ନିର୍ମାଣ, ଆଉଟ ପୋଷ୍ଟ ନିର୍ମାଣ ସମେତ ବ୍ୟାଗେଜ ସ୍କାନର ସ୍ଥାପନ ଓ ସିସିଟିଭି କଣ୍ଟ୍ରୋଲ ରୁମ ପରିଚାଳନା ଦିଗରେ ବିଶେଷ ପଦକ୍ଷେପ ନିଆଯିବ। ଡିଜିସିଏ ଦ୍ୱାରା ଶ୍ରୀମନ୍ଦିର ରେଡ ଜୋନ ଘୋଷଣା ହୋଇସାରିଥିବା ବେଳେ ଶ୍ରୀମନ୍ଦିର ଆଇନରେ ଆବଶ୍ୟକ ସଂଶୋଧନ କରାଯାଇ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବା ନେଇ ବୈଠକରେ ମତ ପ୍ରକାଶ ପାଇଛି। ଚାରି ଧାମ ମଧ୍ୟରୁ ଅନ୍ୟତମ ଧାମ ଶ୍ରୀକ୍ଷେତ୍ର ପୁରୀରେ ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିର ସୁରକ୍ଷା ନେଇ ଆଜି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ସୁରକ୍ଷା ସବ-କମିଟିର ଅଧକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଛି। ବିଶେଷକରି ଶ୍ରୀମନ୍ଦିର ଭିତରେ ମୋବାଇଲ ପ୍ରବେଶ ଉପରେ କଟକଣାକୁ କଡାକଡି ଭାବେ ପାଳନ କରାଯିବା ସହ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଗ୍ରହଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସୁରକ୍ଷା ବାହିନୀକୁ ୱକିଟକି ଯୋଗାଇଦେବା ତଥା ବ୍ୟାପକ ମାତ୍ରାରେ ସିସିଟିଭି ଲଗାଯିବା ସହ ଏହାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏହାଛଡ଼ା ଭିତ୍ତିଭୂମିର ବିକାଶ ପାଇଁ ଆବଶ୍ୟକୀୟ ସାରଞ୍ଜାମ ଯୋଗାଇବା ତଥା ସୁରକ୍ଷା ନେଇ ବ୍ୟାପକ ଲୋକବଳ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବାକୁ ପୃଷ୍ଠା-୬

ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଭେଟି

# କାର୍ କିଣି ସ୍ୱାବଲମ୍ବୀ ହେବେ ମହିଳା



### ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ
### ହିତାଧିକାରୀ ନୁହଁନ୍ତି, ସରକାର ଦେବେ ସୁଧ
### ଇଭି କ୍ଷେତ୍ରରେ ମିଳିବ ୨ ଲକ୍ଷ ପର୍ଯ୍ୟନ୍ତ ଋଣ

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ)ଃ ରାଜ୍ୟରେ କ୍ଷମତାକୁ ଆସିବା ବିଜେପି ସରକାର ମହିଳା ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଫ୍ଲାଗଶିପ୍ କାର୍ଯ୍ୟକ୍ରମ ସୁଭଦ୍ରା ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ବନାଇବା ଦିଗରେ ନିଆଯାଇଥିବା ପଦକ୍ଷେପ ଅପାର ସଫଳତା ଆଣିଦେଇଛି। ଏହି କ୍ରମରେ ଆଗାମୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାର ପୁଣିଥରେ ମହିଳାମାନଙ୍କୁ ଏକ ଖୁସିର ଖବର ଦେଇଛନ୍ତି। ଯେଉଁ ମହିଳାମାନେ ଆତ୍ମନିର୍ଭରଶୀଳ ହେବାକୁ ଚାହୁଁଛନ୍ତି, ସେମାନଙ୍କ ସକାଶେ ଏହି ଯୋଜନା ବେଶ୍ ଲାଭପ୍ରଦ ହୋଇପାରିବ। ଏହି ଯୋଜନାର ନାଁ ଆତ୍ମନିର୍ଭର ମହିଳା ସୁବାହକ ବା ଆମ ସୁବାହକ ରହିଛି। ଏହି ଯୋଜନା ଅଧୀନରେ ରାଜ୍ୟର ମହିଳାମାନଙ୍କୁ କାର୍ କିଣାଇଦେବେ ସରକାର। ଋଣ କରି ମହିଳାମାନେ କାର୍ କିଣିବେ। ପୃଷ୍ଠା-୬

ଦୀପାବଳି ପାଇଁ କଟକଣା

# ସନ୍ଧ୍ୟା ୭ରୁ ୯ ପର୍ଯ୍ୟନ୍ତ ଫୁଟିବ ବାଣ



### ସର୍ବସାଧାରଣରେ କେବଳ ସବୁଜ ବାଣକୁ ଅନୁମତି

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ)ଃ ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଚଳିତ ବର୍ଷ ଅକ୍ଟୋବର ୨୦ ତାରିଖରେ ସାରା ଦେଶ ପାଳନ କରିବ ଏହି ପର୍ବ। ତେବେ ପ୍ରତିଥର ବାଣକୁ ନେଇ ଗାଇଡଲାଇନ୍ ଆସୁଥିବା ବେଳେ ଚଳିତ ବର୍ଷ ମଧ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ବାଣ ଫୁଟାଇବାର ସମୟକୁ ନେଇ ଗାଇଡଲାଇନ୍ ଜାରି ହୋଇଛି। ଏହି ଅନୁସାରେ, ଦୀପାବଳି ରାତିରେ ଜନସାଧାରଣ ମାତ୍ର ୨ ଘଣ୍ଟା ପାଇଁ ବାଣ ଫୁଟାଇପାରିବେ। ବାଣ ଫୁଟାଇବାର ସମୟ ସନ୍ଧ୍ୟା ୭ଟାରୁ ୯ ଟା ମଧ୍ୟରେ ସୀମିତ ରଖିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ସେହିପରି ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ କଟକଣା ଲଗାଯାଇଛି। ଲୋକେ ଯେଉଁ ବାଣ ଫୁଟାଇବେ, ତା'ର ଶବ୍ଦ ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ। ବଗିଚା, ପାର୍କ, ପୃଷ୍ଠା-୬

ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରକଳ୍ପ

# କେନ୍ଦୁଝରରେ ଆଞ୍ଚଳିକ ଉଦ୍ଭିଦ କେନ୍ଦ୍ର

### ଜଙ୍ଗଲ ବିଭାଗ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା
### ୧୩୪ ଏକରରେ ହେବ ପ୍ରତିଷ୍ଠା
### ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ ହେବ



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି) ବିଷୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରାଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ। ଆଜିର ବୈଠକରୁ ଜଣାପଡ଼ିଛି ଯେ ଏହି କେନ୍ଦ୍ର ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ-ଟୁରିଜିମ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଓ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ୍ ଉପଲବ୍ଧ ହେବା ସହ ଗୋଲାପ, ବାଉଁଶ, କାକଟସ, ଜଙ୍ଗଲୀ ଫଳ ଆଦିଦି ମଧ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ବୃଦ୍ଧି କରିବ। ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅଂଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ ପୃଷ୍ଠା-୬

# ବିଜେପି କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ



ରାୟପୁର,୧୪।୧୦ଃ ଗୋଟିଏ ପଟେ ମହାରାଷ୍ଟ୍ରରେ ୬୦ରୁ ଉର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଛତିଶଗଡ଼ ବସ୍ତର ଡିଭିଜନ୍ ଅନ୍ତର୍ଗତ ବିଜାପୁର ଜିଲ୍ଲାରେ କେତେକ ମାଓବାଦୀ ଜଣେ ବିଜେପି କର୍ମୀଙ୍କୁ ହତ୍ୟା କରିଛନ୍ତି। ଫଳତଃ ଉକ୍ତ ଅଞ୍ଚଳରେ ଏବେ ପୁଣିଥରେ ମାଓବାଦୀମାନେ ସକ୍ରିୟ ହୋଇଉଠିଛନ୍ତି। ଉକ୍ତ ବିଜେପି କର୍ମୀଙ୍କ ନାମ ସତ୍ୟମ୍ ପୁନେମ୍ ହୋଇଥିବା ବେଳେ ସେ ପୁଲିସ୍ ଇନ୍‌ଫର୍ମର୍ ଭାବେ କାମ କରୁଥିବା ସେ ବିଜାପୁରରେ ବିଜେପିର ମଣ୍ଡଳସ୍ତରୀୟ କର୍ମୀ ଭାବେ ସକ୍ରିୟ ଥିଲେ। ପୂର୍ବରୁ ମଧ ସତ୍ୟମଙ୍କୁ ମାଓବାଦୀମାନେ ଏକାଧିକ ବାର ପୁଲିସ୍‌କୁ ସମର୍ଥନ ନ କରିବାକୁ ଚେତାବନୀ ଦେଇଥିଲେ। ସତ୍ୟମ୍ ବିଜାପୁର ଜିଲ୍ଲାର ପୃଷ୍ଠା-୬

ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ପାପସ୍ଥଳରେ ଡେମୋ ଦେଖାଇଲେ ଅଭିଯୁକ୍ତ



### ପୁରୁଷ ବନ୍ଧୁ ବି ସାମିଲ୍

କୋଲ୍‌କାତା,୧୪।୧୦(ସଂଚାର ବ୍ୟୁରୋ)ଃ କୋଲ୍‌କାତାର ଦୁର୍ଗାପୁର ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ଆଜି ଅଭିଯୁକ୍ତମାନେ ଘଟଣାସ୍ଥଳରେ ପହଞ୍ଚି ସେମାନେ ଘଟାଇଥିବା ଅପରାଧର ଡେମୋ ଦେଖାଇଛନ୍ତି। ପ୍ରଥମେ ଏହି ଯୌନ ଜହ୍ଲାଦମାନେ ଜଣକ ପରେ ଜଣେ ଅପରାଧର ଡେମୋ ଦେଖାଇବା ପରେ ସମସ୍ତଙ୍କୁ ମୁହାଁମୁହିଁ ଜେରା କରିଥିଲା ପୁଲିସ୍। ପାଖାପାଖି ୨ ଘଣ୍ଟା ଧରି ଏହି ସିନ୍ ରିକ୍ରିଏସନ୍ ପ୍ରକ୍ରିୟା ଚାଲିଥିଲା। ଗତ ୧୦ ତାରିଖରେ ସେମାନେ ଘଟାଇଥିବା ପାପ ସମ୍ପର୍କରେ ପୁଲିସ୍‌କୁ ଡେମୋ ଦେଖାଇଥିଲେ। ସେମାନଙ୍କ ସହ ପୁଲିସ୍ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ ଘଟଣାସ୍ଥଳକୁ ନେଇ ତଥ୍ୟ ସଂଗ୍ରହ କରିଛି ପୁଲିସ୍। କାରଣ ପୁରୁଷ ବନ୍ଧୁଙ୍କ ଭୂମିକାକୁ ନେଇ ପୀଡ଼ିତାଙ୍କ ବାପା ପ୍ରଶ୍ନ ଉଠାଇବା ସହ ନାନା ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ମମତା ବାନାର୍ଜୀଙ୍କ ବୟାନ ପରେ ରାଜନୀତି ବି ଜୋର ପୃଷ୍ଠା-୬

# ମୋଷ୍ଟ ୱାଣ୍ଟେଡ୍ ମାଓନେତାର ଆତ୍ମସମର୍ପଣ



### ୬୦ ସହଯୋଗୀ ବି ଛାଡ଼ିଲେ ହିଂସାପଥ
### ମୁଣ୍ଡରେ ଥିଲା ୬ କୋଟିର ପୁରସ୍କାର ରାଶି

ମାଲକାନଗିରି,୧୪।୧୦(ସଂଚାର ବ୍ୟୁରୋ)ଃ ଲାଲଗଡ଼କୁ ଆଜି ଆଉ ଏକ ଜବରଦସ୍ତ ଝଟ୍‌କା ଲାଗିଛି। କାରଣ ମୋଷ୍ଟ ୱାଣ୍ଟେଡ୍ ଟପ୍ ମାଓନେତା ମାଲୋଜୁଲା ବେଣୁଗୋପାଳ ରାଓ ଓରଫ ସୋନୁ ଆଜି ଆତ୍ମସମର୍ପଣ କରିଛି। ମହାରାଷ୍ଟ୍ର ଗଡ଼ଚିରୋଲି ପୁଲିସ ନିକଟରେ ନିଜର ୬୦ ଜଣ ସହଯୋଗୀଙ୍କ ସହ ସିପିଆଇ ମାଓବାଦୀର ଏହି ବରିଷ୍ଠ ପଲିଟ୍‌ବ୍ୟୁରୋ ସଦସ୍ୟ ସୋନୁ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏମାନଙ୍କ ମୁଣ୍ଡ ଉପରେ ପାଖାପାଖି ୬ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା। ୬୯ ବର୍ଷୀୟ ବେଣୁଗୋପାଳ ସୋନୁ ଦାଦା ଭାବେ ପରିଚିତ ହେଉଥିବା ବେଳେ ସେ ଗତ ମାସରେ ସୋନୁ ଅସ୍ତ୍ରତ୍ୟାଗ କରିବାକୁ ସେ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଥିଲା। ସୋନୁ ମଧ ଭୂପତି ନାମରେ ପରିଚିତ ଥିଲା। ସେ ଗତ ୪୦ ବର୍ଷ ଧରି ମାଓ ସଂଗଠନ ସହ ଯୋଡ଼ି ହୋଇ ରହିଥିବା ବେଳେ ତା' ମୁଣ୍ଡ ଉପରେ ୬ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା। ଛତିଶଗଡ଼ ପୁଲିସ ସମେତ ଅନ୍ୟ ରାଜ୍ୟର ପୁଲିସ ପାଇଁ ମଧ ମୋଷ୍ଟ ୱାଣ୍ଟେଡ୍ ଥିଲା। ତେଲେଙ୍ଗାନାର ପେଡ୍ଡାପଲ୍ଲୀ ବାସିନ୍ଦା ବେଣୁଗୋପାଳ ରାଓ ବିକମ୍ ଡିଗ୍ରୀ ହାସଲ କରିଛି। ବେଣୁଗୋପାଳ ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ କେତେକ ପ୍ରମୁଖ ହିଂସାକାଣ୍ଡରେ ସାମିଲ୍ ଥିଲା। ସେ ମାଓବାଦୀ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ୍ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲା ଓ କେନ୍ଦ୍ରୀୟ କମିଟିର ଏକ ପ୍ରମୁଖ ସଦସ୍ୟ ମଧ ଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନିକଟରୁ ପୁଲିସ୍ ପୃଷ୍ଠା-୬

# ଧର୍ମେନ୍ଦ୍ରଙ୍କୁ ଡରୁଛନ୍ତି ଭକ୍ତ!





ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ)ଃ ହାରିଯିବା ଭୟରେ ବିହାର ନିର୍ବାଚନ ପ୍ରଚାରକୁ ଯାଉନାହାନ୍ତି ଭକ୍ତ ଦାସ। ନୂଆପଡା ଉପନିର୍ବାଚନ ଆଳ ଦେଖାଇ ବିହାର ଥରୁଟିଏ ବି ଯାଉନାହାନ୍ତି କି ଯିବା ମାନସିକତାରେ ବିନାହାନ୍ତି। ଧର୍ମେନ୍ଦ୍ର ପ୍ରଧାନ ବିହାର ଉପନିର୍ବାଚନ ପାଇଁ ଦଳ ତରଫରୁ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ଧର୍ମେନ୍ଦ୍ର ଦାୟିତ୍ୱ ନେବା ପରେ ଏନଡିଏ ଆସନ ବୁଝାମଣା ବିନା ବିବାଦର ସମାଧାନ ହେଲା। ଏମିତି ବି ବିହାରରେ ଏନଡିଏର ସ୍ଥିତି ବେଶ ଭଲ ରହିଛି। ମହାମେଣ୍ଟ ଆଶାନୁରୂପ ପ୍ରଦର୍ଶନ କରିପାରିବନି ବୋଲି ପ୍ରାକ ଆକଳନ କରାଯାଉଛି। ଭକ୍ତ ଦାସଙ୍କୁ ମଧ କଂଗ୍ରେସ ବିହାର ନିର୍ବାଚନାରେ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ପୃଷ୍ଠା-୬



## କାନ ଡେରିଥା

ବିଜେପି, ବିଜେଡି, କଂଗ୍ରେସ ଫାଇଟ
ଦେଖିବ ଯେ ନୂଆପଡ଼ା
ଶାସନ କଳଟା ଲାଗିଯିବ ଏବେ
ଆଭିମୁଖ୍ୟ ହେବ କଡ଼ା
କୋଉ ଦଳୁ କିଏ ଛିଡ଼ା...
ଫାଇଭ-ଟି ପ୍ରେସର କାମ ଟିକେ କଲେ
ସବୁ ପାଲଟିବେ ଜଡ଼ା ।

■ ଦେବାଶିଷ

# ଆମଦାନୀ ନେତାଙ୍କୁ ନେଇ ଲଢ଼ିପାରନ୍ତି ତିନି ଦଳ



### ଅନ୍ୟ ଦଳରୁ ନେତା ଖୋଜୁଛି ବିଜେଡି
### କର୍ମୀଙ୍କ ମାନଭଞ୍ଜନ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ)ଃ ନୂଆପଡ଼ା ବିଧାନସଭା ଉପନିର୍ବାଚନପାଇଁ ବର୍ତ୍ତମାନ ସୁଦ୍ଧା ବିଜେଡିକୁ ପ୍ରାର୍ଥୀ ମିଳୁନଥିବାବେଳେ ଅନ୍ୟ ଦଳରୁ ନେତା ଆଣିବାପାଇଁ ଜୋରଦାର ଉଦ୍ୟମ ଚଳାଇଛି। ବିଜେଡି ଏଥିରେ ସଫଳ ହେଲେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ କିନ୍ତୁ ଆମଦାନୀ ନେତାଙ୍କୁ ନେଇ ଲଢ଼ିବା ଜଳ ଜଳ ହୋଇ ଦିଶିଲାଣି।

ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରଥମେ ତାହାର ପ୍ରାର୍ଥୀ ଭାବେ ଘାଷିରାମ ମାଝୀଙ୍କ ନାମ ଘୋଷଣା କରିଛି। କଂଗ୍ରେସ ପ୍ରାର୍ଥୀ ହେବା ପୂର୍ବରୁ ଘାଷିରାମ କଂଗ୍ରେସରେ ନଥିଲେ। ଗତ ସାଧାରଣ ନିର୍ବାଚନରେ ସିଏ କଂଗ୍ରେସ ଟିକଟ ନପାଇବା ଫଳରେ ଦଳ ଛାଡି ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ଥିଲେ। ସେତେବେଳେ କଂଗ୍ରେସ ଏଠାରୁ ଦଳର ପୂର୍ବତନ ସଭାପତି ଶରତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ଚଳିତ ନିର୍ବାଚନରେ ଘାଷିରାମ କଂଗ୍ରେସକୁ ଆସିବା ସହ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଚଳିତ ଉପନିର୍ବାଚନରେ ସିଏ କଂଗ୍ରେସ ପାଇଁ ଆମଦାନୀ ନେତା କହିଲେ ଅତ୍ୟୁକ୍ତି ହେବନାହିଁ।

ଶାସକ ବିଜେପିରେ ମଧ ସ୍ଥିତି ପ୍ରାୟତଃ ସମାନ। ବିଜେଡି ଟିକଟ ପାଇବା ନିଶ୍ଚିତ ବୋଲି କହୁଥିବା ଜୟ ଢୋଲକିଆ ବିଜେପିରେ ଯୋଗ ଦେବା ସହିତ ଏଠାରୁ ପ୍ରାର୍ଥୀ ପୃଷ୍ଠା-୬

## ମଞ୍ଚ ବାନ୍ଧିଲା ବିଜେଡି, ଭାଷଣ ଦେଲା ବିଜେପି

### ମଝି ନଈରେ ବିଜେଡି
### ସବୁ କିଛି ପ୍ରିପ୍ଲାନ ଥିଲା କି?



ନୂଆପଡ଼ା ଉପନିର୍ବାଚନରେ ବିଜେଡି ମଝି ନଈରେ ପହଁରିବା ପରି ସ୍ଥିତିରେ ଅଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦଶାହ କାର୍ଯ୍ୟକ୍ରମ ପାଇଁ ବିଜେଡି ନେତାମାନେ ସେଠାରେ ଡେରା ପକାଇ ମଞ୍ଚ ବାନ୍ଧିଲେ। ହେଲେ ଠିକ ସମୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତାମାନେ ସେଠାରେ ପହଞ୍ଚି ମଞ୍ଚ ହାଇଜାକ୍ କରିନେଲେ। ଏପରିକି ଶେଷରେ ବିଜେଡି ପ୍ରାର୍ଥୀଙ୍କୁ ବି ନିଜ ସହ ନେଇଗଲେ। ଏ ଭିତରେ ବିଜେଡି ନେତାମାନେ ବି ସନ୍ଦେହ କରୁଛନ୍ତି, ଏସବୁ ଘଟଣାକ୍ରମ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସୁଚିନ୍ତିତ ଯୋଜନାର ଅଂଶ ବିଶେଷ ନୁହେଁ ତ? ବିଜେଡିର ତଥାକଥିତ ପୃଷ୍ଠା-୬

## ବିବାହ ପ୍ରତିଶ୍ରୁତି ଦେଇ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

**ସାଲେପୁର,୧୪।୧୦ (ସଂଚାର ବ୍ୟୁରୋ):** ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ବିବାହର ପ୍ରତିଶ୍ରୁତି ଦେଇ ପ୍ରାୟ ୩ବର୍ଷ ଧରି ତା’ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିବା ଓ ଶେଷରେ ନାବାଳିକାକୁ ପ୍ରତାରଣା କରିବା ଅଭିଯୋଗରେ ଆଜି ସାଲେପୁର ପୁଲିସ ପ୍ରେମିକ ଯୁବକକୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଜଗତପୁର ଥାନା ଅଞ୍ଚଳର ଓ ସାଲେପୁର ଥାନା ଅଞ୍ଚଳରେ ରହୁଥିବା ଏକ ନାବାଳିକାକୁ ୩ବର୍ଷ ତଳେ ମାହାଙ୍ଗା ଥାନା ଅନ୍ତର୍ଗତ ମଉଦା ଗ୍ରାମର ଅଭିମନ୍ୟୁ ବେହେରାଙ୍କ ପୁଅ ବିଶ୍ୱଜିତ୍ ବେହେରା(୨୫) ତାକୁ ବିବାହର ପ୍ରଲୋଭନ ଦେଖାଇ ସମ୍ପୃକ୍ତ ନାବାଳିକା ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଆସୁଥିଲେ। ନାବାଳିକା ଜଣକ ତାକୁ ବିବାହ କରିବାପାଇଁ ବିଶ୍ୱଜିତ୍ ଉପରେ ଚାପ ପକାଇବାରୁ ବିଶ୍ୱଜିତ୍ ତାଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ଶେଷରେ ନିର୍ଯ୍ୟାତନା ଅସହ୍ୟ ହେବାରୁ ସମ୍ପୃକ୍ତ ନାବାଳିକା ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ପ୍ରେମିକ ବିଶ୍ୱଜିତ୍‌କୁ ଗିରଫ କରିବା ସହ ଉଭୟଙ୍କର ଡାକ୍ତରୀ ମାଇନା କଲାପରେ ବିଶ୍ୱଜିତ୍‌କୁ କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି।

## ନିୟମ ଭାଙ୍ଗିଲେ ମହିଳା କନେଷ୍ଟବଳ



**କେନ୍ଦ୍ରାପଡା,୧୪।୧୦(ସଂଚାର ବ୍ୟୁରୋ):** ଗଜଲକ୍ଷ୍ମୀ ଭସାଣି ଲାଗି ପୁରା କେନ୍ଦ୍ରାପଡା ସହରରେ ଭିଡ଼ ପରିଲକ୍ଷିତ ହୋଇଛି । ଯାହା ଫଳରେ ପ୍ରବଳ ଭିଡ଼ କୁ କିଭଳି ନିୟନ୍ତ୍ରଣ କରାଯିବ ସେନେଇ କେନ୍ଦ୍ରାପଡା ପୁଲିସ ନିଜେ ଏହାର ବ୍ୟାପକ ବେବସ୍ଥା କରିବା ସହ ବିଭିନ୍ନ ସ୍ଥାନ ମାନଙ୍କରେ ଆସ୍ତାହି ବ୍ୟାରିକେଟ କରିବା ସହ ସହର ବାହାରୁ ଆସିଥିବା ବାଇକ୍ ଆରୋହୀ ଏବଂ ଚାରି ଚକିଆ ଯାନ କୁ ସହର ମଧ୍ୟକୁ ପ୍ରବେଶ ପାଇଁ ବାରଣ ମଧ୍ୟ କରାଯାଇଥିଲା । ଏତେ ସବୁ ନିୟମ କରାଇଥିଲେ ସୁଦ୍ଧା ଚଳିତ ଭସାଣି କାର୍ଯ୍ୟକ୍ରମ ବିଳମ୍ବ ଘଟିଛି । ସବୁଠୁ ବଡ଼ କଥା ହେଲା ଯେଉଁ ମାନେ ନିୟମ ନମାନି ଜୋର୍ ଜବରଦସ୍ତ ପ୍ରବେଶ କରୁଥିଲେ ସେମାନଙ୍କୁ ଅଟକାଇ ତାଗିଦ୍ କରାଯାଉଛି। କିନ୍ତୁ ଯେଉଁ ନିୟମ ନିଜେ ପୁଲିସ କରିଥିଲା ସେହି ନୀତି ନିୟମ କୁ ନିଜେ ଫୁ କରି ଉଡ଼ାଇଦେଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଦିନ ଅପରାହ୍ନ ସମୟରେ ଚାଲିଥିବା ଭସାଣି ଯାତ୍ରା ସମୟରେ ଜଣେ ମହିଳା କନେଷ୍ଟବଳ ଜଣଙ୍କ ନିଜେ ଏକ ସ୍କୁଟି ଧରି ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ପ୍ରବେଶ କରିଥିଲେ । ଯାହାକୁ ନେଇ ବିଭିନ୍ନ ସ୍ଥାନ ମାନଙ୍କରୁ ଆସିଥିବା ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ନିକଟରେ ରହୁଥିବା ବାସିନ୍ଦା ଏନେଇ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ନିୟମ ପୁଲିସ୍ କରୁଛି ସେହି ନିୟମକୁ ନିଜ ବିଭାଗର କାର୍ଯ୍ୟରତ ଜଣେ ମହିଳା ପୁଲିସ କର୍ମଚାରୀ କାହିଁକି ପାଳନ କରିନାହାନ୍ତି । ଏହି ସମ୍ପର୍କରେ କେନ୍ଦ୍ରାପଡା ଏସପି ଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏନେଇ ଏସପି ସିଦ୍ଧାର୍ଥ କଟାରିଆ ଙ୍କ କୌଣସି ଉତ୍ତର ମିଳିପାରିନାହିଁ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ



**ପଟାମୁଣ୍ଡାଇ, ୧୪।୧୦ (ସଂଚାର ବ୍ୟୁରୋ):** ପଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକମାନେ ମନ୍ଦିର ପରିସରରେ ଆମ୍ବ, ପଣସ ଗୁଆ, ଅଁଳା, ପିଜୁଳି, କୃଷ୍ଣଚୂଡ଼ା ଆଦି ବିଭିନ୍ନ ଫଳ ଫୁଲ ଚାରା ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ।

# ବିପଦରେ ଯାଜପୁରର ‘ଅଠରନଳା’

### ଐତିହ୍ୟ ରକ୍ଷା ନ ହେଲେ ମାଟି ତଳେ ମିଶିଯିବ ବିରଜା କ୍ଷେତ୍ରର ଗୌରବ



**ଯାଜପୁର,୧୪।୧୦ (ସଂଚାର ବ୍ୟୁରୋ):** ଯାଜପୁର ଅଧିଷ୍ଠାତ୍ରୀ ବିରଜା ମା’ଙ୍କ ଯାଜପୁର କ୍ଷେତ୍ରର ହୃଦୟସ୍ଥଳୀରେ ରହିଛି ଏକ ପ୍ରାଚୀନ ଚମତ୍କାର - ଅଠରନଳା। ପୁରୀର ଅଠରନଳା ଭଳି, ଏହି ଅଠରନଳା ମଧ୍ୟ ଶ୍ରଦ୍ଧା, ପବିତ୍ରତା ଓ ସଂସ୍କୃତିର ଚିହ୍ନ। କିନ୍ତୁ ଆଜି ଏହି ଐତିହ୍ୟ ଅଞ୍ଚଳ ରହିଛି ବିପଦରେ।

୧୮ଟି ଦ୍ୱାର ନିର୍ମିତ ଏହି ଅପୂର୍ବ ନଳାର ଏବେ ମାତ୍ର ୧୧ଟି ଦେଖାଯାଉଛି, ଅନ୍ୟ ୭ଟି ଅଲଗା ହୋଇଗଲା ମାଟି ଓ ଆବର୍ଜନା ତଳେ। ଅନାବନା ଗଛଲତା, ଆବର୍ଜନା ଓ ଜବରଦଖଲକାରୀଙ୍କ ହାତରେ ଏହି ଐତିହ୍ୟ ବିଲୁପ୍ତି ପଥରେ। ପର୍ଯ୍ୟଟକମାନେ ମା’ ବିରଜାଙ୍କ ଦର୍ଶନ ପାଇଁ ଯାଜପୁର ଆସୁଛନ୍ତି, କିନ୍ତୁ ଅଠରନଳାର ଗୌରବ ବିଷୟରେ ଜାଣିପାରୁନାହାନ୍ତି। ଏହି ଅଞ୍ଚଳ ଉପରେ ଥିବା ପୋଲ ମଧ୍ୟ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ପ୍ରତିଦିନ ହଜାର ହଜାର ଗାଡ଼ି ଯାତାୟାତ କରୁଥିବାରୁ ପୋଲ ତେଜିତ ହେଉଛି, ଫାଟ ସୃଷ୍ଟି ହୋଇଛି ଏବଂ ଯେକୋଣସି ସମୟରେ ଅପରିହାର୍ଯ୍ୟ ଦୁର୍ଘଟଣା ଘଟିପାରେ। ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ମଧ୍ୟ, ସୁରକ୍ଷା ନାମରେ କେବଳ ଫଳକ ଲଗାଇ ଦାୟିତ୍ୱ ସାରିଦେଇଛି।

ଯାଜପୁରର ଅଠରନଳା ହେଉଛି ନୁହେଁ କେବଳ ଏକ ନଳା - ଏହା ହେଉଛି ଯାଜପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଜୀବନସ୍ରୋତ। ଏହି ଐତିହ୍ୟକୁ ଉଜ୍ଜୀବିତ ରଖିବାକୁ ଆଜି ଆବଶ୍ୟକ ସଚେତନତା ଓ ପ୍ରଶାସନୀୟ ହସ୍ତକ୍ଷେପ। ଯଦି ଏବେ ସୁରକ୍ଷା ଓ ପୁନଃରୁଦ୍ଧାର ଦିଗରେ ପଦକ୍ଷେପ ନ ନିଆଯାଏ, ତେବେ ଯାଜପୁର ହରାଇ ଦେବ ତାହାର ଅମୂଲ୍ୟ ଐତିହ୍ୟ - ଅଠରନଳା।



## କେନ୍ଦ୍ରାପଡା ଗଜଲକ୍ଷ୍ମୀ ଭସାଣି ଉତ୍ସବରେ ଭାଇଚାରାର ନିଦର୍ଶନ

**କେନ୍ଦ୍ରାପଡ଼ା,୧୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଗଜଲକ୍ଷ୍ମୀ ପୂଜା, ମେଲଣ ଓ ଭଷାଣୀ ହେଉଛି ଭାଇଚାରାର ପର୍ବ । ଯାହାକୁ ଗଣପର୍ବ ଭାବେ ପାଳନ କରାଯାଇଥାଏ । ଏହି ପୂଜାରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଗଜଲକ୍ଷ୍ମୀ ପୂଜା, ମେଲଣ ଓ ଭଷାଣୀ ଉତ୍ସବକୁ ଅତି ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି । ଏହାର ଏକ ନିଦର୍ଶନ ଦେଖିବାକୁ ମିଳିଛି ସୋମବାର ରାତିରେ ଗଜଲକ୍ଷ୍ମୀ ମେଲଣରେ ପୁରୁଣା ବସଷ୍ଟାଣ୍ଡ ମେଢ ନିକଟରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଗଜଲକ୍ଷ୍ମୀ ମେଲଣ ଉତ୍ସବକୁ ହସଖୁସି ଓ ଉଲ୍ଲାସର ସହିତ ପାଳନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ରଞ୍ଜନ ପ୍ରଧାନ(ମୁନା), ମୀର ଆଲମ, ସେକ ଗୌଫ୍ରାନ(ଗୋପି),ସତ୍ୟବ୍ରତ ସିଂ, ଗୋଲଖ ଚନ୍ଦ୍ର ପରିଡା, ଅକ୍ଷୟପ୍ରିୟ ଦାସ, ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମାର୍ଶାଘାଇ,୧୪।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମାର୍ଶାଘାଇ ବିଡିଓ ପଞ୍ଚାନନ ମଲ୍ଲିକ,ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା,ମାର୍ଶାଘାଇର ପୂର୍ବତନ ସମିତିସଭ୍ୟ ନିଗମ ପ୍ରସାଦ ରଥ, ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ସମାଜସେବୀ ଉମେଶ ଚନ୍ଦ୍ର ସାହୁ, ବିଘ୍ନେଶ୍ୱର ନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ । ଅସ୍ଥିଶଲ୍ୟ ୧୪୯, ଦୃଷ୍ଟିବାଧିତ ୫୪, ଶ୍ରବଣବାଧିତ ୪୧,ମାନସିକ ୫୬, ପାରାଲିସିସ ଓ ପୋଲିଓ ୪୩, ଶିଶୁରୋଗ ୧୯ ଜଣ ଆବେଦନାକାରୀ ପଞ୍ଜିକରଣ କରିଥିଲେ । ସମସ୍ତ ବିଭାଗର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ମୋଟ ୩୬୨ ଜଣ ଆବେଦନକାରୀଙ୍କ ଭିନ୍ନକ୍ଷମ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ରଞ୍ଜନ ମଲ୍ଲିକ ଶିବିର ପରିଚାଳନା କରିଥିଲେ।




## ମା’ ଗଜଲକ୍ଷ୍ମୀଙ୍କ ଭସାଣୀ ଉତ୍ସବ — ପ୍ରଥମ ଦିନରେ ବିସର୍ଜିତ ହୋଇପାରିଲେନି ସବୁ ମେଢ

**କେନ୍ଦ୍ରାପଡ଼ା,୧୪।୧୦(ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷର ପରମ୍ପରାରେ ଚଳିତ ବର୍ଷ ବ୍ୟାଘାତ ଘଟିଛି । ଯେଉଁ ପରମ୍ପରା କେବେ ବିଳମ୍ବ ଘଟିନଥିଲା ତାହା ଏବେ ହୋଇଛି। କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ମେଲଣ ସୋମବାର ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଭଷାଣୀ ଉତ୍ସବ ଆରମ୍ଭ ହୋଇଛି । ରାତି ସୁଦ୍ଧା କେତେକ ମେଢ ପାଣିରେ ବିସର୍ଜିତ ହୋଇଥିବା ବେଳେ ବାକି ମେଢ ରାସ୍ତାରେ ଅଟକି ରହିଛନ୍ତି। ପ୍ରଶାସନିକ ନିଷ୍ପତି ଅନୁଯାୟୀ ଦୁଇ ଦିନରେ ମେଲଣ ଓ ଭଷାଣୀ ଉତ୍ସବ ଶେଷ ହେବା ପରିବର୍ତେ ଏହା ତୃତୀୟ ଦିନକୁ ଗଡିଯିବ ବୋଲି ଅନୁମାନ କରାଯାଉଛି। ସୋମବାର ରାଜ୍ୟର ଅନନ୍ୟ ଜଗଲକ୍ଷ୍ମୀ ପୂଜା ମେଲଣ ଉତ୍ସବ କେନ୍ଦ୍ରାପଡ଼ା ସହରରେ ଆରମ୍ଭ ହୋଇଥିଲା। ୪୮ଟି ମେଢ ଏହି ଉତ୍ସବରେ ସାମିଲ ହୋଇଥିଲେ ।



ସୋମବାର ରାତି ସୁଦ୍ଧା ସମସ୍ତ ମେଢ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିବା କଥା। ମଙ୍ଗଳବାର ଭୋର ସମୟରେ ମେଲଣ ପଡିଆରେ ଭୋଗ ଲାଗିବା ପରେ ମେଢଗୁଡିକ ବିସର୍ଜନ ଘାଟ ଅଭିମୁଖେ ବାହାରିଥାନ୍ତେ । କିନ୍ତୁ କେତେକ ପୂଜା କମିଟି ନୀତିନିୟମକୁ ଭୁଲିଯାଇ ମେଲଣ ପଡିଆରେ ପହିବାକୁ ବହୁ ବିଳମ୍ବ କରିଦେଇଥିଲେ। ଯାହା ଫଳରେ ମାତ୍ର ୮ଟି ମେଢ ରାତି ୧୨ଟା ସୁଦ୍ଧା ମେଲଣ ପଡିଆରେ ପହଞ୍ଚି ପାରିଥିଲେ। ଉଚ୍ଚ ଶବ୍ଦ କରୁଥିବା ବୈଦ୍ୟୁତିକ ବାଦ୍ୟଯନ୍ତ୍ର ବନ୍ଦ ହୋଇଯିବା ଫଳରେ ରାସ୍ତାରେ ଥିବା ଅନ୍ୟ ମେଢ ଗୁଡିକ ଆଉ ଆଗକୁ ବଢି ନଥିଲେ। ଭୋର ସୁଦ୍ଧା ମାତ୍ର ୨୬ଟି ମେଢ ମେଲଣ ପଡିଆରେ ପହଞ୍ଚି ପାରିଥିଲେ । ଅନ୍ୟ ୨୨ଟି ମେଢ ମେଲଣ ପଡିଆର ପୂର୍ବ ଓ ପଶ୍ଚିମ ଦିଗର ରାସ୍ତାରେ ଅଟକି ରହିଥିଲେ। ପ୍ରଶାସନିକ ଚାପରେ ରାସ୍ତାରେ ଥିବା ମେଢ ଗୁଡିକ ଅପରାହ୍ଣ ୨ଟା ପରେ ଶୋଭାଯାତ୍ରା କରି ମେଲଣ ପଡିଆକୁ ଆଗମନ କରିଥିଲେ । ତେବେ ସମସ୍ତ ମେଢ ମେଲଣ ପଡିଆରେ ପହିବାରେ ବିଳମ୍ବ ହୋଇଥିଲା । ତେଣୁ ଠାକୁରଙ୍କ ଭୋଗ ଖାଇବା ସମୟ ଅପରାହ୍ଣ ୪ଟା ହୋଇଯାଇଥିଲା । ପରେ ପରେ ନୂଆ ବସଷ୍ଟାଣ୍ଡ ଥାନପତି ମେଢ ମେଲଣ ପଡିଆ ଛାଡି ନୂଆବସଷ୍ଟାଣ୍ଡସ୍ଥିତ ବିସର୍ଜନ ଘାଟରେ ଆସି ବସିଥିଲା । ତା ପରେ କାକଟ ମଙ୍ଗଳା ଏବଂ ଧର୍ମଗୁଳା ଅନୁଯାୟୀ ଗୋଟିଏ ପରେ ଗୋଟିଏ ଅନ୍ୟ ମେଢଗୁଡିକ ଶୋଭାଯାତ୍ରାରେ ବିସର୍ଜନ ଘାଟ ଅଭିମୁଖେ ଯାତ୍ରା କରିଥିଲେ। ମେଲଣ ପଡିଆରେ ଥିବା କେତେକ ମେଢ ବିଳମ୍ବ ଯୋଗୁ ଅନ୍ୟ ରାସ୍ତା ଦେଇ ବିସର୍ଜନ ଘାଟକୁ ଆସିବାକୁ ବାଧ ହୋଇଥିଲେ । ଏହାଦ୍ୱାରା ପରମ୍ପରା ଭଙ୍ଗ ହୋଇଥିଲା ବୋଲି ଆଲୋଚନା ହୋଇଥିଲା।

ମଙ୍ଗଳବାର ରାତି ୨ଟା ସୁଦ୍ଧା ୨୧ଟି ମେଢ ଗୋବରୀ ନଦୀ ଓ ଅନ୍ୟ ଜଳାଶୟର ବିସର୍ଜନ ଘାଟରେ ବିସର୍ଜିତ ହେବାର ସମ୍ଭାବନା ରହିଛି । ବାକି ମେଢଗୁଡିକ ବୁଧବାର ବିସର୍ଜିତ ହେବେ ବୋଲି ପ୍ରଶାସନ ପକ୍ଷରୁ ଅନୁମାନ କରାଯାଇଛି।

# ସାର କଳାବଜାରୀ ନେଇ ଚାଷୀଙ୍କ ଅଭିଯୋଗ

ସାଲେପୁର, ୧୪।୧୦-ସମବାୟ ସମିତିର ସମ୍ପାଦକଙ୍କ ଦେହ ଅସୁସ୍ଥ ଥିବାରୁ ଏହାର ସୁଯୋଗ ନେଇ ସମବାୟ ସମିତିର ଡାଟା ଏଣ୍ଟ୍ରି ଅପରେଟର ନିଜକୁ ଅତିରିକ୍ତ ସମ୍ପାଦକ ବୋଲି ପରିଚୟ ଦେଇ ଚାଷୀମାନଙ୍କ ପାଇଁ ଆସୁଥିବା ସାର ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନାକୁ ହେରଫେର କରୁଥିବା ନେଇ ଏହି ଅଞ୍ଚଳର ଚାଷୀମାନେ କଟକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତର ଚାଟେଶ୍ୱର ସେବା ସମବାୟ ସମିତି ୨୦୨୩ ମସିହାରୁ ଏହି ଅଞ୍ଚଳର ଚାଷୀମାନଙ୍କ ଉନ୍ନତି ପାଇଁ ଗଠନ କରାଯାଇଛି। ଏହି ସମିତିର ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ନାୟକଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ସେ ରୋଗାଗ୍ରସ୍ତ ପାଇଁ ଅନୁପସ୍ଥିତ ରହୁଥିବାରୁ ତାଙ୍କ ସ୍ଥାନରେ ଏହି ସୋସାଇଟିର ଡାଟା ଅପରେଟର ଚନ୍ଦନ କୁମାର ବେହେରା ଉକ୍ତ ସୋସାଇଟିର ସମସ୍ତ କାର୍ଯ୍ୟ ପରିଚାଳନା କରିଆସୁଅଛନ୍ତି। କିନ୍ତୁ ସମ୍ପୃକ୍ତ ଡାଟା ଅପରେଟର ଜଣକ ବିଭିନ୍ନ କାର୍ଯ୍ୟ ଆଳରେ ଏହି ଅଞ୍ଚଳର ଚାଷୀମାନଙ୍କୁ ଶୋଷଣ କରୁଛନ୍ତି। ଚଳିତ ବର୍ଷ ଏହି ଅଞ୍ଚଳର ଚାଷୀମାନଙ୍କ ପାଇଁ ଆସୁଥିବା ସାର ବସ୍ତାଗୁଡିକୁ ସୋସାଇଟି ଗୃହରେ ନରଖି ଅନ୍ୟ ଏକ ସ୍ଥାନରେ ରଖି ସୋସାଇଟିକୁ ସାର ଯୋଗାଣ ହେଉନଥିବାର ଦର୍ଶାଇ ସ୍ଥାନୀୟ ଚାଷୀମାନଙ୍କୁ ସାର ନଯୋଗାଇ ଉକ୍ତ ସାରକୁ ଚୋରାରେ ଅଧିକ ଦାମରେ ଅନ୍ୟତ୍ର ବିକ୍ରି କରୁଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରେ ଏହି ସୋସାଇଟିକୁ ୧୦୯ବସ୍ତା ସାର ଆସିଥିବାବେଳେ ଏହାର ବଣ୍ଟନ ବାବଦରେ ଠିକ୍‌ରେ ତଥ୍ୟ ଓ ପ୍ରମାଣ ଦେବାରେ ଅସମର୍ଥ ଓ ଖାତାରେ ମାତ୍ର ୨୦ଜଣ ସାର ନେଇଥିବା ଚାଷୀଙ୍କ ସ୍ୱାକ୍ଷର ଦର୍ଶାଇ ଅବଶିଷ୍ଟ ସାର କଳାବଜାରରେ ବିକ୍ରୟ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ପୂର୍ବରୁ ଚାଷୀମାନେ ସୋସାଇଟିକୁ କୃଷିକାର୍ଯ୍ୟ ପାଇଁ ଋଣ ଆବେଦନ କରିଥିଲେ ହେଁ ଉକ୍ତ ଚାଷୀଙ୍କୁ ଋଣ କରାଇଦେବା ନାମରେ ସେମାନଙ୍କ ଠାରୁ ଜୋର ଜବରଦସ୍ତ ଟଙ୍କା ନେବା ସହ ରାଜନୈତିକ ଚାପ ପକାଇ ଦୀର୍ଘ ଦିନ ଧରି ଏହି ସୋସାଇଟିରେ ରହିଆସିବା ସହ ବ୍ୟାପକ ଅର୍ଥ ହେରଫେର କରୁଥିବା ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ଆଲୋକୀକରଣ ପ୍ରକଳ୍ପ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

**କେନ୍ଦ୍ରାପଡ଼ା,୧୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପାୟତର ପଥ ଆଲୋକୀକରଣ ପ୍ରକଳ୍ପ ଦୁର୍ନୀତିର ଭିନଜିଲାନ୍ସ ତଦନ୍ତ ଦାବି କରିଛନ୍ତି ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକ । ଡ. ମଲ୍ଲିକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ପଥ ଆଲୋକୀକରଣ ନିମନ୍ତେ ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରାୟ ଏକ କୋଟି ଟଙ୍କା ସାଂସଦଙ୍କ ଆଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରିଥିଲେ । ସେଥିମଧ୍ୟରୁ କେବଳ ଚକ୍ରୋଡା ଗ୍ରାମପାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ପ୍ରକଳ୍ପଟି କେନ୍ଦ୍ରାପଡା ବ୍ଲକ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି । ଏହି ପ୍ରକଳ୍ପ ଗ୍ରାମ୍ୟ ବିଦ୍ୟୁତକରଣ କର୍ତ୍ତୃପକ୍ଷଙ୍କ ଜରିଆରେ କାର୍ଯ୍ୟକାରୀ କରାନଯାଇ ବ୍ଲକ ଅଧିକାରୀଙ୍କ ଦ୍ୱାରା କରାଯାଇଥିବାରୁ ଏହାର ବୈଷୟିକ ତଦାରଖ ଓ ମୂଲ୍ୟାୟନ ଏବଂ ବ୍ୟବହୃତ ବିଦ୍ୟୁତ ସାମଗ୍ରୀର ମାନ ଓ ସ୍ଥାୟୀତ୍ୱ ଉପରେ ସନ୍ଦେହ ସୃଷ୍ଟି କରିଛି । ତେଣୁ ଏହି ପ୍ରକଳ୍ପ କାର୍ଯ୍ୟର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଯିବାକୁ ପ୍ରାକ୍ତନ ବିଧାୟିକା ଡ. ମଲ୍ଲିକ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।



## ପଟ୍ଟାମୁଣ୍ଡାଇରେ ଗଜଲକ୍ଷ୍ମୀ ଭସାଣି ଉତ୍ସବ

**ପଟ୍ଟାମୁଣ୍ଡାଇ,୧୪।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଦୂର୍ଗା ପୂଜା ଉତ୍ସବ ପଟ୍ଟାମୁଣ୍ଡାଇ ଅଂଚଳର ଅନନ୍ୟ ଗଣପର୍ବ, ସଂସ୍କୃତି ଓ ପରମ୍ପରାର ମୁକସାକ୍ଷୀ ହୋଇଥିଲେ ମଧ ବିଗତ କେତେବର୍ଷ ହେବ ମା ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପଟ୍ଟାମୁଣ୍ଡାଇରେ ଆରମ୍ଭ ହୋଇଛି । ଏହି ପୂଜା ଉତ୍ସବ ଆରମ୍ଭ ବେଳେ ହାତଗଣତି କେତୋଟି ମେଢ଼କୁ ନେଇ ଆରମ୍ଭ କରାଯାଇଥିଲା। ମାତ୍ର ଏବେ ଏହା ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଅଂଚଳରେ ଗଜଲକ୍ଷ୍ମୀ ପୂଜାର ଭିନ୍ନ ମାହୋଲ ଦେଖିବାକୁ ମିଳିଛି। ମୋଟାମୋଟି ଭାବେ ଧନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କ ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବ ମୁଖର ହୋଇପଡିଥିଲା। ମା’ ଧନଦାତ୍ରୀ ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଓ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଶ୍ରୀକାନ୍ତ ବାରିକ ବ୍ୟାପକ ବ୍ୟବସ୍ଥା କରିଥିଲେ ।



ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ମା’ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପରେ ଭସାଣି ଆୟୋଜିତ ହୋଇଥିଲା । ପାରମ୍ପରିକ ଓ ଆଧୁନିକ ବାଜା ବାଣ ଓ ପ୍ରସେସନ ସହିତ ମା ଗଜଲକ୍ଷ୍ମୀ ଭସାଣି ଉତ୍ସବରେ ସାମିଲ ହୋଇଥିଲେ । ଭସାଣି ଉତ୍ସବ ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା । ସ୍ଥାନୀୟ ପ୍ରଶାସନ ଓ ପୋଲିସ ସହଯୋଗରେ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି ।

## ଆଦି ନାଟ୍ୟକାରଙ୍କ ଜନ୍ମଭୂମିରେ ଗଣକବି ଜୟନ୍ତୀ



**ମାହାଙ୍ଗା,୧୪।୧୦ (ସଂଚାର ବ୍ୟୁରୋ):** ଆଦି ନାଟ୍ୟକାର ଜଗମୋହନ ଲାଲଙ୍କ ଜନ୍ମମାଟି ମାହାଙ୍ଗାରେ ଗୀତିନାଟ୍ୟ ସମ୍ରାଟ ଗଣକବି ବୈଷ୍ଣବ ପାଣିଙ୍କ ୧୪୩ ତମ ଜନ୍ମ ଜୟନ୍ତୀ ମହା ମହାସମାରୋହରେ ପାଳିତ ହୋଇଯାଇଛି । ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ସାଂସ୍କୃତିକ ଏବଂ ସାରସ୍ୱତ କାର୍ଯ୍ୟକ୍ରମରେ ଓଟିଟି ର ଅଧକ୍ଷା ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ନାଟକ ମାଧ୍ୟମରେ ଓଡ଼ିଆ ଜାତିକୁ ସଂଗଠିତ କରିବାରେ, ଗଣକବି ବୈଷ୍ଣବ ପାଣିଙ୍କ ଭୂମିକା ଅତୁଳନୀୟ ବୋଲି ଶ୍ରୀମୟୀ କହିଥିଲେ । ସତ୍ୟ ନ୍ୟାୟ ପାଇଁ ଅସତ୍ୟ ଓ ଅନ୍ୟାୟ ବିରୁଦ୍ଧରେ ଜନ ଜାଗରଣ ଗଢି ତୋଳିବାରେ ବୈଷ୍ଣବ ପାଣି ଅଗ୍ରଣୀ ସେନାପତି ସାଜିଥିବାରୁ, ମାହାଙ୍ଗା ମାଟିର ଏହି ପ୍ରଥିତଯଶା ସ୍ରଷ୍ଟାଙ୍କୁ ନିଜର ଆଦର୍ଶ କହି ଶ୍ରୀମୟୀ ପ୍ରଣିପାତ କରିଥିଲେ । ଉତ୍ସବରେ ଯୁବ ବିଧାୟକ ଶାରଦା ପ୍ରଧାନ ଯୋଗଦେଇ,ମାହାଙ୍ଗା ମାଟିର ଯଶସ୍ୱୀ ପୁରୁଷ ଗଣକବିଙ୍କ ଭାବଧାରାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ।

# ବିପର୍ଯ୍ୟସ୍ତ ହୋଇପଡିଛି ଅଙ୍ଗନବାଡ଼ି କେନ୍ଦ୍ର

### ପାଣିକାଦୁଅରେ ପଶି କେନ୍ଦ୍ରକୁ ଯାଉଛନ୍ତି ଶିଶୁ

**ଡେରାବିଶ,୧୪।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ଶିଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରାକଶୈଶବ ଶିକ୍ଷା କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ପାଣିକାଦୁଅରେ ପଶି ଯାଉଥିବା ବେଳେ କେଉଁଠି ଭଙ୍ଗା ଘର ଉପରେ ପାଲ ପକାଇ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏପରି ଘଟଣା ଦେଖିବାକୁ ମିଳିଛି ଖୋଦ ଡେରାବିଶ ସିଡ଼ିପିଓଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୪୦୦ ମିଟର ଦୂରରେ ରହିଥିବା ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଭାଟଭାଗ ଅଙ୍ଗନବାଡ଼ି କେନ୍ଦ୍ରରେ।

ଏହି କେନ୍ଦ୍ରଟିକୁ ରାସ୍ତା ନଥିବା ବେଳେ କେନ୍ଦ୍ରକୁ ଯାଉଥିବା କୋମଳମତି ଶିଶୁମାନେ ବର୍ଷାଦିନେ ବଡ଼ ଦୟନୀୟ ଅବସ୍ଥାରେ କେନ୍ଦ୍ରକୁ ଯାଇଥାନ୍ତି। ଏହି କେନ୍ଦ୍ରଟି କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତା ଠାରୁ ୧୦୦ ମିଟର ଦୂରରେ ଅବସ୍ଥିତ। ରାସ୍ତା ଠାରୁ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରେ ରହିଥିବା ସ୍ଥାନରେ ସାମାନ୍ୟ ବର୍ଷା ହେଲେ ଏକଫୁଟରୁ ଉର୍ଦ୍ଧ୍ୱ ପାଣି ଜମି ରହେ। ଫଳରେ ରାସ୍ତା ନଥିବାରୁ ଶିଶୁମାନେ କେନ୍ଦ୍ରଆଗରେ ରହିଥିବା ଜମି ରହିଥିବା



ପାଣି ମଧ୍ୟ ଦେଇ ବହୁ କଷ୍ଟରେ ଯିବା ଆସିବା କରିଥାନ୍ତି। ଖାଲିସେତିକି ନୁହେଁ ଏହି ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ରହିଛି ଭାଟଭାଗ ସରକାରୀ ପ୍ରଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୩୨ ଜଣ ଛାତ୍ରଛାତ୍ରୀ ମଧ୍ୟ ଏହି ବିଦ୍ୟାଳୟକୁ ବଡ଼ ଦୟନୀୟ ଅବସ୍ଥାରେ ପାଠପଢ଼ିବାକୁ ଯାଇଥାନ୍ତି। ବ୍ଲକର ମୁଖ୍ୟାଳୟ ଗୁଆଲସିଂ ପଞ୍ଚାୟତରେ ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ଏପରି ହୋଇଛି ତାହା ନୁହେଁ ଏହା କେବଳ ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ଅବସ୍ଥା। ଏହି ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତର ହରିଅଙ୍କ ଗ୍ରାମର ଯେନା ସାହି ନିକଟରେ ରହିଥିବା ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ମଧ୍ୟ ତତୋଧିକ। ଏହି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ବେଳେ ଗ୍ରାମ ରାସ୍ତା କଡ଼ରେ ଥିବା ଏକ ଛୋଟିଆ ଟିଣଘରେ ଏହି କେନ୍ଦ୍ରଟି ଚାଲୁଥିବା ବେଳେ ଏହି ବର୍ଷାଦିନେ ଟିଣ ଫୁଟି ପାଣିବୋହୁଥିବାରୁ ଏହା ଉପରେ ପାଲ ପକାଯାଇ ଅଙ୍ଗନବାଡ଼ି କେନ୍ଦ୍ରଟି ଚାଲୁଥିବା ଦେଖିବାକୁ ମିଳିଛି।

ତେବେ ଡେରାବିଶ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ମୋଟ ୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ସେଥିମଧ୍ୟରୁ ୨୭ଟି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ସିଡ଼ିପିଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଅନ୍ୟପକ୍ଷରେ ବହୁ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ଗ୍ରାମର ଜନବସତି ଠାରୁ ଦୂର ନିଛାଟିଆ ସ୍ଥାନରେ ନିର୍ମାଣ ହୋଇଥିବାରୁ ଏହି କେନ୍ଦ୍ରଗୁଡ଼ିକ ମଧ୍ୟ କୋମଳମତି ଶିଶୁଙ୍କ କାର୍ଯ୍ୟରେ ଲାଗୁନଥିବା ଜଣାଯାଇଛି। ଯେପରି ଗୋଲହରାଟ ପଞ୍ଚାୟତର ଦୁମୁକାହାଟ ଗ୍ରାମରେ ନିର୍ମାଣ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ରଟି ଜନବସତି ଠାରୁ ଦୂରରେ ଥିବା ଏକ ଶ୍ମଶାନ ନିକଟରେ ନିର୍ମାଣ କରାଯାଇଥିବାରୁ ଏହି କେନ୍ଦ୍ରକୁ ଶିଶୁମାନେ ନଯାଇ ଗ୍ରାମ ମଧ୍ୟରେ ଥିବା ବିଦ୍ୟାଳୟ ଗୃହରେ କେନ୍ଦ୍ରଟି ଚାଲୁଥିବା ଜଣାଯାଇଛି। ଏହିପରି ଆହୁରି ଅନେକ କେନ୍ଦ୍ରରେ ଅବସ୍ଥା ମଧ୍ୟ ତତୋଧିକ।

## ଯୌତୁକ ନିଷେଧ ଅଧିନିୟମ ୧୯୬୧ ଉପରେ ପ୍ରଶିକ୍ଷଣ ଶିବିର

**ଯାଜପୁର,୧୪।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୌତୁକ ନିଷେଧ ଅଧିନିୟମ–୧୯୬୧ ବିଷୟରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଉପସ୍ଥିତ ହୋଇ ଯୌତୁକ ନିଷେଧ ଓ ମହିଳା ନିର୍ଯ୍ୟାତନା ବିରୋଧୀ ଆଇନଗତ ବ୍ୟବସ୍ଥା ବିଷୟରେ ଗଭୀର ଆଲୋଚନା କରିଥିଲେ।

ସେ ମହିଳାମାନଙ୍କୁ ସଚେତନ ହେବା ପାଇଁ ଆହ୍ୱାନ କରି ଯୌତୁକ ପ୍ରଥାର ନାଶ ମାଧ୍ୟମରେ ସମାଜରେ ସୁସ୍ଥ ପରିବେଶ ଗଠନର ଉଦ୍ଦେଶ୍ୟ



ଉଲ୍ଲେଖ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଅଖିଳ ମୋହନ ଦାସ ପ୍ରଶିକ୍ଷକ ଭାବେ ଯୌତୁକ ନିଷେଧ ଅଧିନିୟମ ୧୯୬୧ ଉପରେ ବିସ୍ତୃତ ଆଲୋଚନା କରିଥିଲେ।ଏହି ସଭାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ ପରିଚାଳନା କରିଥିଲେ।

● ଜୈବିକ ଗୁଡ଼ ଉତ୍ପାଦନ ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ

# ମହାପ୍ରସାଦ ପାଇଁ ଯୋଗାଯିବ ଜୈବିକ ଗୁଡ଼



**ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଓଡ଼ଗାଁର ସମ୍ବରରେ ଜୈବିକ ଗୁଡ଼ ଉତ୍ପାଦନ ଓ ସ୍ୱଚ୍ଛ ଆଖୁ ରସ ଉପରେ ଏକ ସୁସଂଗଠିତ କର୍ମଶାଳା ଅନୁଷ୍ଠିତ ହୋଇଛି। ପଦ୍ମଶ୍ରୀ ସାବରମତୀଙ୍କ ସମେତ ୪୦ରୁ ଅଧିକ ଆଖୁ ଚାଷୀ, କୋଟପାଡ଼, କୋରାପୁଟ ଅଞ୍ଚଳର ଗୁଡ଼ ନିର୍ମାତା, ଆଖୁ ରସ ଭେଣ୍ଡିଂ ମେସିନ୍ ନିର୍ମାତା ଏହି କର୍ମଶାଳାରେ ଯୋଗ ଦେଇ ସେମାନଙ୍କ ଅଭିଜ୍ଞତା ବାଣ୍ଟିଛନ୍ତି। ଜୈବିକ ଚାଷ ଓ ରାସାୟନିକମୁକ୍ତ ଗୁଡ଼ ଉତ୍ପାଦନ ପ୍ରକ୍ରିୟା ବିଷୟରେ କର୍ମଶାଳାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ପଦ୍ମଶ୍ରୀ ସାବରମତୀ ନୟାଗଡ ଚାଷୀଙ୍କ ଗୁଡ଼ ପ୍ରକ୍ରିୟାକରଣ ଦକ୍ଷତା ଓ ମହିଳାମାନଙ୍କ ଦ୍ୱାରା ଗୁଡ଼ରୁ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ଦକ୍ଷତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ଜୈବିକ ଗୁଡ଼ରେ ପ୍ରସ୍ତୁତ ଅନେକ ମିଷ୍ଟାନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା। ଆଲୋଚନା ଅନୁଯାୟୀ, ପୁରୀ ଶ୍ରୀମନ୍ଦିରରେ ମହାପ୍ରସାଦ ପାଇଁ ନୟାଗଡରୁ ପୁରୀକୁ ଜୈବିକ ଗୁଡ଼ ଯୋଗାଣ ନେଇ ଲକ୍ଷ୍ୟ ରହିଛି। ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ କୃଷି ନିର୍ଦ୍ଦେଶକ ଲିଟି ପଟ୍ଟନାୟକ, ଯୋଜନା ଅଧିକାରୀ, ଆଖୁ ବୈଜ୍ଞାନିକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ନୟାଗଡ଼ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଜେପି ନେତା ଯଦୁନାଥ ପାଣିଗ୍ରାହୀଙ୍କ ମାତୃ ବିୟୋଗ

● ଉପମୁଖ୍ୟମନ୍ତ୍ରୀ ଓ ବିଜେପି ସଭାପତିଙ୍କ ଶୋକ



**ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ):** ବରିଷ୍ଠ ବିଜେପି ନେତା ତଥା ନୂଆପଡ଼ାର ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଯଦୁନାଥ ପାଣିଗ୍ରାହୀଙ୍କ ମା' ଆହ୍ଲାଦିନୀ ପାଣିଗ୍ରାହୀଙ୍କର ଆଜି ଦେହାନ୍ତ ହୋଇଯାଇଛି। ତାଙ୍କ ପରଲୋକରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ସିଂହଦେଓ ଉଲ୍ଲେଖ କରିଛନ୍ତି ଯେ ଯଦୁନାଥ ପାଣିଗ୍ରାହୀଙ୍କ ମା' ଆହ୍ଲାଦିନୀ ପାଣିଗ୍ରାହୀଙ୍କର ୮୮ ବର୍ଷ ବୟସରେ ଆଜି ଭୋର୍ ୫ଟା ସମୟରେ ଦେହାନ୍ତ ହୋଇଥିବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ସେ ଜଣେ ମିଷ୍ଟଭାଷୀ, ସ୍ନେହବତ୍ସଳା, ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ଯଦୁନାଥ ପାଣିଗ୍ରାହୀଙ୍କ ରାଜନୈତିକ ଜୀବନରେ ତାଙ୍କର ବିଶେଷ ଅବଦାନ ମଧ୍ୟ ଥିଲା। ଏପରି ଏକ ଦୁଃଖଦ ସମୟକୁ ସାମନା କରିବା ସକାଶେ ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀ ପାଣିଗ୍ରାହୀଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ପବିତ୍ର କାର୍ତ୍ତିକ ମାସରେ ପରଲୋକଗାମୀ ଶ୍ରୀମତୀ ଆହ୍ଲାଦିନୀଙ୍କ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ସେ ଏକ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତାଃ ପାଣିଗ୍ରାହୀ ଜଣେ ମିଷ୍ଟଭାଷୀ, ସ୍ନେହବତ୍ସଳା, ଧର୍ମପରାୟଣ ମହିଳା ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏହି ଦୁଃଖ ସହିବା ସକାଶେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ମହାପ୍ରଭୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ଶ୍ରୀ ସାମଲ୍ ପ୍ରାର୍ଥନା କରିଛନ୍ତି।

# ମଦ ବ୍ୟବସାୟୀଙ୍କ ଘରୁ ୧୩ ଲକ୍ଷ ଟଙ୍କା ସହ ୫୫ ଦେଶୀ ମଦ ବୋତଲ ଜବତ



**କଟକ,୧୪।୧୦(ସଂଚାର ବ୍ୟୁରୋ):** ମଦ ବ୍ୟବସାୟୀଙ୍କ ଘରୁ ଜବତ ହେଲା ନଗଦ ୧୩ ଲକ୍ଷ ଟଙ୍କା। କଟକ ବୟାଳିସ ମୌଜା ଅଞ୍ଚଳରେ ଚୋରା ଦେଶୀମଦ କାରବାର ଅଭିଯୋଗରେ ଜଣେ ମଦ ବ୍ୟବସାୟୀକୁ ଗିରଫ କରିଛି କମିଶନରେଟ ପୋଲିସ। ତାଡପଡା ସ୍ଥିତ ଅଭିଯୁକ୍ତଙ୍କ ଘରୁ ମୋଟ ୧୧ ଲିଟର, ୫୫ଟି ଦେଶୀ ମଦ ବୋତଲ ଜବତ କରିଛି କମିଶନରେଟ ପୁଲିସ। ଗିରଫ ଚୋରା ମଦ ବ୍ୟବସାୟୀଙ୍କ ନାଁ ସୁମନ ଭୋଇ। ଅଭିଯୁକ୍ତ ନାଁରେ କେବଳ ବୟାଳୀସ ମୌଜା ଥାନାରେ ୧୪ଟି ମାମଲା ରହିଥିବା କଟକ ଡିସିପି ସୂଚନା ଦେଇଛନ୍ତି।

## ସବୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜେଲ୍ ଡିଜିଙ୍କ ଚିଠି

# ଜେଲ୍‌କୁ ସରପ୍ରାଇଜ୍ ଭିଜିଟ୍ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର ୧୪।୧୦(ସଂଚାର ବ୍ୟୁରୋ):** ଗୃହ ବିଭାଗର ଚିଠି ପରେ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପି ମାନଙ୍କୁ ଚିଠି କରିଛି ଜେଲ୍ ବିଭାଗ। ଜେଲ୍ ମାନୁଆଲ ଅନୁଯାୟୀ ପ୍ରତି ମାସରେ ଜେଲ୍ ପରିଦର୍ଶନ କରିବେ ଜିଲ୍ଲାପାଳ ଓ ଏସ୍‌ପି। ଜେଲ୍‌ର ସିକ୍ୟୁରିଟି ସମ୍ପର୍କରେ ଜେଲ୍ ବିଭାଗକୁ ଅବଗତ କରାଇବେ ଏହି ଦୁଇ ବିଭାଗର ଅଧିକାରୀ। ଏଥି ସହିତ ଜେଲ୍ ଭିତରେ ଅବକାରୀ ସାମଗ୍ରୀକୁ ତଦାରଖ କରି ରିପୋର୍ଟ ଦେବେ। ସିସିଟିଭି ଚେକ୍ କରି ତାହା କାର୍ଯ୍ୟକାରୀ ହେଉଛି କି ନାହିଁ, ତା'ର ବିବରଣୀ ପ୍ରଦାନ କରିବେ। ଜେଲ୍ ଭିତରେ କଏଦୀଙ୍କ ପାଇଁ ରହିଥିବା ଟଏଲେଟ ସଫାସୁତୁରା ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବେ। ପ୍ରତି କଏଦୀଙ୍କୁ ଯେଉଁ ଖାଦ୍ୟ ଦିଆଯାଉଛି ତା'ର ମାନ ଠିକ୍ ଅଛି କି ନାହିଁ ତାର ମଧ୍ୟ ରିପୋର୍ଟ ପ୍ରଦାନ କରିବେ। ଜେଲ୍ ଭିତରେ କଏଦୀ ମାନଙ୍କର ସ୍ୱାସ୍ଥ୍ୟ ଠିକ୍ ଅଛି କି ନାହିଁ ତା'ର ରିପୋର୍ଟ ପ୍ରତି ମାସରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରିବା ପାଇଁ କୁହାଯାଇଛି। ଜେଲ୍ ଭିତରେ କଏଦୀମାନଙ୍କର ଯୋଗ ସହିତ ଶାରୀରିକ ବ୍ୟାୟାମ କରାଯାଉଛି କି ନାହିଁ ତା'ର ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି।

## ଡିସିଙ୍କୁ ଭେଟିଲେ ଜାପାନୀ ପ୍ରତିନିଧି

# ଶିଳ୍ପ ଓ ବୈଷୟିକ ବିଦ୍ୟା ଆଦାନପ୍ରଦାନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ):** ଜାପାନର ତୋତୋରି ପ୍ରିଫେକ୍ଟରାଲ ସରକାରଙ୍କ ଏକ ୮ଜଣିଆ ପ୍ରତିନିଧି ଦଳ ସୋମବାର ରାଜ୍ୟ ଉନ୍ନୟନ କମିଶନର (ଡିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ତୋତୋରି ସରକାରଙ୍କ ବାଣିଜ୍ୟ ଓ ଲଜିଷ୍ଟିକ୍ ବିଭାଗର ନିର୍ଦ୍ଦେଶକ ଆକିଫୁମି ସିମିଜୁ ଓ ବିଭାଗର ପ୍ରବାସୀ ବାଣିଜ୍ୟ ସହାୟତା ମୁଖ୍ୟ ରୋସୁକେ ୟାମାଗୁଚିଙ୍କ ସହ ଜାପାନର ଅନ୍ୟ ବାଣିଜ୍ୟ ଓ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ। ଗତବର୍ଷ ଅଗଷ୍ଟରେ ତୋତୋରି ପ୍ରିଫେକ୍ଟରାଲ ସରକାରଙ୍କ ଏହି ପ୍ରତିନିଧି ଦଳ ପ୍ରଥମେ ଓଡ଼ିଶା ପରିଦର୍ଶନ କରିଥିଲେ। ଜାପାନ ପ୍ରଧାନମନ୍ତ୍ରୀ ତଥା ତୋତୋରିର ମୂଳ ଅଧିବାସୀ ରାଜନେତା ସିଙ୍ଗେରୁ ଇସିବା ଗତ ଅଗଷ୍ଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ପରିଦର୍ଶନରେ ଯାଇ ପ୍ରଧାନମନ୍ତ୍ରୀଙ୍କ ସହ ଏକ ବୈଠକରେ ଯୋଗଦେଇ ଭାରତ ଓ ଜାପାନ ମଧ୍ୟରେ ବ୍ୟାବସାୟିକ ଓ ବୈଷୟିକ ବିଦ୍ୟା ଆଦି କ୍ଷେତ୍ରରେ ସହଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦୃଷ୍ଟିରୁ ତୋତୋରିରୁ ଆସିଥିବା ଏହି ପ୍ରତିନିଧି ଦଳ ସହ ଉନ୍ନୟନ କମିଶନରଙ୍କ ବୈଠକ ଓଡ଼ିଶା ସହ ତୋତୋରି ସରକାରଙ୍କ ସହଯୋଜନା ନେଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଆଗ୍ରହପ୍ରଦ ଥିଲା।

ଶ୍ରୀମତୀ ଗର୍ଗ ମଧ୍ୟ ଗତମାସରେ ଭାରତୀୟ ଦୂତାବାସ ପକ୍ଷରୁ ଆୟୋଜିତ ତୋତୋରି ଦିବସରେ ଆଭାସୀ ମାଧ୍ୟମରେ ଯୋଗଦେଇ ଭାରତ-ଜାପାନ ସହଭାଗିତା ଓ ତୋତୋରି ସମ୍ପର୍କିତ ଆଲୋଚନାରେ ଜଳ ସମ୍ପଦର ବିକାଶ ଓ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତୋତୋରିର ବୈଷୟିକ ବିଶେଷଜ୍ଞତା ଓ ଜଳ ପରିଚାଳନାକୁ ଆଧାର କରି ଓଡ଼ିଶାର ଜଳବାୟୁ ସହନଶୀଳ ଜଳସମ୍ପଦ ଭିତ୍ତିଭୂମି, ଭୂତଳ ଜଳ ସଂରକ୍ଷଣ ଓ ଉପକୂଳ ପରିଚାଳନା ସମ୍ପର୍କରେ ଶ୍ରୀମତୀ ଗର୍ଗ ତୁଳନାତ୍ମକ ଅଭିବ୍ୟକ୍ତି ପ୍ରକାଶ କରିବା ସହ ଏ କ୍ଷେତ୍ରରେ ସହଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ରାଜ୍ୟ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇପିଏସ ଅଧିକାରୀଙ୍କ ପାଇଁ ନ୍ୟାୟ ଦାବିକଲା କଂଗ୍ରେସ



**ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ):** ହରିଆନାର ୨୦୦୧ ବ୍ୟାଚର ଆଇପିଏସ ଅଫିସର ୱାଇ ପୂରନ କୁମାରଙ୍କ ମୃତ୍ୟୁ ଓ ତାଙ୍କ 'ସୁଇସାଇଡ ନୋଟ' ଅନୁଯାୟୀ ହରିଆନା ସରକାର ପଦକ୍ଷେପ ନେଉନଥିବାରୁ ଏହାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମାଲୋଚନା କରିଛି। ଶ୍ରୀ କୁମାର ଜଣେ ଅନୁସୂଚିତ ଜାତିବର୍ଗର ଅଫିସର ଥିଲେ ଓ ସେ ସର୍ବଦା ଚାକିରୀ ଏବଂ ପଦୋନ୍ନତି କ୍ଷେତ୍ରରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଅଧିକାରୀମାନଙ୍କର ଆନୁପାତିକ ସଂରକ୍ଷଣ ସପକ୍ଷରେ ସ୍ୱର ଉତ୍ତୋଳନ କରିଆସୁଥିଲେ। ତେବେ ଗତ ୭ ତାରିଖରେ ସେ ଲେଖିଥିବା ୯ ପୃଷ୍ଠା ବିଶିଷ୍ଟ 'ସୁଇସାଇଡ' ନୋଟ ଅନୁଯାୟୀ ହରିଆନା ପୁଲିସ ଡିଜି ଶତ୍ରୁଜିତ କପୁର ଓ ଅନ୍ୟ ୧୬ ଜଣ ଆଇଏଏସ ଓ ଆଇପିଏସ ଅଧିକାରୀ ତାଙ୍କୁ ଜାତିଗତ ନିର୍ଯାତନା ଦେଇଥିଲେ। କିନ୍ତୁ ଏହା ସତ୍ତ୍ୱେ ବି ହରିଆନା ସରକାର ଅଦ୍ୟାବଧି ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନେଇନାହାନ୍ତି। ବରଂ ସେଠାକାର ବିଜେପି ସରକାର ଡିଜିଙ୍କୁ ବଞ୍ଚାଇବା ପାଇଁ ତାଙ୍କୁ ଲମ୍ବା ଛୁଟିରେ ପଠେଇଦେଇଛନ୍ତି। ଏହାଛଡ଼ା ଶ୍ରୀ କୁମାରଙ୍କ ଧର୍ମପତ୍ନୀ ଅମନିତ ପି କୁମାର ସୁଇସାଇଡ ନୋଟରେ ଉଲ୍ଲେଖ ଥିବା ଅଧିକାରୀମାନଙ୍କ ବିରୋଧରେ ଏତଲା ରୁଜୁ କରିଥିଲେ ବି ଅଦ୍ୟାବଧି ସରକାରଙ୍କ ପଦକ୍ଷେପ ଶୂନ ରହିଛି। ଆଜି ସଂସଦର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଶ୍ରୀ କୁମାରଙ୍କ ପରିବାରକୁ ଭେଟି ତାଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ତେଣୁ ପିସିସି ମଧ୍ୟ ଶ୍ରୀ କୁମାରଙ୍କ ସୁଇସାଇଡ ନୋଟରେ ଉଲ୍ଲେଖ ଥିବା ସମସ୍ତ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବା ସକାଶେ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ, ପିସିସି ସମ୍ପାଦିକା ଅନିମା ମିଞ୍ଜ ଉପସ୍ଥିତ ଥିଲେ।

# ୫୦ ଲକ୍ଷ ଟଙ୍କାର ବାଣ ଜବତ

**ଗଜପତି,୧୪।୧୦(ସଂଚାର ବ୍ୟୁରୋ):** ଚାଲିଥିଲା ବେଆଇନ ବାଣ ବିକ୍ରି। ଚଢ଼ଉ କରି ଜବତ କଲା ପୋଲିସ। ମଙ୍ଗଳବାର ପାରଳାଖେମୁଣ୍ଡି ପୋଲିସ ସହରର ରେଲି ସାହିରେ ବେଆଇନ ବାଣ ବିକ୍ରି ଅଭିଯୋଗରେ ଚଢ଼ଉ କରିଛି। ଏହି ଚଢ଼ଉରେ ଦୁଇଟି ଦୋକାନର ଗୋଦାମରୁ ପ୍ରାୟ ୫୦ଲକ୍ଷ ଟଙ୍କାର ବାଣ ଜବତ କରିଛି ପୋଲିସ। ତେବେ ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନଥିଲେ ବି ପୋଲିସ ଏହି ଦୁଇ ଦୋକାନ ଏବଂ ଗୋଦାମରେ ମହଜୁଦ ଥିବା ବାଣର ପରିମାଣ ଆକଳନ କରୁଛି। ଏହି ବେଆଇନ ବାଣ କାରବାରରେ ଯେଉଁମାନେ ସଂଶ୍ଲିଷ୍ଟ ଅଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଏସପି ଜତୀନ୍ଦ୍ର କୁମାର ପଣ୍ଡା।

# ଆପତ୍ତିଜନକ ଏଆଇ ଭିଡିଓ କରି ଗିରଫ ହେଲେ ଯୁବକ

**କଟକ,୧୪।୧୦(ସଂଚାର ବ୍ୟୁରୋ):** ଆପତ୍ତିଜନକ ଏଆଇ ଭିଡିଓ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ଏଆଇ ଭିଡିଓ କରି ସୋସିଆଲ ମିଡିଆରେ ଛାଡୁଥିଲେ ଉକ୍ତ ଅଭିଯୁକ୍ତ ଜଣଙ୍କ। ତେଣୁ ତାଙ୍କୁ ସାଇବର୍ ଥାନା ପୁଲିସ୍ ଗିରଫ କରିଛି। ଅଧିକ ଭିଉ ସହ ଟଙ୍କା ରୋଜଗାର କରିବା ଲକ୍ଷ୍ୟ ନେଇ ଅଭିଯୁକ୍ତ ଜଣଙ୍କ ଏପରି ଆପତ୍ତିଜନକ ଫଟୋ ପୋଷ୍ଟ୍ କରିଆସୁଥିଲେ। ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ସାଲେପୁର ଅଞ୍ଚଳର ବିଶ୍ୱବଲ୍ଲଭ ନନ୍ଦ। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଜଣଙ୍କ ରାଜନୈତିକ ବ୍ୟକ୍ତିବିଶେଷ ଓ ସେଲିବ୍ରିଟି ପରି ପବ୍ଲିକ ଫିଗରଙ୍କ ଆପତ୍ତିଜନକ ଏଆଇ ଭିଡିଓ ପୋଷ୍ଟ୍ କରିଆସୁଥିଲେ। ତେବେ ସାଇବର୍ ଥାନା ପୁଲିସ୍ ତାଙ୍କୁ ଆଜି ଗିରଫ କରିବା ସହ ତାଙ୍କଠାରୁ ଏକ ମୋବାଇଲ ଫୋନ୍, କିଛି ସ୍କ୍ରିନ ଶଟ୍ ମଧ୍ୟ ଜବତ କରିଛି। ଏଥିସହ ସୋସିଆଲ୍ ମିଡିଆରେ ସକ୍ରିୟ ଥିବା ଯୁବପିଢ଼ି କୌଣସି ଅଜଣା ଅଚିହ୍ନା ବ୍ୟକ୍ତିଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ୍ ଗ୍ରହଣ ନ କରିବା ସହ କୌଣସି ବ୍ୟକ୍ତିଗତ ତଥ୍ୟ କିମ୍ବା ଫଟୋ ଓ ଭିଡିଓ ଆଦି ଶେୟାର ନ କରିବାକୁ କଟକ ଡିସିପି ଅପିଲ କରିଛନ୍ତି। ଏଥିସହ କେହି କୌଣସି କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ତୁରନ୍ତ ସାଇବର ହେଲ୍ପ ଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବାକୁ ମଧ୍ୟ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି କହିଛନ୍ତି।

# ମହଙ୍ଗା ପଡ଼ିଲା ଅର୍ଥ ହେରଫେର୍, କନିଷ୍ଠ କିରାଣୀ ନିଲମ୍ବିତ

**ଅନୁଗୁଳ,୧୪।୧୦(ସଂଚାର ବ୍ୟୁରୋ):** ମହଙ୍ଗା ପଡ଼ିଲା ଅର୍ଥ ହେରଫେର୍। ସରକାରୀ ଚହବିଲ୍‌ରୁ ଟଙ୍କା ହଡ଼ପ ପ୍ରମାଣ ହସ୍ତଗତ ହେବା ପରେ ନିଲମ୍ବିତ ହୋଇଛନ୍ତି ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟସ୍ ବିଭାଗର କନିଷ୍ଠ ସହାୟକ ସୁବ୍ରତ ବେହେରା। ଅର୍ଥ ହେରଫେର୍ କରିବା ଅଭିଯୋଗରେ ତାଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ ପ୍ରକାଶ କରିଛନ୍ତି। ୨୦୦୭ରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ସୁବ୍ରତ କାର୍ଯ୍ୟ କରୁଛନ୍ତି। ସୁବ୍ରତ ଆକାଉଣ୍ଟସ୍ ବିଭାଗ ସମ୍ଭାଳିବା ପରଠାରୁ କର୍ମଚାରୀଙ୍କ ଦରମାରେ କୋଟି କୋଟି ଟଙ୍କା ହେରଫେର୍ ହୋଇଛି। ସେ ତାଙ୍କର ମୂଳ ଦରମାଠାରୁ କାହିଁ କେତେଗୁଣ ଉଠାଇ ନେଇଛନ୍ତି। ଏପରିକି ଡାକ୍ତର, କର୍ମଚାରୀଙ୍କୁ ମନଇଚ୍ଛା ଦରମା ବାଣ୍ଟିଛନ୍ତି। ଏହି ଟଙ୍କା ହଡପ ନେଇ ଖୋଦ୍ ଆକାଉଣ୍ଟାଣ୍ଟ୍ ଜେନେରାଲ୍(ଏଜି) ଅଫିସ୍ ଧରିଛି। ଆକାଉଣ୍ଟାଣ୍ଟ୍ ଜେନେରାଲ୍ ଓ ରାଜ୍ୟ ଅର୍ଥ ବିଭାଗର ଏକ ୪ ଜଣିଆ ଟିମ୍ ଗତ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଅନୁଗୁଳ ସିଡିଏମ୍‌ଓ ଓ ଏଡିଏମ୍‌ଓ (ମେଡ଼ିକାଲ)ଙ୍କ କାର୍ଯ୍ୟାଳୟରେ ଛାନ୍‌ଭିନ୍ କରି ବସ୍ତା ବସ୍ତା କାଗଜାତ୍ ଧରି ଫେରିଥିଲେ। ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଅଡିଟ୍ ଜାରି ରଖିଥିବା ବେଳେ ସୁବ୍ରତ ଛୁଟିରେ ଅଛନ୍ତି। ଯଦିଓ ସିଡିଏମ୍‌ଓ ଛୁଟି ପାଇଁ ଅନୁମତି ଦେଇନଥିଲେ, ସେ ମେଲ୍ ପଠାଇ ଛୁଟିରେ ରହିଥିବା ବେଳେ ତାଙ୍କୁ ନିଲମ୍ବନ କରାଯାଇଛି।

# ୩୧ରୁ ପାଳନ ହେବ ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ

## ପ୍ରତି ସଂସଦୀୟ କ୍ଷେତ୍ରରେ 'ସର୍ଦ୍ଦାର@୧୫୦ ଏକତା ପଦଯାତ୍ରା'



**ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ):** ୫୬୨ଟି ରାଜାଙ୍କ ଦ୍ୱାରା ଶାସିତ ହେଉଥିବା ରାଜ୍ୟକୁ ଦେଶରେ ମିଶାଇ ବିରାଟ ଦେଶ ଗଠନର ପ୍ରମୁଖ ବିନ୍ଧାଣୀ ସାଜିଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶ ପ୍ରତି ଅବଦାନ ଚିରସ୍ମରଣୀୟ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଓ ଯୁବପିଢ଼ି ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତ୍ତବ୍ୟ ଭାବନାକୁ ଜାଗ୍ରତ କରିବା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ୧୫୦ତମ ଜୟନ୍ତୀକୁ ଆସନ୍ତା ୩୧ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିବେ ବୋଲି ବିଜେପି ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ୩ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୩୧ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରତି ସଂସଦୀୟ କ୍ଷେତ୍ରରେ ୩ ଦିନ ଧରି 'ସର୍ଦ୍ଦାର @୧୫୦ ଏକତା ପଦଯାତ୍ରା' ଆୟୋଜିତ ହେବ। ଏଥିରେ ସ୍କୁଲ କଲେଜ ସହ ଯୁବବର୍ଗ, ଯୁବ ଅନୁଷ୍ଠାନ, ସାମାଜିକ ସଂଗଠନ, ଆଧ୍ୟାତ୍ମିକ ସଂଗଠନ ସମେତ ସାଧାରଣ ଜନତା ଯୋଗହେବେ। ପ୍ରତିଦିନ ୮ରୁ ୧୦ କିମି ପଦଯାତ୍ରା ହେବ। ଏନେଇ ରାଜ୍ୟ କାର୍ଯ୍ୟାଳୟରେ ଏକ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ସାଂସଦ କବିତା ପଟିଦାର, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯୋଗଦେଇଥିଲେ।

# ସାଇକେଲରେ ଯାଇ ଗୁହାରି ଶୁଣିଲେ ବିଡିଓ

## 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବାର୍ତ୍ତା ଦେଲେ



**ସୁବର୍ଣ୍ଣପୁର,୧୪।୧୦(ସଂଚାର ବ୍ୟୁରୋ):** ସାଇକେଲରେ ଯାଇ ଲୋକଙ୍କ ଗୁହାରି ଶୁଣିଲେ ବିଡିଓ। ଏକେଉଁ ମନଗଢା କାହାଣୀ କି ସିନେମାର ଦୃଶ୍ୟ ନୁହେଁ, ଜଣେ ମଣିଷ ଜୀବନର ବାସ୍ତବିକ ଘଟଣା। ଯାହାକି ମନକୁ ଛୁଇଁଲା ଭଳି କଥାଟିଏ। ଏ ସମାଜରେ ସଭିଏ ନିଜ ନିଜ କାମରେ ବ୍ୟସ୍ତ। କାହାକୁ କାହା କଥା ଭାବିବାକୁ ବି ସମୟ ନାହିଁ। କିନ୍ତୁ ଏହାରି ଭିତରେ ଜଣେ ବିଡିଓ କିଛି ଭିନ୍ନ କରି ଆଜି ବେଶ ଚର୍ଚ୍ଚାରେ ଅଛନ୍ତି। କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକର ବିଡିଓ ସଂଜୀବ କୁମାର ସାହୁ। ସୋମବାର ଦିନ ଏକ ଜଣଶୁଣାଣି ଥିବାବେଳେ ନିଜ ଗାଡିରେ ନଯାଇ ସେ ସାଇକେଲରେ ବାହାରି ଯାଇଥିଲେ। ଆଉ ୧୫ କିମି ଦୂର କଳାପଥର ପଞ୍ଚାୟତରେ ହେବାକୁ ଥିବା ଜଣଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଥିଲେ।

ସେଠାରେ ପହଞ୍ଚିବା ପରେ ଅପେକ୍ଷା କରିଥିବା ଲୋକଙ୍କ ଗୁହାରି ଶୁଣିଛନ୍ତି। ତାଙ୍କ କହିବା ଅନୁସାରେ କାର୍ଯ୍ୟାଳୟରେ କାମ କରିବା ସହିତ ସମୟ ବାହାର କରି ସ୍ୱାସ୍ଥ୍ୟ ପାଇଁ ମଧ୍ୟ କିଛି କରିବା ଦରକାର। ଆଜିକାଲିର ଲୋକମାନେ ଅଳସୁଆ ହେବା ସହ ଶରୀରର ଯତ୍ନ ନେଉନାହାନ୍ତି। ତେଣୁ ସେ ଚିନ୍ତା କରିଲେ ଲୋକଙ୍କର ସେବା କରିବା ସହ ସଚେତନତା ପାଇଁ ନିଜେ ଏଭଳି ଉଦ୍ୟମ କରିଥିବା କହିଛନ୍ତି ସୋନପୁର ବିଡିଓ। ଅପରପକ୍ଷରେ ବିଡ଼ିଓଙ୍କ ଏଭଳି କାର୍ଯ୍ୟକୁ ଚାରି ଆଡୁ ପ୍ରଶଂସାର ସୁଅ ଛୁଟୁଛି। ସତରେ ବିଡ଼ିଓଙ୍କ ଏଭଳି ବିଚାରଧାରା ଖୁବ ପ୍ରଶଂସନୀୟ।

## ଓଡ଼ିଶା ପୂର୍ବ ପ୍ରାନ୍ତ ଓ ଜିଲ୍ଲା ପରିଚୟ ବର୍ଗ ବୈଠକ

# ଶୋଷଣମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ




**ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପୂର୍ବ ପ୍ରାନ୍ତ ଓ ଜିଲ୍ଲା ପରିଚୟ ବର୍ଗ ବୈଠକ ଏଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଦିନକର ଶବନିସ ଯୋଗଦେଇଥିଲେ। ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ, ଉପସଭାପତି ଓଡିଶା ପୂର୍ବପ୍ରାନ୍ତ ମହେନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରୀୟ ପ୍ରଭାରୀ ଓଡ଼ିଶା ପୂର୍ବ ଦୀପକ ମହାନ୍ତି, ପୂର୍ବ କ୍ଷେତ୍ର ସହ ସଂଗଠନ ମନ୍ତ୍ରୀ ବଦ୍ରିନାରାୟଣ ମହାରଣା ଓ ସହ ପ୍ରାନ୍ତ କାର୍ଯ୍ୟବାହ ଆର୍‌ଏସ୍‌ଏସ୍ ପାଳକ ସୁଦର୍ଶନ ଦାସ, ସମ୍ପାଦକ ପୂର୍ବ ପ୍ରାନ୍ତ ଅଭୟ ଅନିର୍ବାଣ, ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ସ୍ନେହାଂଶୁ ପଟ୍ଟନାୟକ, ଭୁବନେଶ୍ୱର ମହାନଗର ସଭାପତି ଅଜୟ କୁମାର ଚୌଧୁରୀ, ସମ୍ପାଦକ ଭୁବନେଶ୍ୱର ମହାନଗର ନିଗମ ଉଜ୍ଜ୍ୱଳ ପଣ୍ଡା, ମହାନଗର ପ୍ରଭାରୀ ତଥା କୋଷାଧ୍ୟକ୍ଷ ବିଧୁଭୂଷଣ ନାୟକ ଓ ମହିଳା ପ୍ରମୁଖ ଭୁବନେଶ୍ୱର ମହାନଗର ନିଗମ ସସ୍ମିତା ମଙ୍ଗରାଜ ଯୋଗଦେଇଥିଲେ। ଗ୍ରାହକମାନଙ୍କର ଅଧିକାରକୁ ସମାଜର ସମସ୍ତ ବର୍ଗ ମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟ ନେଇ କାଯ୍ୟ କରିବା ସହ ଆଇନଗତ ସହଯୋଗ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା।

# ମାଓବାଦୀରୁ ଜୀବନ ସାଥୀ, ବନ୍ଧୁକ ବଦଳରେ ବରଣମାଳା

**ମାଲକାନଗିରି,୧୪।୧୦(ସଂଚାର ବ୍ୟୁରୋ):** ବନ୍ଧୁକ ଧରା ହାତରେ ଲାଗିଛି ମେହେନ୍ଦି। ଦିନେ ଘଞ୍ଚ ଜଙ୍ଗଲରେ ବୁଲୁଥିଲେ, ନିରୀହ ଜୀବନ ନେଉଥିଲେ। ଏବେ ସେଇ ହାତ ସମାଜର ମଙ୍ଗଳ ପାଇଁ ଉଠିଛି। ସମାଜର ମୁଖ୍ୟ ଧାରାକୁ ଫେରିଛନ୍ତି ଦୁଇ ସାଥୀ। ଖାଲି ଫେରିନାହାନ୍ତି ତ ହାତକୁ ଦୁଇ ହାତ ହୋଇ ସୃଷ୍ଟି କରିଛନ୍ତି ଉଦାହରଣ। ପରିବର୍ତ୍ତନ ଓ ବିଶ୍ୱାସର ନିଚ୍ଛକ କାହାଣୀ ବୟାନ କରୁଛି ଅନେକ କିଛି। ଆତ୍ମସମର୍ପଣ କରିଥିବା ଦୁଇ ମାଓବାଦୀ ଏବେ ଥାନାରେ କରିଛନ୍ତି ବିବାହ। ବେକରେ ବରଣମାଳା ପଡିଛି ଆଉ ପୂରା ଧୂମଧାମ୍ ରେ ହୋଇଛି ବାହାଘର। ସାଗର ଡିର୍ଡୋ ଓ ସଚିଲା ମାଣ୍ଡାଭି ସାତ ଜନମର ସାଥୀ ହୋଇ ଚାଲିବାର ନିଷ୍ପତ୍ତି ନେଇଛନ୍ତି। ଛତିଶଗଡ଼ ମାଓ ପ୍ରଭାବିତ କାଙ୍କେର ଜିଲ୍ଲାର ପାଖାଞ୍ଜୁରରୁ ଚିତ୍ର ବୟାନ କରୁଛି ଅନେକ କିଛି। ବୈଦିକ ରୀତିନୀତିରେ ପଡିଥିଲା ହାତଗଣ୍ଠି। ବିବାହ ମଣ୍ଡପ ପାଲଟିଥିଲା ପାଖାଞ୍ଜୁର ପୋଲିସ ପୋଷ୍ଟ। ପଡୁଥିଲା ଫୁଲ, ବାଜୁଥିଲା ବାଜା। ସାକ୍ଷୀ ସାଜିଥିଲେ କିଛି ଖାକି ବାବୁଙ୍କ ସହ ଦେଖଣାହାରୀ। ଏମିତିକି କନ୍ୟାଦାନ ବି କରିଥିଲେ ପୋଲିସ କର୍ମଚାରୀ। ବିବାହ କେବଳ ଦୁଇଟି ମନର ମିଳନ ନୁହେଁ, ବରଂ ଚିନ୍ତାଧାରାର ବିଜୟ। ଯାହା ସମାଜକୁ ବନ୍ଧୁକ ସହିତ ନୁହେଁ, ବରଂ ବିଶ୍ୱାସ ସହିତ ଏକ କରିବ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ କି, ବର ସାଗର ଏବଂ କନ୍ୟା ସଚିଲା ଏବେ ଗୁପ୍ତ ସେବାକାରୀ ଭାବରେ କାର୍ଯ୍ୟ କରୁଛନ୍ତି। ଅର୍ଥାତ୍ ସେମାନେ ବର୍ତ୍ତମାନ ସେହି ବ୍ୟବସ୍ଥାର ଅଂଶ ଯିଏ ପୂର୍ବରୁ ସେମାନଙ୍କୁ ବିରୋଧ କରୁଥିଲା। ଧୀରେ ଧୀରେ ସେମାନେ ପରସ୍ପର ସହିତ ପରିଚିତ ହୋଇଥିଲେ ଓ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେପଟେ ଏପରି ବିବାହକୁ ନେଇ ସବୁଠି ମିଳିଛି ବାହା ବା। ଷ୍ଟେସନ ଇନଚାର୍ଜଙ୍କଠାରୁ ସ୍ଥାନୀୟ ଗ୍ରାମବାସୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ବାରି ହୋଇପଡୁଥିଲା ଖୁସି ଓ ଆନନ୍ଦର ପରିଭାଷା। ପଖାଞ୍ଜୁର ପୋଲିସ ଷ୍ଟେସନ କେବଳ ଆଇନ ଶୃଙ୍ଖଳାର କେନ୍ଦ୍ର ନୁହେଁ ବରଂ ନୂତନ କାହାଣୀର ଜନ୍ମସ୍ଥାନ ଥିଲା ବୋଲି ଚର୍ଚ୍ଚା ହେଉଛି।

# ପୂର୍ତ୍ତ ବିଭାଗରେ ପଦବୀ ଖାଲି - କାର୍ଯ୍ୟ ବ୍ୟାହତ

**ଭୁବନେଶ୍ୱର,୧୪।୧୦:** ପୂର୍ତ୍ତ ବିଭାଗରେ ପ୍ରାୟ ୬୦ ପ୍ରତିଶତ ପଦବୀ ଖାଲି ପଡିଥିବାରୁ ସଡକ, ପୋଲ, କୋଠାବାଡି ଆଦିର ନିର୍ମାଣ ଏବଂ ରକ୍ଷଣା ବେକ୍ଷଣ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସରକାର ବି ଯେତିକି ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରିବାକୁ ଚାହୁଁଛନ୍ତି, ସେଥିରେ ଆଇନ୍‌ଗତ ସମସ୍ୟା ସୃଷ୍ଟି କରାଯାଉଥିବାରୁ ତାହା ମଧ୍ୟ ପୂରଣ ହୋଇପାରୁ ନାହିଁ। ଏବେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ପଦବୀ ପୂରଣ ଲାଗି ପ୍ରାୟ ଛଅମାସ ହେବ ଅଦାଲତି ଲଢେଇ ଚାଲିଥିବାବେଳେ ଗତବର୍ଷ ସେପ୍ଟେମ୍ବର ମାସରୁ ଏହି ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ୩ ଶହରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରିବା ପାଇଁ ଗତବର୍ଷ ସେପ୍ଟେମ୍ବରରେ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବସିଥିଲା। କିନ୍ତୁ କମିଟିର ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ସ୍ଥିରୀକୃତ ପ୍ରଣାଳୀର ଉଲ୍ଲଙ୍ଘନ କରୁଥିବାରୁ ଏଥି ସହ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ପ୍ରତିନିଧି ସହମତ ହୋଇନଥିଲେ। ଏ ପ୍ରସଙ୍ଗରେ ଆଇନ୍ ବିଭାଗର ପୂର୍ବରୁ ମତାମତ ଲୋଡାଯାଇଥିଲା। ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟର ତର୍ଜମା କରି ଆଇନ୍ ବିଭାଗ ମତ ଦେଇଥିଲେ ଯେ ସଂରକ୍ଷିତବର୍ଗର ବରିଷ୍ଠ ପ୍ରାର୍ଥୀଙ୍କୁ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ଅଣସଂରକ୍ଷିତ ଆସନରେ ପଦୋନ୍ନତି ଦିଆଯାଇ ପାରିବ ବୋଲି। ଏହି ଆଧାରରେ ଚଳିତବର୍ଷ ମାର୍ଚ୍ଚ ମାସରେ ପୁଣିଥରେ ଡିପିସି ବସିଥିଲା।

ତେବେ ଡିପିସିର ଏହି ସୁପାରିଶ୍ ଉପରେ ସରକାରଙ୍କ ଅନୁମୋଦନ ମିଳିବାପାଇଁ ବିଳମ୍ବ ହୋଇଥିବାବେଳେ ଅଣସଂରକ୍ଷିତବର୍ଗର କେତେକ କନିଷ୍ଠ ସହକାରୀ ଯନ୍ତ୍ରୀ ଆଇନ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତି କଟକଣା ଯୋଗୁଁ କେବଳ ଯେଉଁ ବରିଷ୍ଠ ଯନ୍ତ୍ରୀମାନେ ଅବସର ଗ୍ରହଣ କରିବାର ଥିଲା କେବଳ ଅଣସଂରକ୍ଷିତବର୍ଗର ସେହିମାନଙ୍କୁ ପଦୋନ୍ନତି ଦିଆଗଲା। ଫଳରେ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତବର୍ଗର ୩ଶହରୁ ଅଧିକ ଆଶାୟୀ ପଦୋନ୍ନତି ନପାଇ ନ୍ୟାୟ ପାଇଁ ଦଉଡିଛନ୍ତି। ଜଣେ ବରିଷ୍ଠ ଅଧିକାରୀ ଏହି ପ୍ରସଙ୍ଗ ସ୍ୱୀକାର କରି କହିଛନ୍ତି ଯେ ୩ଶହରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ ହୋଇସାରିଥିଲେ ସମାନ ସଂଖ୍ୟକ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯାଇଥାନ୍ତା ଏବଂ ସେମାନଙ୍କ ସ୍ଥାନରେ ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ଆଉ ୩ଶହରୁ ଅଧିକ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପାଇଥାନ୍ତେ। ମୋଟାମୋଟି ଭାବେ ଏହି ଗୋଳମାଳିଆ ଅବସ୍ଥାରେ ପ୍ରାୟ ହଜାରେ ଯନ୍ତ୍ରୀ ପଦବୀ ପୂରଣ ହୋଇପାରୁ ନାହିଁ। ସଂରକ୍ଷଣ ପ୍ରସଙ୍ଗକୁ ନେଇ ବରିଷ୍ଠତା ତାଲିକାର ଢେର ତଳେ ଥିବା ଅଣସଂରକ୍ଷିତ ବର୍ଗର କିଛି ଯନ୍ତ୍ରୀ ଯେଉଁ ମାମଲା କରିଛନ୍ତି ସେଥିରେ ଅଣସଂରକ୍ଷିତ ବର୍ଗର ବହୁଯନ୍ତ୍ରୀ ମଧ୍ୟ ପଦୋନ୍ନତି ନପାଇ ଫସିଯାଇଛନ୍ତି। ସେମାନେ ବି କାମଧନ୍ଦା ଛାଡି ନ୍ୟାୟ ପାଇଁ ପ୍ରଶାସନିକ ଦପ୍ତରରୁ ନ୍ୟାୟିକ ସଂସ୍ଥା ପର୍ଯ୍ୟନ୍ତ ଦୌଡୁଛନ୍ତି। ଏଭଳି ସ୍ଥିତିରେ ନିର୍ମାଣ ଓ ମରାମତି କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେଉଛି। ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କେତେ କ୍ଷତିକାରକ ରାସାୟନିକ ବାଣ

ପର୍ବପର୍ବାଣୀର ଆନନ୍ଦ ଏବଂ ଉତ୍ସବ ମଧ୍ୟରେ ବାଣର ବ୍ୟବହାର ଏକ ପାରମ୍ପରିକ ଅଂଶ ହୋଇଛି। ଦୀପାବଳି, ବିବାହ କିମ୍ବା ଅନ୍ୟାନ୍ୟ ଉତ୍ସବରେ ବାଣ ଫୁଟାଇବା ଦ୍ୱାରା ଆଲୋକ ଏବଂ ଶବ୍ଦର ଖେଳ ସୃଷ୍ଟି ହୁଏ, କିନ୍ତୁ ଏହାର ପଛରେ ଲୁକ୍କାୟିତ ଏକ ବଡ଼ ସମସ୍ୟା ହେଉଛି ପ୍ରଦୂଷଣ। ବାଣରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ବାୟୁ, ଜଳ ଏବଂ ମାଟିକୁ ଦୂଷିତ କରି ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ବାୟୁମଣ୍ଡଳକୁ କ୍ଷତି ପହଞ୍ଚାଉଛି।

ବାଣ ନିର୍ମାଣରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥଗୁଡ଼ିକ ମଧ୍ୟରେ ବେରିୟମ, ବେରିୟମ ନାଇଟ୍ରେଟ୍, ଆରସେନିକ, ପୋଟାସିୟମ୍ ପର୍କ୍ଲୋରେଟ୍, ଆଲୁମିନିୟମ୍ ପାଉଡର୍, ସଲ୍ଫର୍ ଏବଂ କ୍ଲୋରିନ୍ ଆଦି ଅନ୍ତର୍ଭୁକ୍ତ। ଏହି ପଦାର୍ଥଗୁଡ଼ିକ ବାଣ ଫୁଟିବା ସମୟରେ ବାୟୁରେ ବିଷାକ୍ତ ଗ୍ୟାସ୍ ଏବଂ କଣିକା ନିର୍ଗତ କରନ୍ତି। ଉଦାହରଣ ସ୍ୱରୂପ, ବେରିୟମ୍ ଯୌଗିକଗୁଡ଼ିକ ସବୁଜ ଏବଂ ଲାଲ୍ ରଙ୍ଗର ଆଲୋକ ସୃଷ୍ଟି କରେ, କିନ୍ତୁ ଏହା ବାୟୁରେ ଭାରୀ ଧାତୁ ଯେପରିକି ଲେଡ୍, କପର୍ ଏବଂ କ୍ରୋମିୟମ୍ ଛାଡି ପ୍ରଦୂଷଣ ବଢ଼ାଇଥାଏ। ଏହି ଧାତୁଗୁଡ଼ିକ ମାନବ କୋଷ ଏବଂ ପ୍ରାଣୀମାନଙ୍କର ଫୁସ୍‌ଫୁସ୍‌କୁ କ୍ଷତିଗ୍ରସ୍ତ କରିପାରନ୍ତି।

ବାଣରୁ ନିର୍ଗତ ହେଉଥିବା ପାର୍ଟିକ୍ୟୁଲେଟ୍ ମ୍ୟାଟର୍ (ପିଏମ୍ ୨.୫), ସଲ୍ଫର୍ ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଭଳି ଗ୍ୟାସ୍‌ଗୁଡ଼ିକ ବାୟୁ ଦୂଷଣର ପ୍ରଧାନ କାରଣ। ଏହା ଶ୍ୱାସକ୍ରିୟା ସମସ୍ୟା, ଆଜ୍ମା ଏବଂ ହୃଦୟ ରୋଗ ବଢ଼ାଇଥାଏ। ବିଶେଷକରି ଶିଶୁ ଏବଂ ବୟସ୍କମାନେ ଏହାଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ଉପରୋକ୍ତ ରାସାୟନିକଗୁଡ଼ିକ ଜଳସ୍ରୋତରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି କରନ୍ତି ଏବଂ ମାଟିରେ ଜମା ହୋଇ କୃଷିକୁ ପ୍ରଭାବିତ କରନ୍ତି। ପକ୍ଷୀ ଏବଂ ପ୍ରାଣୀମାନେ ଏହି ଶବ୍ଦ ଏବଂ ପ୍ରଦୂଷଣରେ ଭୟଭୀତ ହୋଇ ଅନେକ ସମୟରେ ମୃତ୍ୟୁବରଣ କରନ୍ତି।

ଭାରତରେ ଦୀପାବଳି ସମୟରେ ବାଣ ପ୍ରଦୂଷଣ ଏକ ବଡ଼ ସମସ୍ୟା ହୋଇଛି। ଦିଲ୍ଲୀ ଭଳି ସହରଗୁଡ଼ିକରେ ଏହା ବାୟୁ ଗୁଣବତ୍ତା ସୂଚକାଙ୍କକୁ ବିପଦଜନକ ସ୍ତରକୁ ନେଇଯାଏ। ସରକାର ଏବଂ



ପରିବେଶ ସୁରକ୍ଷା ସମ୍ପର୍କିତ ସଂଗଠନଗୁଡ଼ିକ ଏହାକୁ ରୋକିବା ପାଇଁ ପଦକ୍ଷେପ ନେଉଛନ୍ତି, ଯେପରିକି ସବୁଜ ବାଣର ପ୍ରୋତ୍ସାହନ। ସବୁଜ ବାଣରେ ବେରିୟମ୍ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ମାତ୍ରା କମ୍ ରହିଥାଏ, ଯାହା ଦୂଷଣକୁ ହ୍ରାସ କରିଥାଏ। କିନ୍ତୁ ଏହାର ବ୍ୟବହାର ବଢ଼ାଇବା ପାଇଁ ଜନସଚେତନତା ଆବଶ୍ୟକ। ବାଣ ନିର୍ମାତାମାନେ ଏବଂ ବ୍ୟବସାୟୀମାନେ ଲାଭ ପାଇଁ ବିଷାକ୍ତ ପଦାର୍ଥ ବ୍ୟବହାର କରୁଥିବା ବେଳେ ଆମେ ସମାଜରେ ଏହାକୁ ବିରୋଧ କରିବା ଉଚିତ୍। ସ୍କୁଲ୍ ଏବଂ କଲେଜ୍‌ରେ ପିଲାମାନଙ୍କୁ ଏହି ପ୍ରଦୂଷଣର ପ୍ରଭାବ ବିଷୟରେ ଶିକ୍ଷା ଦେବା ଦରକାର। ବିକଳ୍ପ ଭାବରେ ଲେଜର୍ ଶୋ, ଦୀପ ସଜ୍ଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି ପରିବେଶ ଅନୁକୂଳ ଉତ୍ସବ ପ୍ରଚଳନ କରାଯାଉ। ଶେଷରେ, ଫଟାକାରେ ଥିବା ପ୍ରଦୂଷଣକାରୀ ରାସାୟନିକ ପଦାର୍ଥଗୁଡ଼ିକ ଆମର ଭବିଷ୍ୟତ ପିଢ଼ି ପାଇଁ ଏକ ବଡ଼ ବିପଦ। ଆମେ ସମସ୍ତେ ମିଳିମିଶି ଏହାକୁ ରୋକିବା ପାଇଁ ପ୍ରୟାସ କରିବା ଉଚିତ୍। ଏକ ସ୍ୱଚ୍ଛ ଏବଂ ସୁସ୍ଥ ବାୟୁମଣ୍ଡଳ ପାଇଁ ଆମର ଉତ୍ସବଗୁଡ଼ିକୁ ପରିବର୍ତ୍ତନ କରିବା ସମୟ ଆସିଛି।

# ନିର୍ଦ୍ଧନ କିଏ?



**ଅନୀତା ପଟ୍ଟନାୟକ**

ଥରେ ଜଣେ ରାଜା ଅନୁସନ୍ଧାନ କରିବାକୁ ଚାହିଁଲେ ଯେ ପ୍ରକୃତରେ ଗରିବ କିଏ? ସେ ଆଦି ଶଙ୍କରାଚାର୍ଯ୍ୟଙ୍କର ଜଣେ ପ୍ରଗାଢ଼ ଭକ୍ତ ଥିଲେ। ସେ ପ୍ରତିଦିନ ମହାଲକ୍ଷ୍ମୀଙ୍କର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ 'କନକ ଧାରା' ସ୍ତୋତ୍ର ପାଠ କରୁଥିଲେ। ତେଣୁ ଦାରିଦ୍ର୍ୟତା କ'ଣ? ସେ ବିଷୟରେ ତାଙ୍କର ଜ୍ଞାନ ନଥିଲା। ରାଜା ମନ୍ତ୍ରୀଙ୍କୁ ପଚାରିଲେ, ଗରିବତ୍ୱ କେତେ ପ୍ରକାରର। ମନ୍ତ୍ରୀ କହିଲେ, ରାଜା ଆପଣ ରାଜ୍ୟ ବୁଲି ଦେଖିଲେ ଗରୀବତ୍ୱ କାହାକୁ କହନ୍ତି ବୁଝିପାରିବେ। ମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଜା ସାତ ଦିନର ପାରିଧି ରଖିଲେ।

ପ୍ରଥମ ଦିନ ରାଜା ମନ୍ତ୍ରୀଙ୍କ ସହ ଯାଉଥିବାର ଦେଖିଲେ ମନ୍ଦିର ସମ୍ମୁଖରେ କିଛି ଲୋକ ଭିକ୍ଷା କରୁଛନ୍ତି। ପଡ଼ିଥିବା ଖାଦ୍ୟ ଖାଇବା ପାଇଁ କୁକୁର, ଷଣ୍ଢ, ଗାଈ ଏମାନଙ୍କ ସହିତ ସେମାନଙ୍କୁ ପ୍ରତିଯୋଗିତା କରିବାକୁ ପଡୁଛି। ରାଜା ମନ୍ତ୍ରୀଙ୍କୁ ପଚାରିଲେ ମୁଁ ଏସବୁ କ'ଣ ଦେଖୁଛି। ମନ୍ତ୍ରୀ କହିଲେ ଜନ୍ମ ଜନ୍ମାନ୍ତରରେ ଏମାନେ କାହାକୁ ଖାଦ୍ୟ ନଦେଇଥିବାରୁ ଏ ଜନ୍ମରେ ନିର୍ଦ୍ଧନତାର ଶିକାର ହୋଇଛନ୍ତି। ସେଥିପାଇଁ ପରା କଥାରେ ଅଛି ଦେଲେ ପାଇ।

ରାଜା ଓ ମନ୍ତ୍ରୀଙ୍କର ରଥ ଆଉ କିଛି ବାଟ ଆଗେଇ ଗଲା। ରାଜା ଦେଖିଲେ ଏକ ଗହଳିପୂର୍ଣ୍ଣ ସ୍ଥାନରେ କିଛି ଲୋକେ ଗୋଟିଏ ଲୋକକୁ ନୀଚ, ଖଚଡ଼, ବଦମାସ କହି ତାର କୁଡ଼ିଆଟିକୁ ଭାଙ୍ଗି ଦେଉଛନ୍ତି। ରାଜା ମନ୍ତ୍ରୀଙ୍କୁ କହିଲେ ଟିକେ ଓହ୍ଲାଇ ଯାଇ ପ୍ରକୃତରେ କ'ଣ ହୋଇଛି ବୁଝି ଆସ। ମନ୍ତ୍ରୀ କିଛି ସମୟ ପରେ ଫେରିଆସି କହିଲେ, ଲୋକଟି ନୀଚତ୍ୱମର ପରିଣାମ ଭୋଗୁଛି ତାର ନୀଚ ଓ ବଦମାସ ପ୍ରବୃତ୍ତି ଯୋଗୁଁ ଲୋକମାନେ ତାର ଘର ଉପରେ ଆକ୍ରମଣ କରି ଭାଙ୍ଗି ଦେଇଛନ୍ତି। ରାଜା ମନ୍ତ୍ରୀଙ୍କୁ ପଚାରିଲେ ନୀଚତ୍ୱ କ'ଣ ନିର୍ଦ୍ଧନତାର ଏକ ଲକ୍ଷଣ? ମନ୍ତ୍ରୀ କହିଲେ ହଁା ମନୁଷ୍ୟ ନିଜ ଭିତରେ ନୀଚ ଭାବ ରଖିବା ଉଚିତ ନୁହେଁ। ଏଥର ରାଜା ଓ ମନ୍ତ୍ରୀ ରଥକୁ ଧରି ଆଉ କିଛି ବାଟ ଆଗେଇ ଗଲେ। ସେମାନେ ଦେଖିଲେ, ଗୋଟିଏ ଲୋକ କାନ୍ଦୁଛି। ରାଜାଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ସେ ଲୋକ କାହିଁକି କାନ୍ଦୁଛି ସେ ବିଷୟରେ ବୁଝିବାକୁ ଗଲେ। ଲୋକଟି କହିଲା ସ୍ତ୍ରୀର ପରାମର୍ଶକ୍ରମେ ଜାଳେଣି ପାଇଁ କାଠ ସଂଗ୍ରହ ନକରି ସ୍ତ୍ରୀକୁ ଖୁସି କରିବା ପାଇଁ ଶଗଡ଼ର ନିଜ ଚକାଗୁଡ଼ିକ କାଟି ପକାଇଥିଲା। ବର୍ତ୍ତମାନ ଶଗଡ଼ ଚାଲିବ କିପରି ଏହି ଭାବନରେ ମୂର୍ଖ କାନ୍ଦୁଛି। ରାଜା ପଚାରିଲେ ମୂର୍ଖତ୍ୱ କ'ଣ ନିର୍ଦ୍ଧନତାର ଏକ ପ୍ରତୀକ। ମନ୍ତ୍ରୀ କହିଲେ ନିଶ୍ଚୟ। ରାଜା ଓ ମନ୍ତ୍ରୀ ରଥରେ ଆଉ କିଛି ବାଟ ଆଗେଇ ଗଲେ। ସେମାନେ ଦେଖିଲେ ଗୋଟିଏ ସ୍ତ୍ରୀ ଲୋକ କାନ୍ଦୁଛି। ମନ୍ତ୍ରୀ ଲୋକଙ୍କ ଠାରେ ପଚାରି ବୁଝିବାରେ ଜାଣିଲେ, ସ୍ତ୍ରୀଲୋକଟି ପ୍ରତିଦିନ କିଛି ନା କିଛି କାରଣ ପାଇଁ କାନ୍ଦେ। ତାର ଗଛରୁ ରାତିରେ କିଏ ଫୁଲ ନେଇଗଲେ, ସ୍ୱାମୀ ଘରର କିଛି ଜିନିଷ ନେଇଗଲେ, ତାକୁ ସୁସ୍ୱାଦୁ ଖାଦ୍ୟ ଓ ଶାଢ଼ୀ ନ ମିଳିଲେ ଇତ୍ୟାଦି ଇତ୍ୟାଦି ପାଇଁ କାନ୍ଦେ। ମନ୍ତ୍ରୀଙ୍କୁ ରାଜା ପଚାରିଲେ ନିତ୍ୟ ଦୁଃଖି କ'ଣ ନିର୍ଦ୍ଧନତାର ଚିହ୍ନ। ମନ୍ତ୍ରୀ କହିଲେ ହଁ ମହାଭାଗ! ଆପଣ ଯାହା କହୁଛନ୍ତି ତାହା ଠିକ୍।

ମନ୍ତ୍ରୀ ଓ ରାଜା ଆଉ କିଛି ବାଟ ଗଲାପରେ ଦେଖିଲେ ଗୋଟିଏ ଲୋକ ଅସ୍ଥିର ହୋଇ ଭୟରେ ଥରୁଛି। ସେ ପଡ଼ିଯିବାପରି ହେଉଛି। କାରଣ କ'ଣ ପଚାରିବାରେ ସେ ଲୋକଟି କହିଲା ମୋର ସବୁ କିଛି ପଡ଼ି ଯାଉଥିବା ଚାଲିଯାଉଥିବା ପରି ମନେ ହେଉଛି। ମୋର ସ୍ତ୍ରୀ ଓ ପିଲାମାନେ ମତେ ଛାଡ଼ି ଚାଲିଯାଇପାରନ୍ତି। ନଇବଢ଼ି ହୋଇ ମୋର ଘର ଭାଙ୍ଗିଯାଇପାରେ। ତେଣୁ ଆଜି ମୋର ଏହି ଅବସ୍ଥା। ରାଜା ଏ କଥା ଶୁଣି ମନ୍ତ୍ରୀଙ୍କୁ କହିଲେ ଅସ୍ଥାମିତା ପଡ଼ିଯାଉଥିବାର ଭୟ କ'ଣ ଦାରିଦ୍ର୍ୟତାର ଏକ ଲକ୍ଷଣ? ମନ୍ତ୍ରୀ କହିଲେ ହଁା କିଛି ବାଟ ଆଗେଇ ଯିବାପରେ ସେମାନେ ଦେଖିଲେ ଗୋଟିଏ ଲୋକକୁ ବିଛା କାମୁଡ଼ି ଦେଇଛି। ତାକୁ ମନ୍ତ୍ରୀ ପଚାରିବାରେ ସେ କହିଲି ଡିବିରି ଜାଳିବାରେ ପଇସା ଖର୍ଚ୍ଚ ହୋଇଯିବ ଭାବି କୃପଣତା କରି ମୁଁ ରାତିରେ ଆଲୁଅ ଜାଳି ନଥିଲି। ମତେ ଏକ ବିଛା କାମୁଡ଼ି ଦେଇଛି। ବଇଦ ପାଖରେ ଟଙ୍କା ଖର୍ଚ୍ଚ କରିବାକୁ ଇଛା ହେଉନାହିଁ। ମନ୍ତ୍ରୀ ଫେରିଆସି ରାଜାଙ୍କୁ ଏକଥା କହିବାରେ ରାଜା କହିଲେ କୃପଣତା କ'ଣ ଦାରିଦ୍ର୍ୟତାର ଲକ୍ଷଣ। ମନ୍ତ୍ରୀ କହିଲେ ହଁା ଏହାପରେ ରଥ କିଛି ବାଟ ଆଗେଇ ଗଲା। ମନ୍ତ୍ରୀ ଦେଖିଲେ, ପାଠ ପଢ଼ି ନଥିବା କିଛି ଲୋକେ ବିଦ୍ୟାଳୟରେ ବିଦ୍ୟାଶିକ୍ଷା ଦେଉଛନ୍ତି। ଦିନ ଦ୍ୱିପ୍ରହରରେ କିଛି ଲୋକ ଦୀପ ଧରି ଚାଲିଛନ୍ତି। କାଳେ ରାସ୍ତାରେ ଝୁଣ୍ଟି ପଡ଼ିବେ ସେଥିପାଇଁ। ଏପରି କାହିଁକି ହେଉଛି ରାଜା ଜାଣିବାକୁ ଚାହିଁବାରୁ ମନ୍ତ୍ରୀ ବୁଝି ଆସି କହିଲେ ଏହା ଅଜ୍ଞାନତାର ଚିହ୍ନ। ରାଜା ପଚାରିଲେ ଅଜ୍ଞାନତା କ'ଣ ଦାରିଦ୍ର୍ୟର ଲକ୍ଷଣ। ମନ୍ତ୍ରୀ କହିଲେ ହଁା କନକଧାରା ସ୍ତୋତ୍ରରେ ମହାଲକ୍ଷ୍ମୀ ଏହି ସାତଟି ନିର୍ଦ୍ଧନତାକୁ ଦୂର କରିଥାନ୍ତି। ସେ ଦିନ ରାଜା ବୁଝିପାରିଥିଲେ ନିର୍ଦ୍ଧନତା କ'ଣ?

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ମୋବାଇଲ୍: ୯୬୯୨୯୮୦୦୨୬**



# ସଙ୍କଟାପନ୍ନ ଅବସ୍ଥାରେ କୀଟପତଙ୍ଗ



**ଡକ୍ଟର ଲକ୍ଷ୍ମଣ ସାହୁ**

ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କ ମଧ୍ୟରୁ କୀଟପତଙ୍ଗ ସଂଖ୍ୟା ସବୁଠାରୁ ଅଧିକ। ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରାୟ ୧୦ ନିୟୁତରୁ ଅଧିକ ପ୍ରଜାତି ମଧ୍ୟରୁ, କେବଳ ଏକ ଛୋଟ ଅଂଶ ଚିହ୍ନଟ କରାଯାଇଛି। କୀଟପତଙ୍ଗ ମଣିଷ ପାଇଁ ସହାୟକ ଓ ଆମର କ୍ଷେତ, ଜଙ୍ଗଲ, ନଦୀ ଏପରିକି ଘରଗୁଡ଼ିକରେ ପରିବେଶଗତ ସନ୍ତୁଳନ ବଜାୟ ରଖନ୍ତି। ବିଶେଷ କରି ମହୁମାଛି ଓ ପ୍ରଜାପତି ପରାଗ ସଂଯୋଜନ କରି ଫସଲକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ସାଧାରଣତଃ ପିମ୍ପୁଡ଼ିମାନେ ମାଟିକୁ ବାୟୁରେ ପରିଣତ କରନ୍ତି ଓ ସାର ଦିଅନ୍ତି। ଅନେକ କୀଟପତଙ୍ଗ ଅଳିଆକୁ ପଚାଇ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତି। ଅଗଣିତ କୀଟପତଙ୍ଗ ଅନ୍ୟ ଜୀବଙ୍କ ପାଇଁ ଖାଦ୍ୟ ଉତ୍ସ ଭାବରେ କାର୍ଯ୍ୟ କରନ୍ତି। ପୃଥିବୀରେ ଜୀବନର ବିବିଧତାର ସବୁଠାରୁ ବଡ଼ ଅଂଶ ହେଉଛି ଏହି କୀଟପତଙ୍ଗ। ଏହି କ୍ଷୁଦ୍ର ଜୀବମାନେ କେବଳ ପରିବେଶଗତ ସନ୍ତୁଳନର ମୂଳଦୁଆ ଗଠନ କରନ୍ତି ନାହିଁ, ବରଂ ମାନବ ଖାଦ୍ୟ ସୁରକ୍ଷା ଓ ପରିବେଶଗତ ସ୍ଥିରତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତି। ବର୍ତ୍ତମାନ ଏହି ମୂଳଦୁଆ ସ୍ତମ୍ଭଗୁଡ଼ିକ ଛିଣ୍ଡିବାକୁ ଆରମ୍ଭ କରିଛନ୍ତି। ଅନ୍ୟ ଅର୍ଥରେ ସେମାନେ ସଙ୍କଟାପନ୍ନ ଅବସ୍ଥାରେ କୀଟପତଙ୍ଗ ଗତି କରୁଛନ୍ତି।

ବୈଜ୍ଞାନିକ ଗବେଷଣାରୁ ସ୍ପଷ୍ଟ ଭାବରେ ଜଣାପଡିଛି ଯେ ସାରା ବିଶ୍ୱରେ କୀଟପତଙ୍ଗ ସଂଖ୍ୟା ହ୍ରାସ ପାଉଛି। କେବଳ ମହାଦେଶ ନୁହେଁ, ବରଂ ଏକଦା ତୁଳନାତ୍ମକ ସନ୍ତୁଳିତ ବୋଲି ବିବେଚିତ ଦ୍ୱୀପପୁଞ୍ଜଗୁଡ଼ିକ ମଧ୍ୟ ଏବେ ଏହି ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଫିଜିଆନ୍ ଦ୍ୱୀପପୁଞ୍ଜରେ ପିମ୍ପୁଡ଼ି ପ୍ରଜାତିଗୁଡ଼ିକର ଏକ ଜିନୋମ୍ ଅଧ୍ୟୟନରୁ ଜଣାପଡିଛି ଯେ ସେମାନଙ୍କ ମୂଳ ପ୍ରଜାତି ମଧ୍ୟରୁ ପ୍ରାୟ ୭୯ ପ୍ରତିଶତ ଲୋପ ପାଇଯାଇଛି। ସେହିପରି, ଦୁଇ ଦଶନ୍ଧି ମଧ୍ୟରେ ଯୁକ୍ତରାଷ୍ଟ୍ରରେ ପ୍ରଜାପତିଙ୍କ ସଂଖ୍ୟା ୨୨ ପ୍ରତିଶତ ହ୍ରାସ ପାଇଛି। ପ୍ରାୟ ତିନି ଦଶନ୍ଧି ମଧ୍ୟରେ ୟୁରୋପର ସଂରକ୍ଷିତ ଅଞ୍ଚଳରେ ଉଡୁଥିବା କୀଟପତଙ୍ଗଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ ପାଇଛି। ଏହି ପରିସଂଖ୍ୟାନକୁ ଦୃଷ୍ଟିରେ ରଖି, ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଆମେ ଏକ "କୀଟପତଙ୍ଗ ସର୍ବନାଶ" ଆଡକୁ ଅଗ୍ରସର ହେଉଛେ ଓ ପରାଗ ପରାଗକମାନେ ଏକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏହି ସଙ୍କଟ କେବଳ ପରିବେଶଗତ ନୁହେଁ, ବରଂ ମାନବ ସଭ୍ୟତା ମଧ୍ୟ ଧ୍ୱଂସ ଆଡ଼କୁ ଟାଣି ହୋଇ ଯାଉଛି।

ସାମ୍ପ୍ରତିକ ବୈଜ୍ଞାନିକ ଗବେଷଣାରୁ ଯେଉଁ ଚିତ୍ର ସାମ୍ନାକୁ ଆସିଛି ତାହା ଖୁସିର ବିଷୟ ନୁହେଁ। ଗବେଷକମାନେ କହିଛନ୍ତି ଯେ ଗତ ୧୫୦ ବର୍ଷ ମଧ୍ୟରେ କୀଟପତଙ୍ଗ ସଂଖ୍ୟା ବହୁତ ହ୍ରାସ ପାଇଛି ଓ ଏହି ସଙ୍କଟ ବର୍ତ୍ତମାନ ଦୂରବର୍ତ୍ତୀ ଦ୍ୱୀପପୁଞ୍ଜକୁ ବ୍ୟାପିଛି। ଫିଜିଆନ୍ ଦ୍ୱୀପପୁଞ୍ଜରେ ପିମ୍ପୁଡ଼ି ପ୍ରଜାତିଗୁଡ଼ିକର ଜିନୋମ୍ ବିଶ୍ଳେଷଣ ଉପରେ ଆଧାର କରି, ଜାପାନର ଓକିନାୱା ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର କୀଟବିଜ୍ଞାନୀ ଇଭାନ୍ ଇକୋନୋମୋ ରିପୋର୍ଟ କରିଛନ୍ତି ଯେ ସେଠାରେ ପିମ୍ପୁଡ଼ି ସଂଖ୍ୟାର ପ୍ରାୟ ୭୯ ପ୍ରତିଶତ ଲୋପ ପାଇଛି। ୨୦୦୦ ରୁ ୨୦୨୦ ମଧ୍ୟରେ, ଯୁକ୍ତରାଷ୍ଟ୍ରରେ ପ୍ରଜାପତି ସଂଖ୍ୟା ପ୍ରାୟ ୨୨ ପ୍ରତିଶତ ହ୍ରାସ ପାଇଛି। ୫୫୪ ପ୍ରଜାତି ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶରେ ଉଲ୍ଲେଖନୀୟ ହ୍ରାସ ଘଟିଛି। କିଛି ପ୍ରଜାତି ୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଗତ ୩୦ ବର୍ଷ ମଧ୍ୟରେ ଏକ ଜର୍ମାନ ସଂରକ୍ଷଣ କ୍ଷେତ୍ରରେ ଉଡ଼ନ୍ତା କୀଟପତଙ୍ଗଙ୍କ ସଂଖ୍ୟା ପ୍ରାୟ ୭୫ ପ୍ରତିଶତ ହ୍ରାସ ପାଇଛି। ଏହା ବ୍ୟତୀତ, ଯୁକ୍ତରାଷ୍ଟ୍ରରେ, ଗତ ୪୫ ବର୍ଷ ମଧ୍ୟରେ କିଛି କୀଟପତଙ୍ଗ ଗୋଷ୍ଠୀ (ମହୁମାଛି ଇତ୍ୟାଦି) ପ୍ରାୟ ୮୩ ପ୍ରତିଶତ ହ୍ରାସ ପାଇଛି।

ଗତ କୋଡ଼ିଏ ବର୍ଷ ମଧ୍ୟରେ କୀଟପତଙ୍ଗଙ୍କ ସଂଖ୍ୟା ପ୍ରାୟ ୭୨.୪ ପ୍ରତିଶତ ହ୍ରାସ ପାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସାରା ବିଶ୍ୱରେ କୀଟପତଙ୍ଗ ପ୍ରଜାତି ସଂଖ୍ୟା ଲକ୍ଷ ଲକ୍ଷ ହ୍ରାସ ପାଇଛି। ଏପରିକି ଅବଶିଷ୍ଟ କୀଟପତଙ୍ଗ ପ୍ରତିବର୍ଷ ପ୍ରାୟ ଏକରୁ ଅଢ଼େଇ ପ୍ରତିଶତ ହ୍ରାସ ପାଉଛନ୍ତି। ଏହି ସଂଖ୍ୟା କେବଳ ଏକ ବୈଜ୍ଞାନିକ ଚେତାବନୀ ନୁହେଁ, ବରଂ ଏକ ଆହ୍ୱାନ। ଏହା ସମଗ୍ର ଖାଦ୍ୟ



ଶୃଙ୍ଖଳ ଓ ଇକୋସିଷ୍ଟମ ପାଇଁ ଏକ ବିପଦକୁ ସଙ୍କେତ ଦେଉଛି। କୀଟପତଙ୍ଗ ବିନା, ଫସଲ ପରାଗପଣ ବାଧାପ୍ରାପ୍ତ ହେବ। ମାଟିରେ ପୁଷ୍ଟିକର ପୁନଃଚକ୍ରଣ ପ୍ରଭାବିତ ହେବ। ଯାହା ଫଳରେ ପକ୍ଷୀଠାରୁ ମଣିଷ ପର୍ଯ୍ୟନ୍ତ ଅନେକ ପ୍ରାଣୀଙ୍କ ପାଇଁ ଖାଦ୍ୟ ଉତ୍ସ ହ୍ରାସ ପାଇବ। କୀଟପତଙ୍ଗ ବିଲୁପ୍ତ ହେବା ପଛରେ ଅନେକ କାରଣ ଅଛି। ଏବେ ପରିସ୍ଥିତି ଅଧିକ ଚିନ୍ତାଜନକ ହୋଇ ପଡ଼ିଛି।

ଏସବୁ ଅନେକ କାରଣକୁ ଦାୟୀ ବୋଲି ଦର୍ଶାଯାଉଛି। ସବୁଠାରୁ ବଡ଼ କାରଣ ହେଉଛି ବାସସ୍ଥାନ କ୍ଷତି। ଚାଷଜମି ଓ ଜଙ୍ଗଲର ଅବାଧ ଶୋଷଣ, ସହରୀକରଣର ପ୍ରସାର। ଏବେକାର ପ୍ରାକୃତିକ ଘାସଭୂମିର ସଂକୁଚିତ ହେବା ଦ୍ୱାରା କୀଟପତଙ୍ଗ ବାସସ୍ଥାନ ନଷ୍ଟ ହେଉଛି। ଏହା ବ୍ୟତୀତ ଆଧୁନିକ କୃଷିରେ ରାସାୟନିକ କୀଟନାଶକର ବ୍ୟାପକ ବ୍ୟବହାର ମଧ୍ୟ ଅଣ-ଲକ୍ଷ୍ୟ କୀଟପତଙ୍ଗଙ୍କୁ ଦୂର କରୁଛି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଏକ ଭୂମିକା ଗ୍ରହଣ କରିଛି। ଅସ୍ଥିର ତାପମାତ୍ରା ଓ ବର୍ଷା କୀଟପତଙ୍ଗ ପ୍ରଜନନ ଓ ଜୀବନଚକ୍ରକୁ ପ୍ରତିକୂଳ ଭାବରେ ପ୍ରଭାବିତ କରେ। ଆକ୍ରମଣାତ୍ମକ ପ୍ରଜାତିଗୁଡ଼ିକର ପ୍ରସାର ମଧ୍ୟ ଦେଶୀୟ କୀଟପତଙ୍ଗ ଉପରେ ଚାପ ପକାଇଥାଏ। ଉଦାହରଣ ସ୍ୱରୂପ, ଏକ ଦ୍ୱୀପରେ ଏକ ବିଦେଶୀ ପିମ୍ପୁଡ଼ି କିମ୍ବା ଅନ୍ୟ କୀଟପତଙ୍ଗର ଆଗମନ ସ୍ୱଦେଶୀ ପ୍ରଜାତି ପାଇଁ ବଞ୍ଚିବା କଷ୍ଟକର କରିପାରେ। ଫିଜି ଦ୍ୱୀପପୁଞ୍ଜର ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ କାରଣ ସେଠାକାର କୀଟପତଙ୍ଗଗୁଡ଼ିକ ଏକ ଅପେକ୍ଷାକୃତ ଛୋଟ ଭୌଗୋଳିକ କ୍ଷେତ୍ର ଓ ସୀମିତ ସମ୍ବଳ ଉପରେ ନିର୍ଭର କରନ୍ତି।

ଜନସଂଖ୍ୟା ମଧ୍ୟରେ ଜେନେଟିକ୍ ବିବିଧତା ହ୍ରାସ ପାଇବା ସହିତ ସେମାନଙ୍କର ଅନୁକୂଳନ କ୍ଷମତା ଓ ରୋଗ ପ୍ରତିରୋଧ ହ୍ରାସ ପାଉଛି। ଜିନୋମ୍ ବିଶ୍ଳେଷଣରୁ ପିମ୍ପୁଡ଼ି ପ୍ରଜାତିରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇଛି। ଏହି ଗବେଷଣାରୁ ଜଣାପଡିଛି ଯେ କୀଟପତଙ୍ଗ ସଙ୍କଟ କେବଳ ମହାଦେଶୀୟ ଭୂମିରେ ସୀମିତ ନୁହେଁ, ଏପରିକି ଦୂରବର୍ତ୍ତୀ ଓ ବିଚ୍ଛିନ୍ନ ଦ୍ୱୀପପୁଞ୍ଜ ମଧ୍ୟ ଆଉ ନିରାପଦ ନୁହେଁ। ଏହାର ପ୍ରଭାବ ଭାରତ ଭଳି ଦେଶରେ ମଧ୍ୟ ଅନୁଭୂତ ହେଉଛି। ପରାଗକ ମହୁମାଛିଙ୍କ ସଂଖ୍ୟା ହ୍ରାସ କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ପରାଗକ କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ଫସଲ ଉତ୍ପାଦନରେ ଦଶରୁ କୋଡ଼ିଏ ପ୍ରତିଶତ କ୍ଷତି ଘଟାଇପାରେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କୀଟନାଶକର ଅତ୍ୟଧିକ ବ୍ୟବହାର, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଏହି ସଙ୍କଟକୁ ଆହୁରି ତୀବ୍ର କରିଛି। ଏହି ପରିସ୍ଥିତି କେବଳ ଜୈବ ବିବିଧତାର କ୍ଷତି ନୁହେଁ, ବରଂ ଏକ ସିଧାସଳଖ ଆର୍ଥିକ ଓ ସାମାଜିକ ସଙ୍କଟ। କୀଟପତଙ୍ଗଗୁଡ଼ିକୁ ଅମୂଲ୍ୟ ବୋଲି ବିବେଚନା କରାଯାଏ। କାରଣ ସେମାନେ କୃଷି, ବନୀକରଣ ଓ ପରିବେଶ ବିଜ୍ଞାନକୁ ବଜାୟ ରଖନ୍ତି। ଯଦି ଏହି ବ୍ୟବସ୍ଥା ଦୁର୍ବଳ ହୁଏ, ତେବେ ଏହା ଖାଦ୍ୟ ସୁରକ୍ଷା ଓ ମାନବ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବ।

ଏହି ସଙ୍କଟର ସମାଧାନ ପାଇଁ, ବୈଜ୍ଞାନିକ ଓ ନୀତି ନିର୍ଦ୍ଧାରକମାନେ କିଛି ସ୍ପଷ୍ଟ ନିର୍ଦ୍ଦେଶାବଳୀ ପରାମର୍ଶ ଦେଇଛନ୍ତି। ପ୍ରଥମତଃ ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷିତ ରଖିବାକୁ ହେବ। ବିଶେଷ କରି ଜଙ୍ଗଲ, ଘାସଭୂମି ଓ ଆର୍ଦ୍ରଭୂମିକୁ ସଂରକ୍ଷଣ କରିବାକୁ ହେବ। କୀଟନାଶକ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ କୃଷିରେ ସମନ୍ୱିତ କୀଟପତଙ୍ଗ ପରିଚାଳନା ଓ ଜୈବିକ ପଦ୍ଧତିକୁ ବୃଦ୍ଧି କରିବା ଆବଶ୍ୟକ। ସାମ୍ପ୍ରତିକ ତଥ୍ୟ ଦର୍ଶାଉଛି ଯେ ଫିଜି ଭଳି ଛୋଟ ଦ୍ୱୀପ ହେଉ କିମ୍ବା ଆମେରିକା ଓ ଜର୍ମାନୀ ଭଳି ବିକଶିତ ରାଷ୍ଟ୍ର ହେଉ, ସବୁଠି କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ପାଉଛି। ଏହା ସିଧାସଳଖ ଫସଲ ଉତ୍ପାଦନ, ମାଟିର ଗୁଣବତ୍ତା, ବାୟୁ ଓ ଜଳ ସ୍ୱଚ୍ଛତା ତଥା ସମଗ୍ର ଖାଦ୍ୟ ଶୃଙ୍ଖଳାକୁ ପ୍ରଭାବିତ କରୁଛି। ଯଦି ଏହି ଧାରା ଜାରି ରହେ, ତେବେ ଆଗାମୀ କିଛି ଦଶନ୍ଧି ମଧ୍ୟରେ ଲକ୍ଷ ଲକ୍ଷ ଅଧିକ କୀଟପତଙ୍ଗ ପ୍ରଜାତି ବିଲୁପ୍ତ ହୋଇଯିବ। ଯାହା ପରିସଂସ୍ଥାକୁ ଦୁର୍ବଳ କରିଦେବ।

ସାମାଜିକ ସ୍ତରରେ ମଧ୍ୟ ଜନସାଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଘର ଓ ବଗିଚାରେ ଦେଶୀୟ ପ୍ରଜାତିର ଫୁଲ ରୋପଣ, ରାସାୟନିକ ସିଞ୍ଚନ ହ୍ରାସ କରିବା ଓ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା ଛୋଟ ପଦକ୍ଷେପ। କିନ୍ତୁ ଏହାର ଦୂରଗାମୀ ପରିଣାମ ହୋଇପାରେ। ସ୍କୁଲ ଓ ସମ୍ପ୍ରଦାୟରେ ପିଲାମାନଙ୍କୁ କୀଟପତଙ୍ଗର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ମଧ୍ୟ ଅତ୍ୟାବଶ୍ୟକ। ଆମକୁ ବୁଝିବାକୁ ପଡିବ ଯେ କୀଟପତଙ୍ଗ କେବଳ କ୍ଷୁଦ୍ର ପ୍ରାଣୀ ନୁହଁନ୍ତି ବରଂ ପୃଥିବୀର ପରିସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେମାନଙ୍କର ବିଲୁପ୍ତ ହେବାକୁ ରୋକିବା ପାଇଁ ବିଜ୍ଞାନ, ନୀତି ଓ ସମାଜକୁ ଏକାଠି କାମ କରିବାକୁ ପଡିବ। ଏହା ଆମର ସାମୂହିକ ଦାୟିତ୍ୱ ଓ ଭବିଷ୍ୟତ ପିଢ଼ି ପ୍ରତି ମୁଖ୍ୟ କର୍ତ୍ତବ୍ୟ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

# କାର୍ତ୍ତିକ ବ୍ରତ ଓ ରାଇ ଦାମୋଦର ପୂଜା

**ସନ୍ତୋଷ କୁମାର ଦାଶ**



କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସ। ପାରମ୍ପରିକ ପ୍ରଥାନୁସାରେ ବ୍ରାହ୍ମଣ ପରିବାରର ବିଧବା ମହିଳା ଓ କାର୍ତ୍ତିକ ବ୍ରତଧାରୀ ମହିଳାମାନେ ଚଉରା ମୂଳରେ ଆରମ୍ଭ କରିଛନ୍ତି ରାଇ ଦାମୋଦର ପୂଜା। ଅନେକ ଧର୍ମ ପରାୟଣ ଶ୍ରଦ୍ଧାଳୁ ପରିବାର ପାଳନ କରିଛନ୍ତି କାର୍ତ୍ତିକ ବ୍ରତ। ବିଧବା ମହିଳା ମାନେ ପ୍ରାତଃ ରୁ ସ୍ନାନ କରି ପୁରୋହିତ ବ୍ରାହ୍ମଣ ଙ୍କ ପାଖରେ ପାଣି ଟେକି ସଂକଳ୍ପ କରିଥିଲେ। ଯେତେ ଦୁଃଖ, ବାଧା ବିଘ୍ନ ଆସିଲେ ବି ସେମାନେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବ୍ରତ ରଖି ରାଇ ଦାମୋଦର ପୂଜା କରିବେ। ନଦୀ, ପୋଖରୀ ଅଥବା ଚଉରା ମୂଳରେ ବିଧବା ମହିଳା ମାନେ ବାଲୁକା ଲିଙ୍ଗ ସ୍ଥାପି ପ୍ରଥମେ ପୂଜା କରିବା ପରେ ଚଉରା ମୂଳରେ ଏକାଠି ହୋଇ ପଞ୍ଚ ମୁରୁଜ ରେ ରାଇ ଦାମୋଦର ମୂର୍ତ୍ତି ଆଙ୍କିଥାନ୍ତି। ଲିଆ, ଉଖୁଡ଼ା, ନଡ଼ିଆ, କଦଳୀ ଓ ବିଭିନ୍ନ ଫଳ ମୂଳ କୁ ଏକତ୍ର ଚକଟି ସେହି ଭୋଗ କୁ ରାଇ ଦାମୋଦର ଓ ବୃନ୍ଦାବତୀ ଙ୍କୁ ଲାଗି କରିବା ସହିତ ସମସ୍ତେ ଏକତ୍ର ବନ୍ଦାପନା କରିଥାନ୍ତି। ଚଉରା ମୂଳରେ କଉଡ଼ି ଖେଳ ଓ ଦହି ଗୋଳାଇବା କାର୍ଯ୍ୟ କରି ରାଇ ଦାମୋଦର ଙ୍କ ସ୍ତୁତି ଚାରଣ କରି ଥାନ୍ତି। ଶେଷରେ ବ୍ରାହ୍ମଣ ଙ୍କ ନିକଟରେ ବସି ସମସ୍ତେ କାର୍ତ୍ତିକ ପୁରାଣ ଶ୍ରବଣ କରିଥାନ୍ତି। ସଂଧ୍ୟା ରେ ଚଉରା ମୂଳରେ ଆକାଶ ଦୀପ ଜାଳି ପୂଜା କରିଥାନ୍ତି। ଏହି ବ୍ରତ ମାସ ସାରା ଚାଲି କାର୍ତ୍ତିକ ପୂର୍ଣ୍ଣିମା ଦିନ ଉଦଯାପନ ହୋଇଥାଏ। ମାସ ସାରା ବ୍ରତଧାରୀ ମହିଳା ଓ ବିଧବା ମହିଳା ମାନେ ନିଜେ ହବିଷାନ୍ନ ରାନ୍ଧି ରାଇ ଦାମୋଦର ଙ୍କୁ ଉତ୍ସର୍ଗ କରିବା ପରେ ଭୋଜନ କରିଥାନ୍ତି। ଏହି ହବିଷାନ୍ନ ରେ ସବୁ ପନିପରିବା ପଡ଼ିନଥାଏ। ପୁରୀ ଶ୍ରୀ ମନ୍ଦିର ର ଅଭଡ଼ା ପ୍ରସ୍ତୁତି ରେ ଯେଉଁ ସବୁ ପନିପରିବା ବ୍ୟବହାର ହୋଇଥାଏ ସେହି ପନି ପରିବା ହବିଷାନ୍ନ ରେ ବ୍ୟବହୃତ ହୋଇଥାଏ। ରାଇ ଦାମୋଦର ପୂଜା କୁ ରାଧା ଦାମୋଦର ପୂଜା ମଧ୍ୟ କୁହା ଯାଇଥାଏ। ଶ୍ରୀ ରାଧାମଣୀ ଏହି ବ୍ରତ କରି ନିଜ ଜୀବନ କୁ ଶ୍ରୀ ଜଗନ୍ନାଥ ଙ୍କୁ ସମର୍ପଣ କରି ଦେଇଥିଲେ ଓ ମୃତ୍ୟୁ ପରେ ବୈକୁଣ୍ଠପୁର କୁ ଯାଇ ଥିଲେ ବୋଲି ବିଶ୍ୱାସ ରହିଛି। ଏଣୁ ନିଜ ନିଜ ସ୍ୱାମୀ ମାନଙ୍କୁ ହରାଇ ଥିବା ବିଧବା ମହିଳା ମାନେ ଏହି ବ୍ରତ ପାଳନ କରି ଶ୍ରୀ ଜଗନ୍ନାଥ



ଙ୍କ ନିକଟରେ ନିଜ ଅବଶିଷ୍ଟ ଜୀବନ କୁ ଉତ୍ସର୍ଗ କରି ଦେଇ ଥାନ୍ତି। ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ବିଧବା ମହିଳା ମାନେ ପାଳନ କରୁଥିବା ରାଇ ଦାମୋଦର ବ୍ରତ ଏକ ଅନନ୍ୟ ପରମ୍ପରା ଭାବେ ପାଳିତ ହୋଇଆସୁଛି କାହିଁ କେତେ କାଳରୁ। ଜୟ ଶ୍ରୀ ଜଗନ୍ନାଥ। ଜୟ ଶ୍ରୀ ରାଇ ଦାମୋଦର।।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**

# ବିଶ୍ୱଗୁରୁ ପ୍ରଭୁ କିଏ କେମିତି ବୁଝେ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ବୈକୁଣ୍ଠ ଯେଉଁଠାରେ କୁଣ୍ଠା ନାହିଁ, କୁଣ୍ଠାର ଅର୍ଥ ନାସ୍ତି ନାହିଁ, ନାସ୍ତିବାଣୀ ନାହିଁ, ଅଦେୟ ଏପରି କିଛି ନାହିଁ, ହେଲେ ସଂସାରରେ ସମସ୍ତଙ୍କ ବିଚାର ଭାବନା, ଆବଶ୍ୟକ କୌଣସି କାଳରେ ଏକ ନୁହେଁ, ବୈକୁଣ୍ଠପତି ଅନ୍ତର୍ଯ୍ୟାମୀ ସମସ୍ତଙ୍କ ମନ କଥା ସେ ଜାଣନ୍ତି ସେ ଏକ ଲୋକ ଶିକ୍ଷା ଦେବା ପାଇଁ ଏକ ଅଭିନୟ ଲୀଳା ଲଗାଇଲେ, ଦେବତା ଆଉ ଅସୁର ଏମାନେ କେମିତି ଏକ ଈଶ୍ୱର ଯେ ସଂସାର ଚଳାଉଛନ୍ତି ଯାଦୃଶୀ ଭାବନାରେ ସେଯେ ଏକ ଈଶ୍ୱର, ଏହାର ଭିନ୍ନ ଭିନ୍ନ ରୂପ ମତରେ ନିଜ ଅଜ୍ଞତାରେ ଠାକୁରଙ୍କ ଉପରେ ଅଭିମାନ ମାନ କରିବା ସବୁବେଳେ ଚାଲିଛି କେହି ଜଣାଣରେ ଦରଖାସ୍ତ କରୁଛି ତ କିଏ ଭଜନରେ ଗୁଣଗାନ ମହିମା ଗାନ କରୁଛି, କିଏ ସ୍ଥିର ରୂପରୁ ଏକ ବାଛି ଧ୍ୟାନ କରୁଛି ଏପରି ଅନେକ ପ୍ରକାର ଠାକୁରଙ୍କୁ ଭାବନା ପ୍ରାର୍ଥନା ସେ ସବୁ ଦରଖାସ୍ତ ଗ୍ରହଣ କରନ୍ତି।

କିନ୍ତୁ କାହା ପାଇଁ କେତେ ସମୟରେ କାର୍ଯ୍ୟ ହାସଲ ହେବ ଏଇଟା କାର୍ଯ୍ୟଟିର ଭାବନା ଓ କିଛି ଭ୍ରମ ବିଳମ୍ବ କରାଏ, ଏଜନ୍ମ ବା ଆଗ ଜନ୍ମ ବହୁତ ଜନ୍ମ ଲାଗିପାରେ ପୁରି କେତେ ଦିନ ବା କିଛି ସମୟ ଲାଗେ ଅନେକ ସନ୍ତାନଟିଏ ଚାହାଁନ୍ତି ହେଲେ ଗର୍ଭଧାନରୁ ଗର୍ଭ ମୋକ୍ଷ ସମୟର ଯେପରି ଲାଗେ ସେପରି ସବୁ ବିଷୟରେ ସମୟ ଲାଗେ, ଜୀବର ଜନ୍ମରୁ ମରଣ ଯାଏ ସମୟ ସମସ୍ତଙ୍କ ଏକ ନୁହେଁ। ଏପରି ବ୍ୟବସ୍ଥାରେ ରାଜୋଗୁଣୀ ସମ୍ପନ୍ନମାନେ ପ୍ରଭୁଙ୍କୁ ନିଜର ସ୍ୱାର୍ଥ ପୁରାଣ ପାଇଁ ବ୍ୟବହାର କରିବା ପାଇଁ ଚାହାନ୍ତି। ପ୍ରଭୁଙ୍କର ଏପାଇଁ ଏଲିଲା ରଚନା, ନିମନ୍ତ୍ରଣ କରାଗଲା ଦେବତା ଗଣଙ୍କୁ ସାଥେ ସାଥେ ଅସୁର ଗଣଙ୍କୁ, ନିମନ୍ତ୍ରଣ ଏକ ଧାର୍ଯ୍ୟସ୍ଥାନ ସମୟ ପୁଣି ଏକ, ଉତ୍ତମ ଉତ୍ତମ ପାକ, ପାକଶାଳାରେ ପ୍ରଭୁଙ୍କର ବରାଦୀ ଭୋଜଦ୍ରବ୍ୟ, ଆଘ୍ରାଣରେ ସ୍ଥାନର ବାତାବରଣ ଫାଟି ପଡୁଛି, ସମୟ ଆସଲା ଦୁଇ ଆମନ୍ତ୍ରିତ ଗୋଷ୍ଠୀ ଆସିଲେ, ପରିବେଷଣକାରୀମାନେ ପ୍ରତ୍ୟେକଙ୍କୁ ଯଥାଯୋଗ୍ୟ ସମ୍ମାନ ସହ ଦୁଇ ଅଲଗା ଧାର୍ଯ୍ୟ ଭୋଜନ ସ୍ଥଳୀକୁ ନେଇ ବସାଇଲେ, ଏକ ପ୍ରକାର ଭୋଜ୍ୟ ଦ୍ରବ୍ୟ। ପ୍ରଭୁଙ୍କର ଆଦେଶ ସମସ୍ତେ ଭୋଜ୍ୟ ସ୍ଥଳୀରେ ଆସୀନ ପରେ ପ୍ରତ୍ୟେକ ଡାହାଣ ହାତରେ ଏକ ବଡ଼ା କହୁଣୀକୁ ଲଗାଇ ତଳ ଉପର ବନ୍ଧାଯିବ, କେହି ବାମହାତରେ ଭୋଜନ କରି ପାରିବେ ନାହିଁ, ଭୋଜନ ଆରମ୍ଭ ଓ ଶେଷ ଘଣ୍ଟି ବାଜିବ ଖାଇ ସାରିବା ପରେ ହାତମୁହାଁ ଦୋଇ ହାତରୁ ବତା ଖୋଲି ଅବିଳମ୍ବେ ପ୍ରଭୁଙ୍କୁ ଭେଟିବେ। ଠିକ ସେହିପରି ଆଦେଶ ଅକ୍ଷରେ ଅକ୍ଷରେ ପାଳନ ହେଲା।

ପ୍ରଭୁଙ୍କୁ ସାକ୍ଷାତକୁ ଅସୁରମାନେ ଯାଇ ଏକ ଅସନ୍ତୋଷ ବାର୍ତ୍ତା ଦେଲେ, କହିଲେ ଖୁବମୂଲ୍ୟବାନ ଦୁର୍ଲଭ ଭୋଜ୍ୟ ଦ୍ରବ୍ୟ ଘ୍ରାଣରେ ମନ ମୋହୁଥିଲା ମାତ୍ର ପ୍ରଭୁ ଆପଣ ଏତେ ମାୟାବୀ ଆମେ ହାତରେ ନଖାଇପାରି ଓଇଲିଆଇଲି ହୋଇ ଆଣ୍ଠେଇ ପଶୁ ପକ୍ଷୀ ପରିଖାଇଲୁ ଖାଦ୍ୟ ଗୁଡ଼ିକ ମିଶ୍ରଣ କରି ଗୋଳାଇ ଖାଇ ପାରିଲୁନାହିଁ ଏ ଥିଲା ଭୋଜନକୁ ଡାକି ଅନମାନ ଦେବା ଆଳ। ପ୍ରଭୁ କହିଲେ ଟିକେ ବସ ନିଜେ ବୁଝି ପାରିବ, ସେମାନେ ବସିଲେ, ଦେବଗଣ ପ୍ରଭୁଙ୍କ ଜୟ ଜୟ କାର କରିକରି ଆସିଲେ ପୁରା ସାଷ୍ଟାଙ୍ଗ ଦଣ୍ଡବତ ପରେ ପ୍ରଭୁଙ୍କ ମୁଖରୁ କିଛି ଶୁଣିବା ପୂର୍ବରୁ କହିଲେ ପ୍ରଭୁ ଆପଣଙ୍କ ନାମ ଦୟାମୟ ଆପଣ ବିଶ୍ୱଗୁରୁ ଆମକୁ ନିମନ୍ତ୍ରଣ କରି ଏକ ବିଶେଷ ଆନନ୍ଦ ମାର୍ଗ ଶିକ୍ଷା ଦେଲେ, ଆଜେ ଜାଣିଲୁ, ଭଲ ଉଦ୍ଦେଶ୍ୟ ନିଷ୍ଠେ ପ୍ରଭୁ ରଖି ଏପରି ବତା ବାନ୍ଧିବା ଖଞ୍ଜି ଭୋଜି ଖାଇବାକୁ ପ୍ରଭାବିତ କରିଛନ୍ତି,



ହାତରେ ବଙ୍କା ନହେଲେ ନିଜେ କେହି ନିଜ ହାତରେ ଖାଇ ନପାରନ୍ତି, ହେଲେ ପିଲା ଦିନେ ମାଆ ପିଲାଙ୍କୁ ଖାଇ ଦେବାକୁ ମନକୁ ଆସିଲା ଏକ ଭୋଜନ ପାତ୍ରରେ ଦୁଇ ଜଣ ପରସ୍ପର ସାମ୍ନା ସାମ୍ନି ବସି ମା'ପିଲାକୁ ଖୋଇଦେବାପରି ଖାଇବା କ୍ରିୟା ଅତି ଆନନ୍ଦ ଲାଗିଲା ଶିକ୍ଷା ବି ମିଳିଲା ପରସ୍ପରକୁ ସଂକଟରେ ସହାୟକ ହେଲେ ଜଟିଳ କାମ ସହଜ ହୋଇଯିବ। ପ୍ରଭୁ ଅସୁର ଗଣଙ୍କୁ କହିଲେ ଏବେ ଶୁଣିଲେତ, ସେତେବେଳେ ଅସୁରମାନେ ଏଇ କଥା ଭାବି ସୁଯୋଗ ହରା ହେଲେ ଭାବୁଥିଲେ, ଶେଷରେ ସମସ୍ତେ ବିଶ୍ୱଗୁରୁ ପ୍ରଣାମ ଦଣ୍ଡବତ ହୋଇ ଜୟ ଜୟ କର ବାହୁଡ଼ିଥିଲେ।

**'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**



**୩ କମ୍ପାନୀ ବିରୋଧରେ ଡବ୍ଲ୍ୟୁଏଚ୍ଓର ଚେତାବନୀ**

## କୋଲ୍ଡ୍ରିଫ୍ କଫ୍ ସିରପ୍ ଔଷଧ ନୁହେଁ, ଏହା ବିଷ

ନୂଆଦିଲ୍ଲୀ ୧୪।୧୦ଃ ଭାରତରେ ବିଷାକ୍ତ କଫ ସିରପ୍ ଯୋଗୁଁ ଯାଇଛି ୨୦ରୁ ଅଧିକ ଶିଶୁଙ୍କ ଜୀବନ। ତେବେ ଏହି ଘଟଣା ପରେ ଚେତାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଏହାକୁ ଗୁରୁତ୍ୱ ଦେଇ ୩ଟି ଔଷଧ କମ୍ପାନୀକୁ ଚେତାବନୀ ଦେଇଛି। କଫ ସିରପ୍ ସମ୍ପର୍କରେ ଏକ ଚେତାବନୀ ଜାରି କରିଛି। ଯେଉଁଥିରେ କୋଲଡ୍ରିଫ୍ ଅନ୍ତର୍ଭୁକ୍ତ। କାରଣ ସେହି କୋଲ୍ଡ୍ରିଫ୍ ହେତୁ ମଧ୍ୟପ୍ରଦେଶରେ ଯାଇଛି ଅନେକ ଜୀବନ। ଡବ୍ଲୁଏଚ୍ଓ ଅନୁରୋଧ କରିଛି ଯେ, ଯଦି ଏହି କଫ ସିରପ୍ କୌଣସି ସ୍ଥାନରେ ଦେଖିବାକୁ ମିଳେ ତେବେ ସେଗୁଡ଼ିକୁ ତୁରନ୍ତ ରିପୋର୍ଟ କରାଯିବା ଉଚିତ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଶ୍ରୀସାନ ଫାର୍ମାର କୋଲଡ୍ରିଫ୍, ରେଡନେକ୍ସ ଫାର୍ମାର ରେସ୍ପିଫ୍ରେସ୍ ଟିଆର ଏବଂ ସେପ୍ ଫାର୍ମାର ରିଲାଇଫ୍ ସିରପର ନିର୍ଦ୍ଦିଷ୍ଟ ବ୍ୟାଚ୍‌କୁ ଭେଜାଲ୍ ଭାବରେ ଚିହ୍ନଟ କରିଛି। ଏହି ସିରପ୍ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି। ସେତିକି ନୁହେଁ ଗମ୍ଭୀର ଓ ମାରାତ୍ମକ ରୋଗ ସୃଷ୍ଟି କରିପାରେ ବୋଲି କହିଛି।

ଏହି କଫ ସିରପର ଯାଞ୍ଚ ସମୟରେ, ଡାଇଥାଇଲିନ୍ ଗ୍ଲାଇକଲ୍ ନାମକ ଏକ ବିଷାକ୍ତ ରାସାୟନିକ ପଦାର୍ଥ ମିଳିଲା। ଯାହା ବହୁ ପରିମାଣରେ ବ୍ୟବହୃତ ହେଉଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରାସାୟନିକ ପଦାର୍ଥର ରଙ୍ଗ କିମ୍ବା ଗନ୍ଧ ନାହିଁ, ଯାହା ପରୀକ୍ଷା ବିନା ଏହାକୁ ଚିହ୍ନଟ କରିବା କଷ୍ଟକର କରିଥାଏ। ଏହାକୁ ସିରପକୁ ମିଠା କରିବା ପାଇଁ ବ୍ୟବହାର କରାଯାଏ। ଆଶ୍ଚର୍ଯ୍ୟଜନକ ଭାବରେ, ଡାଇଥାଇଲିନ୍ ଗ୍ଲାଇକଲ୍ ବ୍ୟବହାର ମାନବ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ତାମିଲନାଡୁର ଶ୍ରୀସନ୍ ଫାର୍ମାସାଉଟିକାଲ କମ୍ପାନୀର ଲାଇସେନ୍ସ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଛି। କଫ୍ ସିରପରେ ୪୮.୬ ପ୍ରତିଶତ ଡାଇଥାଇଲିନ୍ ଗ୍ଲାଇକଲ୍ ରହିଛି। କମ୍ପାନୀର ମାଲିକ ଜି. ରଙ୍ଗନାଥନଙ୍କୁ ଗିରଫ କରାଯାଇଥିଲା।

**ବିହାର ନିର୍ବାଚନ**

# ୭୧ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି

ପାଟନା,୧୪।୧୦ଃ ବିଜେପି କଲା ପ୍ରାର୍ଥୀ ଘୋଷଣା। ବିହାର ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ବିଜେପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ୭୧ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ବିଜେପି। ତାଲିକା ଅନୁସାରେ ୭ ଥର ବିଧାୟକ ହୋଇଥିବା ନନ୍ଦକିଶୋର ଯାଦବଙ୍କ ଟିକେଟ କାଟିଛି ବିଜେପି। ପାଟନା ସାହିବରୁ ରତ୍ନେଶ କୁଶୱାହାଙ୍କୁ ସୁଯୋଗ ମିଳିଛି। ନନ୍ଦକିଶୋର ଯାଦବ ବ୍ୟତୀତ ମନ୍ତ୍ରୀ ମୋତିଲାଲ ପ୍ରସାଦଙ୍କ ଟିକେଟ ମଧ କଟିଛି। ଟିକେଟ କଟିବା ପରେ ନନ୍ଦକିଶୋର ଯାଦବ ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ ଭାରତୀୟ ଜନତା ପାର୍ଟିର ନିଷ୍ପତ୍ତି ସହିତ ରହିଛି। ବିଜେପି ମୋତେ ବହୁତ କିଛି ଦେଇଛି। ମୋର କୌଣସି ଅଭିଯୋଗ ନାହିଁ। ନୂଆ ପିଢ଼ିକୁ ସ୍ୱାଗତ ଏବଂ ଅଭିନନ୍ଦନ। ପାଟନା ସାହିବ ବିଧାନସଭା ଲୋକ ମୋତେ ଲଗାତାର ୭ ଥର ବିଜୟୀ କରାଇଛି। ସମସ୍ତେ ମୋତେ ଯେଉଁ ଭଲପାଇବା ଓ ସ୍ନେହ ଦେଇଛନ୍ତି, ତାହାକୁ ମୁଁ କେବେ ଭୁଲି ପାରିବି ନାହିଁ। ସମସ୍ତଙ୍କୁ ଧନ୍ୟବାଦ।



ତେବେ ବରିଷ୍ଠ ବିଜେପି ନେତା ତଥା ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ସିଟରୁ ଟିକେଟ୍ ଦେଇଛି ବିଜେପି। ସେହିପରି ରାମକୃପାଳ ଯାଦବଙ୍କୁ ଦଳ ଦାନାପୁର ଆସନରୁ ପ୍ରାର୍ଥୀ କରିଛି। ଏଥର ବିଜେପି ଏବଂ ଜେଡିୟୁ ୧୦୧ ଟି ଲେଖାଏଁ ସିଟରେ ନିର୍ବାଚନ ଲଢ଼ିବେ ବୋଲି ଧାର୍ଯ୍ୟ ହୋଇଥିଲା। ଏହାସହ ଏଲଜେପି (ଆର୍) ୨୯ଟି ଆସନରେ ନିର୍ବାଚନ ଲଢ଼ିବ। ସେହିପରି ହାମ୍ ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏଁ ସିଟରେ ନିର୍ବାଚନ ଲଢ଼ିବେ।

## ବିଜେପିରେ ସାମିଲ ହେଲେ ଗାୟିକା ମୈଥିଳୀ



ପାଟନା,୧୪।୧୦ଃ ବିହାର ନିର୍ବାଚନ ପାଇଁ ୭୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେପି କିଛି ପ୍ରମୁଖ ନେତାଙ୍କୁ ମଧ ତାଲିକାରୁ ବାଦ୍ ଦେଇଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିରେ ନୂତନ ଚେହେରା ଯୋଗ ଦେବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆଜି ପ୍ରଥମ ତାଲିକା ପ୍ରକାଶ ପାଇବା ସହ ଲୋକ ଗାୟିକା ମୈଥିଲୀ ଠାକୁର ବିଜେପିରେ ଯୋଗ ଦେଇଛନ୍ତି। ବିଜେପିରେ ସାମିଲ ହେବା ପରେ ସେ ଦରଭଙ୍ଗାର ଆଲିନଗର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଆମେ ପାକିସ୍ତାନକୁ ହରାଇଦେଲୁ: ତାଲିବାନ

କାବୁଲ,୧୪।୧୦ : ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଂଘର୍ଷରେ ପୁଣି ଥରେ ପାକିସ୍ତାନୀ ସେନାର ମୁଖା ଖୋଲିଯାଇଛି। ଏହି ସଂଘର୍ଷରେ ପାକିସ୍ତାନ ପକ୍ଷରୁ ୨୦୦ ତାଲିବାନୀ ସୈନିକଙ୍କୁ ମାରିଦିଆଯାଇଥିବା ଦାବି କରାଯାଉଥିବା ବେଳେ ତାଲିବାନ ଦାବି କରିଛି ଯେ, ପାକିସ୍ତାନର ୫୮ ସୈନିକ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ଏହି ସଂଘର୍ଷ ପରେ ତାଲିବାନ ପକ୍ଷରୁ କାବୁଲ ରାଜରାସ୍ତାରେ ବିଜୟୋତ୍ସବ ପାଳନ କରାଯାଉଛି। ଏଠାରେ ଲୋକମାନେ ପାକିସ୍ତାନକୁ ଉଚିତ ଶିକ୍ଷା ଦେଇଥିବାରୁ ଆନନ୍ଦିତ ହେଉଛନ୍ତି ଏବଂ ଘୋଷଣା କରୁଛନ୍ତି ଯେ, ସେମାନେ ସେମାନଙ୍କ ଦେଶ ଉପରେ କୌଣସି ଖରାପ ନଜରକୁ ସହ୍ୟ କରିବେ ନାହିଁ। ଆଫଗାନିସ୍ତାନ ସହ ସଂପର୍କକୁ ସୁଧାରିବାକୁ ପାକିସ୍ତାନ ଉଦ୍ୟମ କରୁଥିବା ବେଳେ ତାଲିବାନ ପକ୍ଷରୁ ଏ ନେଇ କୌଣସି ଆଗ୍ରହ ଦେଖାଯାଉନାହିଁ। ଗତ ତିନିଦିନ ହେଲା ପାକିସ୍ତାନର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ, ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରୀ, ଆଇଏସଆଇ ମୁଖ୍ୟ ସାମିଲ ଅଛନ୍ତି, କାବୁଲ ଯିବାକୁ ଚେଷ୍ଟା କରୁଥିଲେ ବି ସେମାନଙ୍କୁ ଭିସା ଦେବାକୁ ମନା କରିଦେଇଛି ତାଲିବାନ। ଆଫଗାନ ଇଂରାଜୀ ଖବରକାଗଜ ଟୋଲୋ ନ୍ୟୁଜ୍ ଅନୁଯାୟୀ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ହୋଇଥିବା ସାମ୍ପ୍ରତିକ ସଂଘର୍ଷରେ ତାଲିବାନ ବିଜୟ ଉତ୍ସବ ପାଳନ କରୁଛି। ରାସ୍ତାରେ ଉତ୍ସବ ଏବଂ ରାଲି ହେଉଛି।

**ଆଇପିଏସ୍ ପୁରନ କୁମାର ଆତ୍ମହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ**

# ଡିଜିପିଙ୍କୁ ଲମ୍ବା ଛୁଟିରେ ପଠାଇଲେ ସରକାର

ନୂଆଦିଲ୍ଲୀ ୧୪।୧୦ଃ ହରିୟାଣା ଡିଜିପିଙ୍କୁ ଛୁଟିରେ ପଠାଗଲା। ଆଇପିଏସ୍ ୱାଇ ପୁରନ କୁମାର ଆତ୍ମହତ୍ୟା ମାମଲାରେ ହରିୟାଣା ଡିଜିପିଙ୍କୁ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ହରିୟାଣା ଡିଜିପି ଶତ୍ରୁଜିତ କପୁରଙ୍କୁ ଛୁଟିରେ ପଠାଇଲେ ରାଜ୍ୟ ସରକାର। ଚଣ୍ଡିଗଡ଼ ସ୍ଥିତ ବାସଭବନରେ ଗତ ୭ରେ ଆତ୍ମହତ୍ୟା କରିଥିଲେ ପୁରନ କୁମାର। ସୁଇସାଇଡ୍ ନୋଟ୍‌ରେ ଡିଜିପିଙ୍କ ସମେତ ୭ ବରିଷ୍ଠ ଅଧିକାରୀଙ୍କୁ ଦାୟୀ କରଯାଇଥିଲା।

ହରିୟାଣାର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇ ପୁରନ କୁମାର ଗତ ଅକ୍ଟୋବର ୭ ତାରିଖରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଚଣ୍ଡିଗଡ଼ ସ୍ଥିତ ସେକ୍ଟର ୧୧ରେ ଥିବା ବାସଭବନରେ ସର୍ଭିସ ରିଭଲଭରରୁ ନିଜକୁ ଗୁଳି କରି ଜୀବନ ହାରିଥିଲେ ଆଇପିଏସ୍ ପୁରନ କୁମାର। ସୁଇସାଇଡ୍ ନୋଟ୍‌ରେ ଡିଜିପିଙ୍କ ସମେତ ୧୩ ବରିଷ୍ଠ ଅଧିକାରୀଙ୍କ ନାମରେ ଅଭିଯୋଗ ଆଣିଥିଲେ ପୁରନ କୁମାର। ଏହି ଆଧାରରେ ଚଣ୍ଡିଗଡ଼ ପୋଲିସ ମାମଲା ଦାୟର କରି ତଦନ୍ତ ଜାରି ରଖିଛି। ଘଟଣାରେ ପୂର୍ବ ରୋହତକ ଏସ୍‌ପି ନରେନ୍ଦ୍ର ବିଜାରନିୟାଙ୍କୁ ଶନିବାର ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ସ୍ଥାନରେ ସୁରିନ୍ଦର ସିଂହ ଭୋରିୟାଙ୍କୁ ରୋହତକ ଏସପି ଦାୟିତ୍ୱ ମିଳିଛି। ସେପଟେ ଏହି ମାମଲାର ଯାଞ୍ଚ କରୁଥିବା ଜଣେ ଏଏସଆଇ ନିଜ ଜୀବନ ହାରି ଦେଇଛନ୍ତି। ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ପୁଲିସକୁ ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ଓ ଭିଡ଼ିଓ ମେସେଜ୍ ମିଳିଛି, ଯେଉଁଥିରେ ଏଏସଆଇ ଦିବଙ୍ଗତ ଆଇପିଏସ୍ ଅଧିକାରୀ ପୁରନ କୁମାରଙ୍କ ଉପରେ ଅନେକ ଗୁରୁତର ଅଭିଯୋଗ କରିଛନ୍ତି।



## ଏଲ୍ଓସିରେ ସେନା-ଆତଙ୍କୀ ଗୁଳି ବିନିମୟ

ଜମ୍ମୁ-କାଶ୍ମୀର,୧୪।୧୪ଃ ଏଲଓସିରେ ସେନା ଓ ଆତଙ୍କୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଅନୁପ୍ରବେଶକୁ ରୋକିବାକୁ ଜମ୍ମୁ ଏବଂ କାଶ୍ମୀରର କୁପୱାଡା ସେକ୍ଟରରେ ଗୁଳି ବିନିମୟ। ଗତକାଲି ସନ୍ଧ୍ୟା ସମୟରେ ନିୟନ୍ତ୍ରଣ ରେଖା ନିକଟରେ ସନ୍ଦେହଜନକ ଗତିବିଧି ପରିଲକ୍ଷିତ ହୋଇଥିଲା। ମାଚିଲ ଏବଂ ଦୁଦନିଆଲ ଅଞ୍ଚଳରେ ସନ୍ଦେହ ଜନକ ଗତିବିଧିକୁ ଦେଖି ଫାୟାରିଂ ଆରମ୍ଭ କରିଥିଲା ସେନା। ଅନ୍ଧାରରେ ଲୁଚି ରହିଥିବା ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଗୁଳିଚାଳନା କରିଥିଲା ସେନା। କିନ୍ତୁ ସେନା ଉପରୁ ପାଲଟା ଗୁଳିଚାଳନା କରିଥିଲେ ଅନୁପ୍ରବେଶକାରୀ। ଏହା ସହ ଏଲଓସି ନିକଟରେ ବିସ୍ଫୋରଣ ମଧ ଶୁଣିବାକୁ ମିଳିଥିଲା। ଫଳରେ ଅଞ୍ଚଳକୁ ତୁରନ୍ତ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଅନୁପ୍ରବେଶକୁ ରୋକିବା ପାଇଁ ପୁରା ଅଞ୍ଚଳରେ ସେନା ପକ୍ଷରୁ କମ୍ବିଂ ଆରମ୍ଭ କରାଯାଇଛି। ସେନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଅପରେସନ ଏବେ ଜାରି ରହିଛି। ସ୍ଥିତି ଉପରେ ନଜର ରଖାଯାଇଛି। ସୈନ୍ୟମାନେ ସନ୍ଦେହଜନକ ଅନୁପ୍ରବେଶ କାର୍ଯ୍ୟକଳାପ

**ସାଉଦି ଆରବ ତିଆରି କରୁଛି ଭବିଷ୍ୟତର ସହର**

## ୧୭୦ କିମି ଲମ୍ବା ବିଲ୍ଡିଂରେ ରହିବେ ୯୦ ଲକ୍ଷ ଲୋକ

ରିଆଦ, ୧୪।୧୦ଃ ସାଉଦି ଆରବରେ ଭବିଷ୍ୟତର ଏକ ସହର ନିର୍ମାଣ ହେଉଛି। ଏମିତି ଏକ ସହରର ନିର୍ମାଣ ଯାହା ଭାବିବାକୁ ବାଧ କରୁଛି , ସତରେ କ'ଣ ମାନବଜାତି ଏତେ ଉନ୍ନତି କରିସାରିଛି ଯେ ଏତେ ବଡ଼ ସ୍କେଲର ଆଧୁନିକ ସହର ତିଆରି କରିବାକୁ ଯାଉଛି! ଆମେ କହୁଛୁ ସାଉଦି ଆରବର ନିଅମ ସିଟି ପ୍ରକଳ୍ପ ବିଷୟରେ। ଯାହାକୁ ୨୦୧୭ ରେ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ ବିନ୍ ଅବଦୁଲାଜିଜ୍ ଦ୍ୱାରା ଲଞ୍ଚ କରାଯାଇଥିଲା। ଉତ୍ତର-ପଶ୍ଚିମ ସାଉଦି ଆରବରେ ନିର୍ମିତ ଏହି ଭବିଷ୍ୟତର ସହର ୧୦୦% ନବୀକରଣୀୟ ଶକ୍ତିରେ ଚାଲିବ। ଅର୍ଥାତ୍ ସହରରେ ଡିଜେଲ ଏବଂ କୋଇଲା ମିଳିବ ନାହିଁ। ତେବେ ଏତେ ବଡ଼ ସହର ତିଆରି ହେବ ଏବଂ ଆଗରେ କିଛି ଚ୍ୟାଲେଞ୍ଜ ଆସିବନି ଏ କେମିତି ସମ୍ଭବ! ତେବେ ଆସନ୍ତୁ ଜାଣିବା ଏହି ସହର ପ୍ରସ୍ତୁତ ହେବା ପରେ ଏହାର ବିଶେଷତା କ'ଣ ରହିବ ଏବଂ ବର୍ତ୍ତମାନ ପାଇଁ ସାମ୍ନାରେ କ'ଣ ଚ୍ୟାଲେଞ୍ଜ ରହିଛି ?

ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଉଦି ଆରବର ଅର୍ଥନୀତିକୁ ବର୍ତ୍ତମାନର ତୈଳ ଉପରେ ନିର୍ଭରଶୀଳତାରୁ ଦୂରେଇ ବିବିଧ କରିବା ଏବଂ ଏହାକୁ ପର୍ଯ୍ୟଟନ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶର ଏକ କେନ୍ଦ୍ର କରିବା। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୩୭ ଲକ୍ଷ କୋଟି ଟଙ୍କା ଅର୍ଥାତ ୫୦୦ ବିଲିୟନ ଡଲାର। କିନ୍ତୁ ଏହା ପରବର୍ତ୍ତୀ ସମୟରେ ଅଧିକ ହେବାର ଆଶଙ୍କା କରାଯାଉଛି। ପ୍ରକଳ୍ପର ଆକାର କଥା ଯଦି କହିବା ଏହା ୨୬,୫୦୦ ବର୍ଗ କିଲୋମିଟରରେ ବିସ୍ତାରିତ, ଯାହା ଦିଲ୍ଲୀ କ୍ଷେତ୍ରଫଳର ପ୍ରାୟ ୧୭ ଗୁଣ।

୨୦୨୧ ମସିହାରେ କ୍ରାଉନ୍ ପ୍ରିନ୍ସଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନିଅମ୍ ପ୍ରକଳ୍ପର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ସମୁଦ୍ର କୂଳରେ ୫୦୦ ମିଟର ଉଚ୍ଚ କୋଠା ନିର୍ମାଣ କରାଯିବ, ଯାହା ୧୭୦ କିଲୋମିଟର ଏକ ସରଳ ରେଖାରେ ବିସ୍ତାରିତ ହେବ। ଦି ଲାଇନ ହେଉଛି ସହରୀ ଜୀବନଶୈଳୀର ଏକ ବୈପ୍ଳବିକ ଧାରଣା ଯାହା ଲୋକ ଏବଂ ପ୍ରକୃତି ଉଭୟକୁ ପ୍ରାଥମିକତା ଦିଏ । ଏହା ସମ୍ପୂର୍ଣ୍ଣ ନବୀକରଣୀୟ ଶକ୍ତି ଉପରେ ଆଧାରିତ ଏକ ନୂତନ ସହରୀ ସ୍ଥାୟିତ୍ୱ ମଡେଲ ସୃଷ୍ଟି କରେ। ଗୋଟିଏ ରେଖାରେ ସଜାଯାଇଥିବା କୋଠାଗୁଡ଼ିକର ଏକ ରେଖୀୟ ସହର, ଏହାର ୯୫% ଜମି ପ୍ରକୃତି ପାଇଁ ସଂରକ୍ଷଣ କରେ। ଏହା ମୁଣ୍ଡ ଟେକିବ ତାହା ସମସ୍ତେ ଦେଖିବାକୁ ବାକି ରହିଲା।

## ମେଲୋନିଙ୍କୁ ସୁନ୍ଦରୀ କହିଲେ ଟ୍ରମ୍ପ



ନୂଆଦିଲ୍ଲୀ,୧୪।୧୦ଃ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଯେଉଁଠାକୁ ଯାଆନ୍ତି ସେଠାରେ ଚର୍ଚ୍ଚାର ବିଷୟ ପାଲଟନ୍ତି। ସୋମବାର ଦିନ ଇଜିପ୍ଟରେ ଗାଜା ଶିଖର ସମ୍ମିଳନୀ ସମୟରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ମିଳନୀରେ ମେଲୋନିଙ୍କ ସୌନ୍ଦର୍ଯ୍ୟକୁ ପ୍ରଶଂସା କରିଥିଲେ। ଟ୍ରମ୍ପ ମଞ୍ଚରେ ଥିବା ଏକମାତ୍ର ମହିଳା ନେତ୍ରୀ ଭାବେ ଉପସ୍ଥିତ ଥିବା ମେଲୋନିଙ୍କୁ ସୁନ୍ଦରୀ ବୋଲି କହି ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ। ସେ ତାଙ୍କୁ ଜଣେ ଅତ୍ୟନ୍ତ ସଫଳ ରାଜନେତ୍ରୀ ଭାବରେ ମଧ ବର୍ଣ୍ଣନା କରିଥିଲେ। ତିନିଥର ବିବାହ କରିଥିବା ଟ୍ରମ୍ପ ଏଭଳି ମେଲୋନିଙ୍କ ପ୍ରଶଂସା କରିବା ଏବେ ଚର୍ଚ୍ଚାରେ ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତେହ ଅଲ ସିସି ଇଜିପ୍ଟର ଶର୍ମ ଏଲ ଶେଖ୍‌ରେ ଗାଜା ଶାନ୍ତି ସମ୍ମିଳନୀର ମିଳିତ ଆୟୋଜନ କରିଥିଲେ। ଗାଜା ଷ୍ଟ୍ରିପ୍‌ରେ ଯୁଦ୍ଧ ଶେଷ କରିବା ଏହି ସମ୍ମିଳନୀର ଲକ୍ଷ୍ୟ। ଏହି ସମ୍ମିଳନୀରେ ୨୦ରୁ ଅଧିକ ବିଶ୍ୱ ନେତା ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଭାଷଣ ଦେବା ମଧ୍ୟରେ ଟ୍ରମ୍ପ, ମେଲୋନିଙ୍କ ପ୍ରଶଂସା କରିବାରେ ଲାଗିପଡ଼ିଥିଲେ। ସେ କହିଥିଲେ ଯେ, "ମୋତେ ଏଭଳି କହିବାକୁ ଅନୁମତି ନାହିଁ, କାରଣ ଏହା ସାଧାରଣତଃ ଆପଣଙ୍କ ରାଜନୈତିକ କ୍ୟାରିୟରକୁ ଶେଷ କରିଦିଏ। କିନ୍ତୁ ସେ ଜଣେ ସୁନ୍ଦର ମହିଳା। ଯଦି ଆପଣ ଆମେରିକାରେ ଜଣେ ମହିଳାଙ୍କ ସୁନ୍ଦରତା ବର୍ଣ୍ଣନା କରିବା ପାଇଁ 'ସୁନ୍ଦରୀ' ଶବ୍ଦ ବ୍ୟବହାର କରନ୍ତି, ତେବେ ଏହା ଆପଣଙ୍କ ରାଜନୈତିକ କ୍ୟାରିୟରକୁ ଶେଷ କରିଦେବ। କିନ୍ତୁ ମୁଁ ମେଲୋନିଙ୍କୁ ପ୍ରଶଂସା କରିବି।"

ପଛରେ ଠିଆ ହୋଇଥିବା ୪୮ ବର୍ଷୀୟ ମେଲୋନିଙ୍କ ଆଡ଼କୁ ଅନାଇ ଟ୍ରମ୍ପ୍ କହିଥିଲେ, "ମୁଁ ଆପଣଙ୍କୁ ସୁନ୍ଦର ବୋଲି କହିଲେ ଆପଣଙ୍କର କୌଣସି ଆପତ୍ତି ନାହିଁ ତ ?" ଏହା ଶୁଣି ମେଲୋନି ମୁଣ୍ଡ ହଲାଇ ନା ବୋଲି କହିଥିଲେ। ଏହା ଦେଖି ଟ୍ରମ୍ପ କହିଥିଲେ "ଧନ୍ୟବାଦ। ଆପଣ ମହୁତ ସୁନ୍ଦର।" ଟ୍ରମ୍ପ୍ ମୁହଁ ଫେରାଇ ନେବା ସମୟରେ କ୍ୟାମେରା ତାଙ୍କ ଭାବକୁ କଏଦ କରିପାରି ନ ଥିବାରୁ ଏଥିରେ ମେଲୋନିଙ୍କ ପ୍ରତିକ୍ରିୟା ଅଜଣା।

**ଶାନ୍ତି ଚୁକ୍ତି ପରେ ଗାଜାକୁ ରକ୍ତରଞ୍ଜିତ କଲା ହମାସ**

# ୮ ଜଣଙ୍କୁ ସର୍ବସମ୍ମୁଖରେ ଗୁଳିକରି ହତ୍ୟା

ଗାଜା, ୧୪।୧୦ଃ ଗାଜାର ଆଭ୍ୟନ୍ତରୀଣ ସୁରକ୍ଷାକୁ ହମାସ ନିୟନ୍ତ୍ରଣ କରିବାକୁ ସକ୍ଷମ ବୋଲି ଶାନ୍ତି ଚୁକ୍ତିରେ ମଧ୍ୟସ୍ଥି ସାଜିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବାର କିଛି ସମୟରେ ଏପରି ଖବର ସାମ୍ନାକୁ ଆସିଛି। ଇସ୍ରାଏଲ ସହ ଶାନ୍ତି ଚୁକ୍ତି ପରେ ପାଲେଷ୍ଟାଇନର ସାଧାରଣ ଲୋକ ଆଶା କରିଥିଲେ ଯେ, ଗାଜାରେ ଶାନ୍ତି ଫେରିବ। କିନ୍ତୁ ଇସ୍ରାଏଲ ସହ ଶାନ୍ତି ଚୁକ୍ତି କରିଥିବା ହମାସ ଏବେ ରକ୍ତର ହୋଲି ଖେଳିବା ଆରମ୍ଭ କରିଛି। ଗାଜାରେ ନିଜର ଦବାଦବା ପ୍ରଦର୍ଶନ କରି ପୁଣି ଶାସନ କରିବାକୁ ହମାସ ପକ୍ଷରୁ ବିଦ୍ରୋହୀଙ୍କ ଜୀବନ ନେବା ଆରମ୍ଭ କରିଛି।

ହମାସର ଫାୟାରିଂ ଗ୍ରୁପ ପକ୍ଷରୁ ସର୍ବସମ୍ମୁଖରେ ବିଦ୍ରୋହୀ ଗୋଷ୍ଠୀର ୮ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଇସ୍ରାଏଲର ହମଲା ବେଳେ ଏମାନେ ହମାସ ବିରୋଧରେ ରହିଥିଲେ। ତେଣୁ ସେମାନଙ୍କୁ ସର୍ବସମ୍ମୁଖରେ ଦଣ୍ଡ ଦିଆଯାଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହାକୁ ମିଶାଇ ହମାସ ବିଦ୍ରୋହୀ ଗୋଷ୍ଠୀର ୫୦ରୁ ଅଧିକ ଲୋକଙ୍କ ଜୀବନ ନେଇ ସାରିଲାଣି। ପୀଡ଼ିତମାନଙ୍କ ଆଖିରେ



ପଟି ପଡ଼ିଥିବା ବେଳେ ସେମାନଙ୍କ ହାତ ପଛରେ ବନ୍ଧା ଯାଇଛି। ହମାସ ପକ୍ଷରୁ କୁହାଯାଇଛି ଯେ, ଅପରାଧିକ କାର୍ଯ୍ୟକଳାପ ଓ ଇସ୍ରାଏଲର ହମଲା ବେଳେ ସେମାନଙ୍କ ସାଥ ଦେଇଥିବା ଲୋକମାନଙ୍କୁ ହିଁ ଦଣ୍ଡ ଦିଆଯାଇଛି। ଆଗକୁ ମଧ ସେଭଳି ଲୋକଙ୍କୁ ଚିହ୍ନଟ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏପରି କାର୍ଯ୍ୟାନୁଷ୍ଠାନ ପରେ ଗାଜାରେ ପୁଣି ହମାସ ଓ ସ୍ଥାନୀୟ ଅଞ୍ଚଳର ଅନ୍ୟତମ ସଶକ୍ତ ସଶସ୍ତ୍ର ବଳ ଦୋଗମୁଶ ବଂଶଜଙ୍କ ମଧ୍ୟରେ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ, ହମାସର ଆଭ୍ୟନ୍ତରୀଣ ସୁରକ୍ଷାବଳ ସହ ଲଢ଼େଇ କରି ଦୋଗମୁଶ ବଂଶଜ ୫୨ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ସେହିପରି ପାଲଟା ଆକ୍ରମଣରେ ୧୨ ଜଣ ହମାସ ସଦସ୍ୟଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ହମାସର ବରିଷ୍ଠ ଅଧିକାରୀ ବସୀମ ନୈମର ପୁଅ ମଧ ରହିଛି। ଇସ୍ରାଏଲ ସେନା ହମାସ ସହ ଲଢ଼େଇ କରୁଥିବା ବେଳେ ଦୋଗମୁଶ ବଂଶଜମାନେ ଏଥିରେ ସାମିଲ ହୋଇଥିଲେ। ତେଣୁ ଏବେ ହମାସ ସେମାନଙ୍କ ବିରୋଧରେ ଲଢ଼େଇ ଆରମ୍ଭ କରିଦେଇଛି। ଏହାକୁ ନେଇ ପୁଣି ଅଶାନ୍ତ ହୋଇ ଉଠିଛି ଗାଜା।

## ଯାତ୍ରୀବାହୀ ବସରେ ଲାଗିଲା ନିଆଁ, ୧୨ ମୃତ



ଜୟପୁର,୧୪।୧୦ଃ ରାଜସ୍ଥାନର ଜୈସଲମୈରରେ ଘଟିଛି ଏକ ବଡ଼ ଦୁର୍ଘଟଣା। ଏକ ଯାତ୍ରୀବାହୀ ବସରେ ଲାଗିଲା ନିଆଁ। ବସରେ ୫୭ ଜଣ ଯାତ୍ରୀ ଥିଲେ। ଏମାନଙ୍କ ମଧ୍ୟରୁ ୧୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ୪୦ ଯାତ୍ରୀ ଆହତ ହୋଇଛନ୍ତି। ବସଟି ଜୈସଲମୈରରୁ ଯୋଧପୁର ଯାଉଥିଲା। ହଠାତ୍ ବସରେ ନିଆଁ ଲାଗିବା ଯୋଗୁଁ ବସଟି ରାସ୍ତା ମଝିରେ ଜଳି ଉଠିଥିଲା। ଦୁର୍ଘଟଣା ଥଇୟାତ ଗାଁରେ ଘଟିଛି। ବସରେ ୫୭ ଜଣ ଯାତ୍ରୀ ଥିଲେ। ଘଟଣା ପରେ ସ୍ଥାନୀୟ ଲୋକ ଉଦ୍ଧାର କାମରେ ଲାଗିପଡିଥିଲେ। ଆହତଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରାଯାଇଛି। ଆଗକୁ ଆଉ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ତେବେ ବସରେ ନିଆଁ କିଭଳି ଲାଗିଲା, ତାହା ଜଣାପଡିନାହିଁ। ଅଗ୍ନିଶମ ଟିମ୍ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି।

## ସୁଶାନ୍ତ ସିଂ ରାଜପୁତଙ୍କ ଭଉଣୀଙ୍କୁ ମିଳିଲା ଟିକେଟ



ପାଟନା,୧୪।୧୦ଃ ବିହାର ବିଧାନସଭା ନିର୍ବାଚନ ଲାଗି ସିପିଆଇ (ଏମ୍‌ଏଲ୍) ପ୍ରାର୍ଥୀ ଘୋଷଣା ଆରମ୍ଭ କରିଦେଇଛି। ଯେଉଁଥିରେ ଦିବଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମାମୁଁ ଝିଅ ଭଉଣୀ ଦିବ୍ୟା ଗୌତମଙ୍କ ନାମ ସାମିଲ ରହିଛି। ଦୀଘା ବିଧାନସଭା ସିଟରେ ତାଙ୍କୁ ସିପିଆଇ (ଏମ୍‌ଏଲ୍) ଟିକେଟ ଦେଇଛି। ସିପିଆଇ(ଏମଏଲ) ଲିବରେସନର ମହାସଚିବ ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଦଳ ଅତି କମରେ ୧୮ଟି ଆସନରେ ଲଢ଼ିବା ପାଇଁ ପଥ ପରିଷ୍କାର କରିଛି, ଯେତେବେଳେ ଆହୁରି ଅନେକ ଆସନ ପାଇଁ ଆଲୋଚନା ଚାଲିଛି। ତାଙ୍କ ଦଳର ପ୍ରାର୍ଥୀମାନେ ମଙ୍ଗଳବାରଠାରୁ ନାମାଙ୍କନ ଦାଖଲ କରିବା ଆରମ୍ଭ କରିବେ। ଦିବ୍ୟା ଗୌତମ ପାଟନା ବିଶ୍ୱବିଦ୍ୟାଳୟରୁ ପାଟନା କଲେଜରୁ ମାସ୍ କମ୍ୟୁନିକେସନରେ ଗ୍ରାଜୁଏସନ କରିଛନ୍ତି। ସେ ୨୦୧୨ରେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଆସୋସିଏସନ ଟିକେଟର ପାଟନା ୟୁନିଭରସିଟି ଷ୍ଟୁଡେଣ୍ଟ ୟୁନିଅନ ଅଧକ୍ଷ ନିର୍ବାଚନ ଲଢିଥିଲେ।

## ଟ୍ରମ୍ପଙ୍କୁ ପ୍ରଶଂସା କଲେ ପାକ୍ ପ୍ରଧାନମନ୍ତ୍ରୀ



ଇସଲମାବାଦ,୧୪।୧୦ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଶଂସାରେ ପୋତି ପକାଇଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶେହବାଜ୍ ଏହି ପ୍ରଶଂସା ତାଙ୍କର ଇସଲାମାବାଦ କାର୍ଯ୍ୟାଳୟରୁ ନୁହେଁ ବରଂ ମିଶରରେ ହେଉଥିବା ଗାଜା ଶାନ୍ତି ସମ୍ମିଳନୀରେ କରିଛନ୍ତି। ଶେହବାଜ୍ ମନେ ପକାଇଦେଲେ ଯେ, ଟ୍ରମ୍ପ୍‌ଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ପାକିସ୍ତାନ ହିଁ ମନୋନୀତ କରିଛି। ତା'ପରେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିଥିବା ଟ୍ରମ୍ପଙ୍କୁ ମିଥ୍ୟା ଶ୍ରେୟ ବି ଦେଇଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଟ୍ରମ୍ପଙ୍କ ପ୍ରଶଂସା ଏତେ ଜୋରଦାର ଥିଲା ଯେ, ସେଠାରେ ଉପସ୍ଥିତ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ମଧ ନିଜ ମୁହଁରେ ହାତ ରଖି ନିରବରେ ଶୁଣୁଥିଲେ। ତାଙ୍କ ମୁହଁରେ ଆଶ୍ଚର୍ଯ୍ୟର ଏକ ଝଲକ ଦେଖାଯାଉଥିଲା। ଶେହବାଜ କହିଥିଲେ, ମୁଁ ପୁଣିଥରେ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରିବାକୁ ଚାହେଁ। ପ୍ରଥମେ ପ୍ରଧାନମନ୍ତ୍ରୀ ଶେହବାଜ ଶାନ୍ତି ଚୁକ୍ତିନାମା ସୁନିଶ୍ଚିତ କରିବା ପାଇଁ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବା ଆରମ୍ଭ କଲେ। ସେ ପ୍ରକୃତରେ ଜଣେ ଶାନ୍ତିପ୍ରିୟ ବ୍ୟକ୍ତି, ଯିଏ ଏହି ବିଶ୍ୱକୁ ଶାନ୍ତି ଏବଂ ସମୃଦ୍ଧିରେ ରଖିବା ପାଇଁ ଦିନରାତି ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ବୋଲି ଶେହବାଜ୍ କହିଥିଲେ।

## ଦିଲ୍ଲୀରେ ଭୟଙ୍କର ବାୟୁ ପ୍ରଦୂଷଣ

ନୂଆଦିଲ୍ଲୀ,୧୪।୧୦ଃ ଦିଲ୍ଲୀ ସହ ଏନସିଆର ଅଞ୍ଚଳରେ ପୁଣି ଥରେ ପ୍ରଦୂଷଣ ଭୟଙ୍କର ରୂପ ନେଇଛି। ପରିସ୍ଥିତି ଏହା ଯେ, ମଙ୍ଗଳବାର ଦିଲ୍ଲୀ ଅନେକ ଅଞ୍ଚଳରେ ଏକ୍ୟୁଆଇ ୨୦୦ ପଏଣ୍ଟକୁ ଅତିକ୍ରମ କରିଯାଇଛି। ବାୟୁର ଗୁଣବତ୍ତାର ଖରାପ ଶ୍ରେଣୀରେ ପହଞ୍ଚିବା ପରେ ହିଁ ଦିଲ୍ଲୀ ଓ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ଏନସିଆରରେ ଗ୍ରେନେଡ୍ ରେସପନ୍ସ ଆକ୍ସନ ପ୍ଲାନ ଅର୍ଥାତ୍ ଗ୍ରାପ୍‌ର ପ୍ରଥମ ପର୍ଯ୍ୟାୟର ପ୍ରତିବନ୍ଧକକୁ ଲାଗୁ କରି ଦିଆଯାଇଛି।



ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍) ବିଗିଡ଼ି ଥିବା ପ୍ରଦୂଷଣ ସ୍ତରର ସମୀକ୍ଷା ପରେ ପ୍ରଦୂଷଣ-ରୋଧୀ ଉପାୟକୁ ପ୍ରଥମ ପର୍ଯ୍ୟାୟରେ ସକ୍ରିୟ କରିବାକୁ ନିର୍ଣ୍ଣୟ ନେଇଛି। ବାୟୁର ଗୁଣବତ୍ତା ପ୍ରବନ୍ଧନ ଆୟୋଗ ଅର୍ଥାତ୍ ସିକ୍ୟୁଏଏମ୍ ପକ୍ଷରୁ ଜାରି ଟିପ୍ପଣୀରେ କୁହାଯାଇଛି ଯେ, ଦିଲ୍ଲୀରେ ବିଗିଡ଼ି ଥିବା ବାୟୁର ଗୁଣବତ୍ତା ମଧ୍ୟରେ ଗ୍ରାପ୍-୧ର ପ୍ରତିବନ୍ଧକକୁ ଲାଗୁ କରି ଦିଆଯାଇଛି। ଗ୍ରାପ୍-୧ ଅନୁସାରେ ପ୍ରତିବନ୍ଧକ ସେତେବେଳେ ଲାଗୁ ହେବ, ଯେତେବେଳେ ଏକ୍ୟୁଆଇ ୨୦୦ର ସୀମାକୁ ଅତିକ୍ରମ କରିଯାଏ। ମଙ୍ଗଳବାର ଦିଲ୍ଲୀର ହାରାହାରି ଏକ୍ୟୁଆଇ ୨୧୧ ରୁଜୁ କରାଯାଇଛି, ଯାହା ଖରାପ ଶ୍ରେଣୀରେ ଆସିଥାଏ। ଜାରି ନିର୍ଦ୍ଦେଶରେ କୁହାଯାଇଛି ଯେ, ଗ୍ରାପ୍-୧ ଅନୁସାରେ କାର୍ଯ୍ୟଗୁଡ଼ିକ ସମଗ୍ର ଏନସିଆରରେ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ କରାଯିବ। ବିବୃତ୍ତିରେ ଏହା ମଧ କୁହାଯାଇଛି ଯେ, କମିଟି ଏକ୍ୟୁ-୧ ଉପରେ କଡ଼ା ନଜର ରଖିବ ଏବଂ ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ସମୟ ସମୟରେ ପରିସ୍ଥିତି ସମୀକ୍ଷା କରିବ।

# ଏକାମ୍ର ପ୍ରକଳ୍ପର ସମୀକ୍ଷା କଲେ ବିଏମ୍‌ସି କମିଶନର

**ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକାମ୍ର ପ୍ରକଳ୍ପ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ପାର୍କିଂ, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ୍, ଜମି ଅଧିଗ୍ରହଣ ଓ ପ୍ରକଳ୍ପର ଅନ୍ୟାନ୍ୟ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର, ଭୁବନେଶ୍ୱର ଉପଜିଲ୍ଲାପାଳ, ଓବିସିସି ମୁଖ୍ୟଯନ୍ତ୍ରୀ ଓ ସାଧାରଣ ପରିଚାଳକ, ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଏସ୍‌ଆଇର ପ୍ରତିନିଧି, ବିଏମ୍‌ସିର ଭୂ-ଅଧିକାରୀ ବୈଠକରେ ଯୋଗଦେଇଥିଲେ।

୧୧୦୦ ଶତାବ୍ଦୀର ଐତିହାସିକ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଞ୍ଚଳକୁ ପୁନର୍ଜୀବିତ କରିବା ସହ ଏକାମ୍ର କ୍ଷେତ୍ରର ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନାବଦ୍ଧ ଭାବେ କରିବା ଓ ଭୁବନେଶ୍ୱର ଐତିହ୍ୟର ସଂରକ୍ଷଣ ଓ ସହରାଞ୍ଚଳ ବିକାଶ ପାଇଁ ପଦକ୍ଷେପ ନେବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଚାରୁଖଚିତ ସ୍ଥାପତ୍ୟ ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ତୀର୍ଥଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା, ଏକାମ୍ର ପରିସରରେ ସୁନିୟନ୍ତ୍ରିତ ଟ୍ରାଫିକ ବ୍ୟବସ୍ଥା କରିବା, ପୁରାତନ ମନ୍ଦିର ଓ ଜଳାଶୟଗୁଡିକର ପୁନରୁଦ୍ଧାର, ପାଦଚଲା ରାସ୍ତାର ବିକାଶ, ପାର୍କିଂ ଓ ସମାବେଶସ୍ଥଳ ସୃଷ୍ଟି ଓ ଏହି ଅଞ୍ଚଳକୁ ୟୁନେସ୍କୋରେ ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ପାଇଁ ସ୍ଥାନିତ କରିବା। ବିନ୍ଦୁ ସାଗର ହ୍ରଦ ଚାରିପାଖରେ ଉତ୍ସର୍ଗୀକୃତ ପାଦଚଲା ରାସ୍ତାର ବିକାଶ କରିବା ସର୍ବୋପରି ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରିବା।

ସମ୍ପ୍ରତି ପ୍ରାୟ ୭ ଏକର ଘରୋଇ ଜମି ଅଧିଗ୍ରହଣ ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି।

ଜମି ଅଧିଗ୍ରହଣ ପାଇଁ ବିଏମ୍‌ସି ଖୁବ୍‌ଶୀଘ୍ର ଓବିସିସି ସହ ଆଲୋଚନା କରିବା ପରେ ଏ ସମ୍ପର୍କିତ ଯୋଜନାର ରୂପରେଖ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ସମ୍ପୃକ୍ତ ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି। ଲିଙ୍ଗରାଜ ମହାପ୍ରଭୁଙ୍କ ଜାଗର ଯାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ଏବେଠାରୁ ତ୍ୱରାନ୍ୱିତ କରିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି।

# ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୭ ୱିକେଟ୍‌ରେ ଜିତିଲା ଭାରତ



**ନୂଆଦିଲ୍ଲୀ,୧୪।୧୦:** ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସାତ ୱିକେଟ ବିନିମୟରେ ବିଜୟୀ ହୋଇଛି ଭାରତ। ଚତୁର୍ଥ ଦିନରେ ଦ୍ୱିତୀୟ ଇନିଂସ ଶେଷ ହେବା ପରେ ୧୨୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭାରତ ପଞ୍ଚମ ଦିନ ମଙ୍ଗଳବାରରେ ଏହାକୁ ସହଜରେ ହାସଲ କରିଛି। କେଏଲ ରାହୁଲଙ୍କ ଅର୍ଦ୍ଧଶତକ ବଳରେ ଭାରତ ଶେଷ ଦିନରେ ବିଜୟୀ ହୋଇଛି। ତେବେ, ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଏହା ଭାରତର ପ୍ରଥମ ଟେଷ୍ଟ ସିରିଜ ବିଜୟ।

ଟିମ୍ ଇଣ୍ଡିଆର ବିଜୟ ପଛରେ କୁଳଦୀପ ଯାଦବ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁଳଦୀପ ମ୍ୟାଚ୍‌ରେ ୮ ୱିକେଟ୍ ହାତେଇଥିବା ବେଳେ ଯଶସ୍ୱୀ ପ୍ରଥମ ଇନିଂସରେ ୧୭୫ ରନ୍ କରି ଦଳକୁ ଆଗେଇ ନେଇଥିଲେ।

ଦିଲ୍ଲୀ ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ୩୯୦ ରନ୍ କରିଥିଲା। ଟିମ୍ ଇଣ୍ଡିଆ ୫୧୮/୫ ସ୍କୋରରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଯେତେବେଳେ କି ୱେଷ୍ଟଇଣ୍ଡିଜ୍ ତାର ପ୍ରଥମ ଇନିଂସରେ ୨୪୮ ରନ କରିଥିଲା। ପ୍ରଥମ ଇନିଂସ ଆଧାରରେ ଭାରତ ୨୭୦ ରନ୍ ଆଗୁଆ ଥିଲା।

ଅହମ୍ମଦାବାଦରେ ଖେଳାଯାଇଥିବା ସିରିଜର ପ୍ରଥମ ଟେଷ୍ଟରେ ଭାରତୀୟ ଦଳ ଏକ ଇନିଂସ ଏବଂ ୧୪୦ ରନରେ ଏକ ଦମଦାର ବିଜୟ ହାସଲ କରିଥିଲା। ଏହା ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର କ୍ରମାଗତ ଦଶମ ଟେଷ୍ଟ ସିରିଜ ବିଜୟ। ଶେଷ ଥର ପାଇଁ ୱେଷ୍ଟଇଣ୍ଡିଜ୍ ୨୦୨୧ ମସିହାରେ ଭାରତକୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା (୨-୧)। ସେବେଠାରୁ, ୱେଷ୍ଟଇଣ୍ଡିଜ୍ ଦଳ ଭାରତ ବିପକ୍ଷରେ ଗୋଟିଏ ବି ଟେଷ୍ଟ ମ୍ୟାଚ୍ ଜିତିପାରିନାହିଁ।

## ଗୋଚାଲାଣ ବେଳେ ଧରାପଡ଼ିଲା ଗାଡ଼ି, ୪ ଗାଈ ଉଦ୍ଧାର

**ବାରିପଦା,୧୪।୧୦(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗକୁ କୁଳିଅଣା ବ୍ଲକ ଚାନ୍ଦୁଆ ମଧ୍ୟ ଦେଇ ଗୋ ଚାଲାଣ ଉଦ୍ୟମ ହେଉଥିବା ବେଳେ ଗାଈ ବୋଝେଇ ଗାଡ଼ି ଜବତ ହୋଇଛି। ବଜରଙ୍ଗ ସେନା କର୍ମକର୍ତ୍ତା ଗାଡିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଏକ ଟାଟା ଏସି ଗାଡିରେ ସର୍ଗଛିଡା ଗ୍ରାମପଞ୍ଚାୟତର ଟଙ୍ଗାଶୋଳ ଗ୍ରାମ ଦେଇ ଯାଉଥିବା ବେଳେ ବଜରଙ୍ଗ ସେନା କର୍ମୀ ଅଟକାଇ ଥିଲେ। ଏହାପରେ ଚାନ୍ଦୁଆ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚି ଉକ୍ତ ଗାଡି ସମେତ ୪ଟି ଗାଈ ଜବତ କରି ଥାନାକୁ ଆଣିଥିଲେ। ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ଥିବାବେଳେ ଗାଈଙ୍କୁ ବାଲେଶ୍ୱର ଗୋଶାଳା ପଠାଇ ଦିଆଯାଇଛି।

## ମାଟିକାନ୍ଥ ପଡ଼ି ୨ ଗୁରୁତର, ହସ୍ପିଟାଲରେ ଭର୍ତ୍ତି

**ବାରିପଦା, ୧୪।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଚାନ୍ଦୁଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମପଞ୍ଚାୟତର ଖଡିଆଶୋଳ ଗ୍ରାମରେ ମାଟି କାନ୍ଥ ପଡ଼ି ୨ ଜଣ ଗୁରୁତର ହୋଇଛନ୍ତି। ନଣଦେଇ ଚକ୍ରଧର ରାଜ ଓ ଭାଉଜ ସୁକାନ୍ତି ଧଳ ନିଜର ପୁରୁଣା ରୋଷେଇ ଘର ପାଖରେ ସଫେଇ କାର୍ଯ୍ୟ କରୁଥିବା ବେଳେ ଅଘଟଣ ଘଟିଥିଲା। ହଠାତ୍ ରୋଷେଇ ଘର ମାଟି କାନ୍ଥଟି ଉଭୟଙ୍କ ଉପରେ ଧସି ପଡ଼ିଥିଲା। ଫଳରେ ଦୁହେଁ ଗୁରୁତର ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆଣି ଭର୍ତ୍ତି କରାଯାଇଛି। ନଣଦେଇ ଚକ୍ରଧର ରାଜଙ୍କ ଛାତି ଓ ଅଣ୍ଟାରେ ମାଡ ହୋଇଥିବା ବେଳେ ଭାଉଜ ସୁକାନ୍ତି ଧଳଙ୍କ ବାମ ପାର୍ଶ୍ୱ ଆଣ୍ଠୁ ମାଡ଼ ହୋଇଥିବାର ଜଣାପଡ଼ିଛି।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ, ୪ ଗିରଫ

**ଜୟପୁର,୧୪।୧୦(ସଂଚାର ବ୍ୟୁରୋ):** ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଓ ସେଟଲାଇଟ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁଞ୍ଜିଗୁଡା ଗ୍ରାମର ଦିବାକର ବିଷୋଇ (୩୮) ବାରିଣିପୁଟ ସମର ଖିଲ (୫୫)। ସିଉଣିଗୁଡା ଗ୍ରାମର କୈଳାସ ଚାଲାଣ ଓ ଖଗପତି ଭୁମିଆ। ଏକ ବାଇକରେ ଦେଶୀ ମଦ ଚାଲାଣ ସୁଚନା ପାଇ ଜୟପୁର ସେଟ ଲାଇଟ ଅବକାରି ୟୁନିଟ ଆଜି ସିଉଣିଗୁଡା ଗ୍ରାମରେ ରାସ୍ତାରେ ଚଢାଉ କରିଥିଲା। ଚଢାଉ କରି ୨ ଅଭିଯୁକ୍ତକୁ ଗିରଫ କରି ବାଇକ ସହ ୯୦ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ୨ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସେହିପରି ଦେଶୀ ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଗୁଞ୍ଜିଗୁଡା ଓ ବାରିଣିପୁଟରେ ଚଢାଉ କରି ୨୨ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ୨ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରି ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

## ଆଉ ୧୦ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି

**ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଏକ ଅବିଚ୍ଛେଦ୍ୟ ଅଙ୍ଗ ଆଭ୍ୟନ୍ତରୀଣ ଅଡିଟ୍ ଏବେ ଓଡ଼ିଶା ସଚିବାଳୟର ୨୮ଟି ପ୍ରଶାସନିକ ବିଭାଗରେ କାର୍ଯ୍ୟ କରୁଛି। ଏବେ ସରକାର ଆହୁରି ୧୦ ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରି ରାଜ୍ୟରେ ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବା ଦିଗରେ ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ସରକାରଙ୍କ ଏହି ପଦକ୍ଷେପ ସହି ଆଭ୍ୟନ୍ତରୀଣ ଅଡିଟ୍ ଏବେଠାରୁ ୩୮ଟି ବିଭାଗରେ କାର୍ଯ୍ୟ କରିବ।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

## ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ

**ଭଦ୍ରକ, ୧୪।୧୦(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ଥାନା ମୁସ୍ତାଫାପୁର ଅଞ୍ଚଳର ସାୟେମା ଖାତୁନ ଗତକାଲି ରାତିରେ ପରିଶ୍ରା କରିବାକୁ ବାହାରକୁ ଆସିଥିବା ବେଳେ ସେକ ରସିଦଙ୍କ ପୁଅ ସେକ ମୁସ୍ତାକ ମୁସ୍ତାଫାପୁର ଘର ଓ ସେଖ ଭାଲୋ (ଘର-ଭଦ୍ରକ ଅଞ୍ଚଳର) ତାଙ୍କୁ ଜୋର ପୂର୍ବକ ଟେକି ନେଇ ଘର ଭିତର ଖଟ ଉପରେ ପକାଇ ଦୁଷ୍କର୍ମ କରିବା ଉଦ୍ୟମ କରିଥିଲେ। ସାୟେମାଙ୍କ କହିବା ଅନୁସାରେ, ଅଭିଯୁକ୍ତମାନେ ତାଙ୍କ କପଡ଼ା ଫାଡ଼ି ଦେହର ବିଭିନ୍ନ ସ୍ଥାନରେ କାମୁଡି ଓ ଚିହ୍ନ ବର୍ଣ୍ଣ କରିଦେଇଥିଲେ। ସେ ଚିଲାଇବା ପରେ ପରିବାର ଲୋକ ଉଠି ପଡ଼ିବା ପରେ ଅଭିଯୁକ୍ତ ଦୁଇଜଣ ଘଟଣାସ୍ଥଳରୁ ଛାଡ଼ି ପଳାଇଥିଲେ। ଏନେଇ ସାୟେମା ଆଜି ଧାମନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗ ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାକୁ କେନ୍ଦ୍ରକରି ଅପର ପକ୍ଷରେ ଉମର ଅଲ୍ଲି, ସେକ ଜରି ଓ ସେକ ଗଫର ଜନୈକା ମହିଳାଙ୍କୁ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଘଟଣାକୁ କେନ୍ଦ୍ର କରି ପୋଲିସ ତଦନ୍ତ ଚଳାଇଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ଉଭୟ ପକ୍ଷ ଏପରି ଅଭିଯୋଗ କରିଥିବା ପୋଲିସ ଅନୁମାନ କରୁଛି। ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ଥାନା ଅଧିକାରି ରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

## ଦରମା ନପାଇ ଆନ୍ଦୋଳନରେ ୫୭ ଅତିଥି ଅଧ୍ୟାପକ

**କେନ୍ଦୁଝର,୧୪।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ୫୭ ଜଣ ଅତିଥି ଅଧ୍ୟାପକ ୩ ମାସ ହେଲା ଦରମା ନପାଇ ଆନ୍ଦୋଳନରେ ବସିଛନ୍ତି। ଗତ ୩ ମାସ ଧରି ଏହି ଅତିଥି ଅଧ୍ୟାପକମାନେ ଶିକ୍ଷାଦାନ, ପରୀକ୍ଷା ନିୟନ୍ତ୍ରଣ, ପରୀକ୍ଷା ଖାତା ମୂଲ୍ୟାୟନ ସହ ବିଭିନ୍ନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରୁଥିବା ସତ୍ତ୍ୱେ, ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିପାରୁନାହିଁ। ଅନ୍ୟ ବିଶ୍ୱବିଦ୍ୟାଳୟରେ, ଅତିଥି ଅଧ୍ୟାପକମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ତରଫରୁ ପୁନଃ ନିଯୁକ୍ତି ପତ୍ର ଦେବା ସହ, ସେମାନଙ୍କୁ ଦରମା ପ୍ରଦାନ କରାଯାଉଛି। ଏଠାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ତଦନ୍ତ କମିଟି ଏ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିସାରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୯ ତାରିଖରେ ଜଣେ ସିଣ୍ଡିକେଟ୍ ସଭ୍ୟଙ୍କୁ ନେଇ ଏସମ୍ପର୍କରେ ଆଲୋଚନା ଶେଷ ହୋଇଥିବା ବେଳେ ଅତିଥି ଅଧ୍ୟାପକମାନେ ସେମାନଙ୍କ ପ୍ରାପ୍ୟ ନପାଇବାରୁ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅନ୍ୟପଟେ, ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଅତିଥି ଅଧ୍ୟାପକମାନେ ଆନ୍ଦୋଳନ ନକରିବାକୁ ଅନୁରୋଧ କରିଛନ୍ତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍। ଗତ ଜୁନ୍ ୩୦ ତାରିଖରେ ଅତିଥି ଅଧ୍ୟାପକମାନଙ୍କର କଣ୍ଟ୍ରାକ୍ଟ ସମୟସୀମା ଶେଷ ହୋଇଥିବା ବେଳେ ଏହାକୁ ବୃଦ୍ଧି କରିବାକୁ ସରକାରଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିବା ସେ କହିଛନ୍ତି।

## କପଡ଼ା କାରଖାନା ଅଗ୍ନିକାଣ୍ଡ, ୧୬ ମୃତ



**ଢାକା,୧୪।୧୦:** ବାଂଲାଦେଶର ରାଜଧାନୀ ଢାକା ନିକଟ ମିରପୁରର ଶିଆଲବାରି ଅଞ୍ଚଳରେ ଘଟିଛି ବଡ଼ ଅଘଟଣ। ଏଠାରେ ଥିବା ଏକ ରାସାୟନିକ ଗୋଦାମ ଏବଂ ଗୋଟିଏ କପଡ଼ା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୧୬ ଜଣକ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି।

ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ଘଟଣା ହଠାତ୍ ଘଟିଥିଲା। ଆଉ ଚାହୁଁ ଚାହୁଁ ନିଆଁ ସମ୍ପୂର୍ଣ୍ଣ ଗୋଦାମକୁ ବ୍ୟାପି ଯାଇଥିଲା। ତେବେ ଘଟଣା ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ ବାହିନୀର ଅନେକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ସହ ଅନେକ ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ସେପଟେ ଦୁର୍ଘଟଣାରେ ଆହତ ହୋଇଥିବା ଏକାଧିକ ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ। କାରଣ ଏହି ଦୁର୍ଘଟଣାରେ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଏହା ବର୍ତ୍ତମାନ ତଦନ୍ତାଧୀନ ରହିଛି। ଅଗ୍ନିଶମ ସେବା ଏବଂ ନାଗରିକ ପ୍ରତିରକ୍ଷା ଅଧିକାରୀ ତଲହା ବିନ୍ ଜାସିମ କହିଛନ୍ତି ଯେ, ରୂପନଗର ଅଞ୍ଚଳରେ ଥିବା ବାଂଲାଦେଶ ବ୍ୟବସାୟ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି। ରାସାୟନିକ ଗୋଦାମରୁ ଆରମ୍ଭ ହୋଇଥିବା ନିଆଁ ଧୀରେ ଧୀରେ କପଡ଼ା କାରଖାନାକୁ ବ୍ୟାପି ଯାଇଥିଲା। ଅଗ୍ନିଶମ ସେବା ଏବଂ ନାଗରିକ ପ୍ରତିରକ୍ଷାର ଅପରେସନ ନିର୍ଦ୍ଦେଶକ ଲେଫ୍ଟନାଣ୍ଟ କର୍ଣ୍ଣେଲ ମହମ୍ମଦ ତାଜୁଲ ଇସଲାମ ଚୌଧୁରୀ କହିଛନ୍ତି, କପଡ଼ା କାରଖାନାର ଦ୍ୱିତୀୟ ଏବଂ ତୃତୀୟ ମହଲାରୁ ମୃତକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ଅଗ୍ନିକାଣ୍ଡରୁ ବିଷାକ୍ତ ଧୂଆଁ ବାହାରିବା ଯୋଗୁଁ ଅନେକ ଲୋକଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ତଦନ୍ତ ପରେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁରକ୍ଷାକର୍ମୀଙ୍କୁ...

ବୈଠକରେ ଆଲୋଚନା ହୋଇଥିବା ବେଳେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ନେଇ ପଦକ୍ଷେପ ନେବା ଉପରେ ମତ ପ୍ରକାଶ ପାଇଛି। ସେହିପରି ସିଂହଦ୍ୱାରରେ ଡିଜିଟାଲ ଡିସପ୍ଲେ ବୋର୍ଡ ଲଗାଯିବାକୁ ପ୍ରସ୍ତାବ ଦିଆଯାଇଥିଲଶ। ସେହିପରି ଅଧକ୍ଷ ଶ୍ରୀ ମୁର୍ମୁ ଜଗନ୍ନାଥ ବଲ୍ଲଭ ପାର୍କିଂ ନିକଟରେ ପହଞ୍ଚି ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ। ପାର୍କିଂ ବ୍ୟବସ୍ଥାଠାରୁ ଆରମ୍ଭ କରି ସିସିଟିଭି ଓ ମାର୍କେଟ କମ୍ପ୍ଲେକ୍ସର କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ, ସେନେଇ ମଧ ସ୍ୱତନ୍ତ୍ର ଆଲୋଚନା ହୋଇଛି।

ଆହୁରି ଶ୍ରୀମନ୍ଦିର ଦ୍ୱାରଫିଟାଠାରୁ ଆରମ୍ଭ କରି ରାତ୍ର ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ କରାଯିବା ସହ ମନ୍ଦିରରେ ଚଳପ୍ରଚଳ ଉପରେ ସିସିଟିଭି ମାଧମରେ ତୀକ୍ଷ୍ଣ ନଜର ରଖିବା ନେଇ ବ୍ୟବସ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଦୋଳବେଦୀଠାରେ ଅବାଧ ପାର୍କିଂକୁ ହଟାଯିବା ସହ ମନ୍ଦିରର ଆବର୍ଜନା କୁଣ୍ଡକୁ ତାର ଜାଲିରେ ଘେରାଯିବାର ବ୍ୟବସ୍ଥା କରାଯିବ। ବିଶେଷକରି ଡିଜିସିଏ ଦ୍ୱାରା ପୁରୀ ଶ୍ରୀମନ୍ଦିରକୁ ରେଡ ଜୋନ ଘୋଷଣା କରାଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସକାଶେ ଶ୍ରୀମନ୍ଦିର ଆଇନରେ ସଂଶୋଧନର ବ୍ୟବସ୍ଥା କରାଯାଉଥିବା ଜିଲ୍ଲାପାଳ କହିଛନ୍ତି। ଦେଶର ଅନ୍ୟାନ୍ୟ ମନ୍ଦିରରେ ହୋଇଥିବା ସୁରକ୍ଷା ବ୍ୟବସ୍ଥା ଅନୁସାରେ ପୁରୀରେ ମଧ ସୁରକ୍ଷା ସଂକ୍ରାନ୍ତ ପଦକ୍ଷେପକୁ ଅଧିକ କଡ଼ାକଡ଼ି କରିବାକୁ ସେବାୟତମାନେ ବୈଠକରେ ମତ ଦେଇଛନ୍ତି।

## କାର୍...

ଏଥିପାଇଁ ପ୍ରାରମ୍ଭିକ ଅର୍ଥ ବାବଦରେ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବେ ରାଜ୍ୟ ସରକାର। ପରେ ମହିଳାମାନଙ୍କୁ ଯଦିଓ ସେମାନଙ୍କ ଇଏମ୍‌ଆଇ ଭରିବାକୁ ପଡ଼ିବ, କିନ୍ତୁ ସୁଧ ବାବଦ ଅର୍ଥ ସରକାର ପଇଠ କରିବେ। ପ୍ରତ୍ୟେକ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ଯେଉଁ ମହିଳାମାନେ କାର୍ କିଣିବାକୁ ଋଣ ନେବେ, ସେମାନେ ତାହାକୁ ୫ ବର୍ଷ ମଧରେ ଶୁଝିବେ। ସେହିପରି ଯେଉଁମାନେ ଇଭି ଗାଡ଼ି କିଣିବେ, ସେମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ମିଳିବ। ୨୧ରୁ ୪୦ ବର୍ଷର ମହିଳାଙ୍କୁ ଏହି ସୁବିଧା ମିଳିବ ବୋଲି ଆଜି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ୪ ବର୍ଷରେ ୧୧୦୦ ମହିଳାଙ୍କୁ କାର୍ କିଣି ସେସବୁକୁ ଟ୍ୟାକ୍ସି ଭାବେ ବ୍ୟବହାର କରିବା ସକାଶେ ରାଜ୍ୟ ସରକାର ଋଣ ଯୋଗାଇଦେବେ। ମହିଳାମାନେ ସେମାନଙ୍କ ଋଣର କିସ୍ତି ଶୁଝିବେ ଓ ଏ ବାବଦରେ ସରକାର ବାର୍ଷିକ ୧୧ ପ୍ରତିଶତ ହାରରେ ସୁଧ ପ୍ରଦାନ କରିବେ ବୋଲି ଆଜି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ବିଭାଗର ଏହି ଯୋଜନାକୁ ଅନୁମୋଦନ କରିଥିବା ବେଳେ ଆସନ୍ତା ୨୩ରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବସିବାକୁ ଥିବା ବୈଠକରେ ସବୁକିଛି ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

## ସନ୍ଧ୍ୟା ୭ରୁ...

ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ମନ୍ଦିର ଆଦି ଶାନ୍ତି କ୍ଷେତ୍ର ନିକଟରେ ବାଣ ଫୁଟାଇବାକୁ ମଧ ବାରଣ କରାଯାଇଛି। ଖୋଲା ଜାଗାରେ କେହି ବାଣ ଫୁଟାଇବାକୁ ଚାହିଁଲେ, ତାହା କେବଳ ସବୁଜ ବାଣ ହୋଇଥିବା ଦରକାର। ଝୁମ୍ପୁଡ଼ି ଘର, ଦୋକାନ, ଅଗ୍ନି-ପ୍ରବଣ ସ୍ଥାନ, ରାସ୍ତା ଓ ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣ ନ ଫୁଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ୧୦ ବର୍ଷରୁ କମ୍ ବୟସର ଶିଶୁମାନେ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ବୋର୍ଡ ଅନୁମତି ଦେଇନାହାନ୍ତି। ସେହିପରି ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସମସ୍ତେ କଟନ୍ କପଡ଼ା ପିନ୍ଧିବାକୁ ମଧ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପାପସ୍ଥଳରେ...

ଧରିଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ଭୂମିକା ଉପରେ ତାଙ୍କ ବାପା ପ୍ରଶ୍ନ ଉଠାଇବା ପରେ ପୁଲିସ୍ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ପୀଡ଼ିତାଙ୍କ ବାପା ନାନା ସନ୍ଦେହ ପ୍ରକଟ କରିଛନ୍ତି। ପୁରୁଷ ବନ୍ଧୁ ଜଣଙ୍କ ଅପରାଧୀଙ୍କ ସହ ମିଶି ନ ଥିଲେ ତ? କାରଣ ପୀଡ଼ିତାଙ୍କୁ ଖରାପ ଉଦ୍ଦେଶ୍ୟ ରଖି ଅଭିଯୁକ୍ତମାନେ ଟଣାଓଟରା କରିବା ସମୟରେ ପୁରୁଷ ବନ୍ଧୁ ଜଣଙ୍କ ବଞ୍ଚାଇବାକୁ ନଆସି ସେଠାରୁ ଚମ୍ପଟ ମାରିଥିଲେ। ସାଙ୍ଗ ହୋଇ ସାଙ୍ଗକୁ କିଭଳି ନର ରାକ୍ଷସଙ୍କ ହାବୁଡ଼ରେ ଛାଡ଼ି ଛୁ' ମାରିଲେ, ତା' ଉପରେ ପୀଡ଼ିତାଙ୍କ ପିତା ପ୍ରଶ୍ନ ଉଠାଇଛନ୍ତି।

ଏହାଛଡ଼ା ସେ ଘଟଣା ସମ୍ବନ୍ଧରେ କାହାରିକୁ କିଛି ନ ଜଣାଇବା ବି ପୁରୁଷ ବନ୍ଧୁଙ୍କ ଭୂମିକାକୁ ସନ୍ଦେହ ଘେରକୁ ଆଣିଛି। ସେହିପରି ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବା ସକାଶେ ପୀଡ଼ିତାଙ୍କ ବାପା ଦାବି କରିଛନ୍ତି।

ଅନ୍ୟପକ୍ଷରେ ଦୁର୍ଗାପୁର ଘଟଣାରେ ମମତା ବାନାର୍ଜୀ ଓ ଟିଏମସି ସାଂସଦଙ୍କ ଉପରେ ବର୍ଷିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି, ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ପରିସ୍ଥିତି ପୂରାପୂରି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମମତାଙ୍କ ହାତରେ କିଛି ବି କ୍ଷମତା ନାହିଁ। ଟିଏମ୍‌ସି ସାଂସଦ ସୌଗତ ରାୟ ଯେଉଁ ବୟାନ ଦେଇଛନ୍ତି, ସେଥିପାଇଁ ସେ ତୁରନ୍ତ ଇସ୍ତଫା ଦେବା ଉଚିତ। ସେପଟେ ମେଡିକାଲରେ ଚିକିତ୍ସାଧୀନ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସୁଛି। ଗତକାଲି ତାଙ୍କ ସହ ଫୋନରେ କଥା ହୋଇ ଧୈର୍ଯ୍ୟ ଧରିବାକୁ କହିବା ସହ ମୁଖ୍ୟମନ୍ତ୍ରୀ ସାହସ ଦେଇଥିଲେ। ପରିବାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମଲ ଦୋହରାଇଛନ୍ତି।

## ଆମଦାନୀ...

ହେବା ନିଶ୍ଚିତ ହୋଇଛି। ଜୟଙ୍କର ବିଜେପି ସହ ସେଭଳି କୌଣସି ସମ୍ପର୍କ ନଥିଲା। ପିତା ରାଜେନ୍ଦ୍ର ଢୋଲକିଆଙ୍କ ପାଇଁ ବିଜେଡି ବ୍ୟାନରରେ ଗତ ନିର୍ବାଚନର ମଙ୍ଗ ଧରିଥିଲେ ଜୟ। ଏପରିକି ବିଜେପିରେ ଯୋଗ ଦେବା ପୂର୍ବରୁ ବିଜେଡି ଟିକଟ ନିଶ୍ଚିତ ବୋଲି କହୁଥିବାରୁ ତାଙ୍କର ଦଳ ବଦଳ ନେଇ ପ୍ରାୟତଃ କେହି ଟେର ପାଇନଥିଲେ। ଜୟଙ୍କ ନାମ ପ୍ରାର୍ଥୀ ଭାବେ ଘୋଷଣା ପରେ ସିଏ ବିଜେପିର ଆମଦାନୀ ପ୍ରାର୍ଥୀ ହୋଇଯିବେ। ତେବେ ସବୁଠାରୁ ଅକଳରେ ପଡିଛି ବିଜେଡି। ଜୟ ଢୋଲକିଆ ବିଜେପିକୁ ପଳାଇବା ପରେ ବିଜେଡିକୁ ଏଠାରେ ପ୍ରାର୍ଥୀ ମିଳୁନାହାନ୍ତି। ଦଳର ମାମଲତକାରମାନେ ଦଳବଳ ସହିତ ନୂଆପଡ଼ାରେ ଡେରା ପକାଇ ପ୍ରାର୍ଥୀ ଖୋଜୁଛନ୍ତି।

ନବୀନଙ୍କ ନାଁରେ ଭୋଟ ଅଛି ବୋଲି ଯେତେ କହିଲେ ବି ଅନ୍ୟ ଦଳରୁ କେହି ସହଜରେ ଆସିବାକୁ ରାଜି ହେଉନାହାନ୍ତି। ତେବେ ଦଳ ହାରିବା କିମ୍ବା ଜିତିବା ବଦଳରେ ବିଜେପି ଦଳରୁ ଜଣେ କାହାକୁ ଆଣି ପ୍ରାର୍ଥୀ କରି ମାନମହତ ବଞ୍ଚାଇବାକୁ ବିଜେଡି ନେତାମାନେ ଉଦ୍ୟମ କରୁଥିବା ସୂଚନା ମିଳୁଛି। ହେଲେ ବିଜେଡି ନେତାମାନେ ଏଥିରେ ସଫଳତା ପାଇପାରୁନାହାନ୍ତି। ଆସନ୍ତାକାଲି ସୁଦ୍ଧା ବିଜେଡି ପ୍ରାର୍ଥୀଙ୍କ ଚିତ୍ର ସ୍ପଷ୍ଟ ହୋଇଯିବାର ସମ୍ଭାବନା ରହିଛି। ଯଦି ବିଜେଡି ଅନ୍ୟ ଦଳର ନେତାଙ୍କୁ ଆଣି ଏଠାରେ ପ୍ରାର୍ଥୀ କରିବ, ତେବେ ଆମଦାନୀ ନେତାଙ୍କ ଯୁଦ୍ଧରେ ନୂଆପଡ଼ା କମ୍ପିବ ବୋଲି ଏବେଠାରୁ ଆଲୋଚନା ହେଲାଣି।

ଇତିମଧ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଦଳ ବଳ ସହ ନିର୍ବାଚନ ପ୍ରଚାର ଆରମ୍ଭ କରିଦେଇଥିବା ବେଳେ ବିଜେପି ନେତାମାନେ ସମରସଜ୍ଜାରେ ଲାଗିପଡ଼ିଛନ୍ତି। ତେବେ ବିଜେଡି ନେତାମାନେ ପ୍ରାର୍ଥୀ ଖୋଜାରେ ବ୍ୟସ୍ତ ଥିବାରୁ ସମସ୍ତଙ୍କ ନଜର ଏବେ ସେମାନଙ୍କ ଉପରେ ରହିଛି। ଅନ୍ୟପକ୍ଷରେ ନେତାମାନେ ଆମଦାନୀ ହେଉଥିବାରୁ କାଳେ କର୍ମୀମାନେ ମନମରା ହେବେ, ସବୁ ଦଳ ଏବେ ମନମରା କର୍ମୀଙ୍କ ମାନଭଞ୍ଜନ ପାଇଁ ଟିମ୍ ଗଠନ କରୁଥିବା ଦେଖିବାକୁ ମିଳୁଛି।

## ମଞ୍ଚ ବାନ୍ଧିଲା...

କାର୍ପେଟଦାରଙ୍କ ଚରମ ବିଫଳତାକୁ ନେଇ ନବୀନ କ୍ଷୁବ୍ଧ। ଯେଉଁ ନେତାଙ୍କୁ ନବୀନ ଜୟ ଢୋଲକିଆ ଦାୟିତ୍ୱ ଦେଇଥିଲେ ସେମାନେ ବିଜେପିର ରଣନୀତିକୁ ବୁଝିପାରିଲେନି କେମିତି। ନା କିଛି କାର୍ପେଟଦାର ନେତା ସାରୁ ଭିତରେ ମାରୁ ସାଜି ବିଜେପି ସହ ଭିତିରିଆ ହାତ ମିଳାଇ ନବୀନଙ୍କ ସବୁ ଅଙ୍କ ବିଗାଡି ଦେଲେ। ଏଭଳି ସନ୍ଦେହ କରି ନବୀନ ଦଳ ଭିତରେ ଗୁପ୍ତ ଅନୁସନ୍ଧାନ ଆରମ୍ଭ କରିଛନ୍ତି।

ଏଭଳି କିଛି ଷଡ଼ଯନ୍ତ୍ରକାରୀଙ୍କ ପାଇଁ ବିଜେଡି ଏବେ ମଝି ନଈରେ ପହଁରୁଛି। ପ୍ରାର୍ଥୀ ପାଇଁ ନାକେଦମ ହେଇସାରିଲାଣି ଦଳ। ଗତ ୨୪ ବର୍ଷ ଧରି ବିଜେଡି ଯେଉଁ ଚାଲ ଖେଳୁଥିଲା, ଏବେ ବିଜେପି ସେହି ଫର୍ମୁଲା ଆପଣାଉଛି।

## କେନ୍ଦୁଝରରେ...

ଏହାର ଉଚିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେବା ସହ ମୁଖ୍ୟମନ୍ତ୍ରୀ ଅଧିକ ଗଭୀରତାବିଶିଷ୍ଟ ଟ୍ରେଞ୍ଚ୍ ଦ୍ୱାରା ମଣିଷ-ହାତୀ ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ନୂତନ ନିର୍ମାଣ ପରିପ୍ରେକ୍ଷୀରେ ଉକ୍ତ ସ୍ଥାନ ଦେଇ ବହୁଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୂର ରହେ, ତା' ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।ଏହି କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଓ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ଣ୍ଣ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲ ବଜାର, ଛୋଟ ପିଲାଙ୍କ ଖେଳ ସ୍ଥାନ ନିର୍ମାଣ ହେବ।

ସହ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଓ କାଠର ବ୍ୟବହାର କରାଯିବ। ଏହି ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡ଼ିଛି। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ଆଭାସୀ ମାଧମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଡିଏଫଓ ଧନରାଜ ହନୁମନ୍ତ ଧାମଡେରେ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ରଙ୍କୁ...

ଦେଇଛି। ଏ ଭିତରେ ପ୍ରାୟ ଦୁଇ ସପ୍ତାହ ହେଲାଣି। କିନ୍ତୁ ଥରେ ହେଲେ ଭକ୍ତ ବିହାର ଯାଇନାହାନ୍ତି କି ପ୍ରଚାର ଦାୟିତ୍ୱ ନେଇନାହାନ୍ତି। ମୂଳ କଥା ହେଲା ଭକ୍ତ ଦାସ ଧର୍ମେନ୍ଦ୍ରଙ୍କୁ ଡରି ବିହାର ଯାଉନାହାନ୍ତି। ବିହାରରେ ଦଳ ହାରିଯିବା ଭୟରେ ଭବିଷ୍ୟତର ଲୋକ ଲଜ୍ଜାକୁ ଡରିଯାଇଛନ୍ତି ଭକ୍ତ। ଧର୍ମେନ୍ଦ୍ରଙ୍କ ବିରୋଧରେ ହାରିବା ଲାଜରେ ସେ ବିହାର ଯାଉନଥିବା କଂଗ୍ରେସ ଭବନରେ ଚର୍ଚ୍ଚା ହେଉଛି।

## ବିଜେପି...

ଇଲ୍‌ମିଡି ଥାନାଞ୍ଚଳର ମୁଜାଲ୍‌କାଙ୍କେର୍‌ର ନିବାସୀ ବୋଲି ଜଣାପଡ଼ିଛି। ତାଙ୍କୁ ଘରୁ ଡାକି ନେଇ ମାଓ ସଂଗଠନର ମାଡେଡ୍ ଏରିଆ କମିଟିର ସଦସ୍ୟମାନେ ହତ୍ୟା କରିବା ସହ ତାଙ୍କ ମୃତଦେହକୁ ଏକ ଦଉଡ଼ିରେ ଟାଙ୍ଗିଦେଇଥିଲେ। ଏଥିସହ ସେମାନେ ତାଙ୍କ ମୃତଦେହ ନିକଟରେ ଏକ ହାଲେଖା ମଧ ରଖିଥିଲେ, ଯେଉଁଥିରେ ତାଙ୍କୁ ହତ୍ୟା କରିବା ପଛର ଏକାଧିକ କାରଣ ସମ୍ପର୍କରେ ସେମାନେ ଉଲ୍ଲେଖ କରିଥିଲେ।

## ମୋଷ୍ଟ ୱାଣ୍ଟେଡ୍...

୫୦ଯି ଅସ୍ତ୍ରଶସ୍ତ୍ର ମଧ ଜବତ କରିଛି। ଗତ ୨୦୧୧ରେ ପଶ୍ଚିମବଙ୍ଗରେ ଏକ ଏନକାଉଣ୍ଟରରେ ନିହତ ହୋଇଥିବା ମାଓ ନେତା ମଲ୍ଲୋଜୁଲା କୋଟେଶ୍ୱର ରାଓ ଓରଫ କିଶନଜୀର ସାନ ଭାଇ ହେଉଛି ସୋନୁ। ଛତିଶଗଡ଼ରେ ସୋନୁ କମ୍ରେଡ୍ ଭାବେ ମାଓବାଦୀଙ୍କ ନେତୃତ୍ୱ ନେଇଥିଲା। ଦୀର୍ଘଦିନ ପରେ କେନ୍ଦ୍ର ସରକାରଙ୍କ ଥଇଥାନ ଯୋଜନାରେ ଆକୃଷ୍ଟ ହୋଇ ବେଣୁଗୋପାଳ ଓ ତା'ର ସହଯୋଗୀମାନେ ଅସ୍ତ୍ର ତ୍ୟାଗ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆଗେଇ ଆସିଥିବା ସୂଚନା ମିଳିଛି। ଗତ ମେ'ରେ ଛତିଶଗଡ଼ର ଅବୁଝମାଡ଼ରେ ମହାସଚିବ ନାମ୍ବଲା କେଶବ ରାଓ ଓରଫ ବାସବରାଜୁର ମୃତ୍ୟୁ ଘଟିଥିଲା। ତା'ର ମୃତ୍ୟୁ ପରେ ସୋନୁ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବେ ବିବେଚିତ ହେଉଥିଲା। ତେବେ ସୋନୁର ୩ଟି ତେଲୁଗୁ ଚିଠି ମାଓ ସଂଗଠନରେ ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇଥିଲା। ପୂର୍ବରୁ ଗତ ବର୍ଷ ଡିସେମ୍ବରରେ ସୋନୁର ପତ୍ନୀ ତଥା ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନାଲ୍ କମିଟି ସଦସ୍ୟା ତାରକ୍କା ଆତ୍ମସମର୍ପଣ କରିଥିଲା। ତେବେ ଆଜିର ଆତ୍ମସମର୍ପଣ ପ୍ରକ୍ରିୟାରେ ଲାଲ୍‌ଗଡ଼କୁ ସବୁଠାରୁ ବଡ଼ ଧକ୍କା ଲାଗିଛି, ଏହା କହିବା ବାହୁଲ୍ୟ ମାତ୍ର।

# ଅବ୍ୟବସ୍ଥା ଘେରରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ

**ଡାକ୍ତର ଓ ନର୍ସଙ୍କ ଅବହେଳାରୁ ଗଡୁଛି ମୁଣ୍ଡ**

**ମାଗଣା ସ୍ୱାସ୍ଥ୍ୟସେବା ବଦଳରେ ମଗାଯାଉଛି ଟଙ୍କା**

**ମଧ୍ୟସ୍ଥି ସାଜୁଛନ୍ତି ଆଶା କର୍ମୀ**




**ଆନନ୍ଦପୁର,୧୪।୧୦ (ସଂଚାର ବ୍ୟୁରୋ):** ଡାକ୍ତର, ନର୍ସଙ୍କ ଅବହେଳାରୁ ଉପଖଣ୍ଡ ଡାକ୍ତରଖାନାରେ ଗଡୁଛି ମୁଣ୍ଡ। ଗୋଟିଏ ସ୍ଥାନରେ ଦୀର୍ଘ ଦିନ ରହିବାରୁ ଅଧିକାରୀଙ୍କ ଚେର ମୋଟା। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଅବ୍ୟବସ୍ଥା, ଘୋର୍ ସମସ୍ୟା ଦେଇ ଗତି କରୁଛି । କେନ୍ଦୁଝର ଜିଲ୍ଲାର ବୃହତ ଉପଖଣ୍ଡ ହେଉଛି ଆନନ୍ଦପୁର। ତେବେ ଏହି ଉପଖଣ୍ଡରେ ଥିବା ଉପଖଣ୍ଡ ଚିକିତ୍ସାଳୟ ଉପରେ ଖାଲି ଯେ, ଆନନ୍ଦପୁର ଉପଖଣ୍ଡବାସୀ ନିର୍ଭର କରନ୍ତି ତାହା ନୁହେଁ, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଆଦି ଅଞ୍ଚଳର ଲୋକେ ଏହି ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ହେଲେ ଉପଖଣ୍ଡ ଚିକିତ୍ସାଳୟରେ ସଫେଇ କର୍ମଚାରୀରୁ ଆରମ୍ଭ କରି ନର୍ସ ଏବଂ ଡାକ୍ତରଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ଗରିବ ଅସହାୟ ଲୋକ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ତେବେ ଗରିବ ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆସିଲେ ମାଗଣା ସ୍ୱାସ୍ଥ୍ୟ ସେବା ପାଇବା ବଦଳରେ ଓଲଟା ଟଙ୍କା ଦେଇ ସ୍ୱାସ୍ଥ୍ୟ ସେବା ପାଉଛି। ବେଡ ଦେବୁ ଟଙ୍କା ଦିଅ, ପୁଅ ହେଲେ ଟଙ୍କା ଦିଅ, ଭଲ ମେଡ଼ିସିନ ଦେବୁ ଟଙ୍କା ଦିଅ, ଭଲ ସ୍ୱାସ୍ଥ୍ୟ ସେବା ପାଇବ ଟଙ୍କା ଦିଅ, ଆମ୍ବୁଲାନ୍ସରେ ରେଫର ହେଲେ ଡ୍ରାଇଭରକୁ ଟଙ୍କା ଦିଅ, ଏମିତି କହି ଗରିବ ଅସହାୟ ଲୋକଙ୍କୁ ଲୁଟା ଯାଉଛି। ଟଙ୍କା ଦେବା ନେବାରେ ମଧସ୍ଥି ସାଜୁଛନ୍ତି ଆଶା କର୍ମୀ।

ସୋମବାର ଦିନ ଏସଏନସିୟୁରେ ଡାକ୍ତର ଏବଂ ନର୍ସଙ୍କ ଅବହେଳା ପାଇଁ ଶିଶୁ ମୃତ୍ୟୁକୁ ନେଇ ହୋ ହାଲ୍ଲା ସୃଷ୍ଟି ହୋଇଥିଲା। ତେବେ ଏହି ଉପଖଣ୍ଡ ଚିକିତ୍ସାଳୟରେ କିଛି ଅଧିକାରୀ ଗୋଟିଏ ସ୍ଥାନରେ ଦୀର୍ଘ ଦିନ ରହିବାରୁ ବାରମ୍ବାର ଏଭଳି ପୁଳାପୁଳା ସମସ୍ୟା ଘଟୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ଦୀର୍ଘ ଦିନ ଧରି ରହିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ଆଶା କର୍ମୀ, ନର୍ସ ଏବଂ ଡ଼ାକ୍ତରଙ୍କ ମଧୁଚନ୍ଦ୍ରିକାରେ ହେଉଥିବା ଟଙ୍କା କାରବାରରେ ରୋକ୍ ଲଗାଇବା ସହିତ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଇଣ୍ଡିଆ ମୋବାଇଲ କଂଗ୍ରେସରେ ସୋଆ ୫ଜି ପର୍ଯ୍ୟବେସିତ ଉଦ୍‌ଭାବନ ସାଜିଲା ଆକର୍ଷଣ



**ନୂଆଦିଲ୍ଲୀ,୧୪।୧୦ (ସଂଚାର ବ୍ୟୁରୋ):** ନିକଟରେ ନୂଆ ଦିଲ୍ଲୀରେ ଆୟୋଜିତ ହୋଇଯାଇଥିବା ୪ ଦିନିଆ ଇଣ୍ଡିଆ ମୋବାଇଲ କଂଗ୍ରେସ -୨୦୨୫ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଅଟଳ ଇନ୍‌କ୍ୟୁବେସନ୍ ସେଂଟର (ଏଆଇସି)ରେ ପ୍ରସ୍ତୁତ ୩ଟି ଅଭିନବ ୫ଜି ପର୍ଯ୍ୟବେସିତ ଷ୍ଟାର୍ଟଅପ୍ ଉତ୍ପାଦ ଆକର୍ଷଣ ପାଲଟିଥିଲା। ନୂଆ ଦିଲ୍ଲୀ ସ୍ଥିତ ଯଶୋଭୂମି କନ୍‌ଭେସନ୍ ସେଂଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୧ ରେ ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆ ମୋବାଇଲ କଂଗ୍ରେସ୍‌ରେ ସୋଆ ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଥିବା ୩ଟି ମଡେଲ ସିଆସେନ୍ସ, ସାଇବରନାସ ଏବଂ ଭୂମିକେୟାର ଦର୍ଶକଙ୍କ ସମେତ ଶିଳ୍ପ, ପ୍ରଶାସନ, ଶିକ୍ଷା, ଷ୍ଟାର୍ଟଅପ୍ ଏବଂ ଗବେଷଣାଧର୍ମୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଯୋଗ ଦେଇଥିବା ପ୍ରତିନିଧିମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଭୂୟସୀ ପ୍ରଶଂସା ସାଉଁଟିଥିଲା।

ଇଣ୍ଡିଆ ମୋବାଇଲ କଂଗ୍ରେସ୍ ୨୦୨୫ରେ ପ୍ରଦର୍ଶିତ ହୋଇଥିବା ସୋଆ ଷ୍ଟଲ୍‌କୁ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିବା ସହ ଗବେଷଣା କ୍ଷେତ୍ରରେ ସୋଆର ପ୍ରୟାସକୁ ପ୍ରଶଂସା କରିଥିଲେ।

# ମେଡ଼ିକାଲ କଲେଜ ଉତ୍ସବରେ ଛାତ୍ର ଗୋଷ୍ଠୀ ମୁହାଁମୁହିଁ: ୨ ଆହତ

**ବ୍ରହ୍ମପୁର,୧୪।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ଚାଲିଥିବା ଇଣ୍ଟର ମେଡିକ୍ସ୍ ବା ଅନ୍ତଃ ମେଡିକାଲ କଲେଜ ଉତ୍ସବରେ ଦୁଇ ଛାତ୍ର ଗୋଷ୍ଠୀ ମୁହାମୁହିଁ ହୋଇଛନ୍ତି। ଏଥିରେ ମଦ ବୋତଲ ମାଡ଼ରେ ଦୁଇ ଛାତ୍ର ଆହତ ହୋଇଥିଲେ। ତେବେ ଆହତ ଦୁଇଜଣ ଛାତ୍ର ଏସସିବି ମେଡ଼ିକାଲ କଲେଜର ବୋଲି ଜଣାପଡିଛି। ଉଭୟଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ରାତିରେ ଏସସିବି ମେଡ଼ିକାଲ କଲେଜ ବିଦ୍ୟାର୍ଥୀମାନେ ଏମକେସିଜିରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରିବା ବଦଳରେ ଗାଳି ଗୁଲଜ କରିଥିଲେ। ଏହାପରେ ଏସସିବି ଛାତ୍ରମାନେ ଏମକେସିଜିର କିଛି ବିଦ୍ୟାର୍ଥୀଙ୍କ ଉପରେ ଛେପ ପକାଇଥିଲେ ବୋଲି ଅଭିଯୋଗ ହୋଇଛି। ଯାହାକୁ ନେଇ ପାହାନ୍ତିଆ ପ୍ରାୟ ୩ଟାରେ ଦୁଇ ଛାତ୍ର ଗୋଷ୍ଠୀ ଭିତରେ ମଦ କାଚ ବୋତଲ ଫୋପଡ଼ା ଫୋପାଡି ହୋଇଥିଲେ। ଏନେଇ ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲା। ଘଟଣାକୁ ନେଇ କିଛି ଛାତ୍ର ଥାନାରେ ଏତଲା ଦେଇଥିବା ଜଣାପଡିଛି। ଏମକେସିଜି ଡିନ୍ ପ୍ରଫେସର ସୁଚିତ୍ରା ଦାଶ ଆଜି ସକାଳୁ ସମସ୍ତ ବିଭାଗ ମୁଖ୍ୟଙ୍କୁ ଡାକି ବୈଠକ କରିବା ସହ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ଚିଠି କରି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ସମ୍ବଲପୁର ମେଡ଼ିକାଲ କଲେଜରେ ଅନୁଷ୍ଠିତ ଇଣ୍ଟର ମେଡିକ୍ସରେ ଏମକେସିଜି ମେଡିକାଲ କଲେଜ ବିଦ୍ୟାର୍ଥୀଙ୍କୁ ରାଗିଂ ହୋଇଥିଲା।

# ଅବକାରୀ ବିଭାଗ ସକ୍ରିୟ, ଗଞ୍ଜେଇ ବେପାରୀଙ୍କ ନିଜ ହଜିଛି




**ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ):** ଦିନକୁ ଦିନ ଗଞ୍ଜେଇ ମାଫିଆ ମାନଙ୍କର ନିଦ ହଜାଇ ଦେଉଛି ଅବକାରୀ ବିଭାଗ। କନ୍ଧମାଳ କୁ ନିଶାମୁକ୍ତ କରିବାକୁ ପଣ କରିଛନ୍ତି ଅବକାରୀ ବିଭାଗର କର୍ମଚାରୀ ମାନେ। ସ୍ଥାନୀୟ ଖଜୁରୀପଡ଼ା ବ୍ଲକ ଦାଦପାଜୁ ଛକଠାରେ କନ୍ଧମାଳ ଜିଲ୍ଲା ଅବକାରୀ ବିଭାଗର ନିର୍ଦ୍ଦେଶ କ୍ରମେ ବିଭାଗର ପ୍ରକାଶ ଚନ୍ଦ୍ର ମଲିକ୍, ଓଆଇସି ସଦର, ସମିର୍ ରଞ୍ଜନ ଭୋଇ ଏଏସ୍,ଆଇ, ସଚିନ ଗୁରୁ କନେଷ୍ଟବଳ ଙ୍କ ମିଳିତ ଉଦ୍ୟମରେ ଅପରାହ୍ନ ୫,୪୦ ମିନିଟରେ ବୋଲେର ପିକ୍ ଅପ୍ ଭ୍ୟାନ ଓଡି ୦୫ ବି ଏକ୍ସ ୫୦୬୩ ଗାଡ଼ିରେ ୨୬୩କେଜି ଗଞ୍ଜେଇ ନେଇ ଜାଉଥିବ ସମୟରେ ଆବକାରି ବିଭାଗ କାବୁକରିଥିଲା । ଉକ୍ତ ଗାଡ଼ିରେ ଗଞ୍ଜେଇ ନେଇ ଯାଉଥିବା ରମାକାନ୍ତ ନାୟକ ନାମକ ୪୦ ବର୍ଷୀୟ ଯୁବକ କୁ ଅବକାରୀ ବିଭାଗ କର୍ମଚାରୀ ଧରିଥିବା ଜଣାପଡିଛି । ତାଙ୍କ ଠାରୁ ଗୋଟିଏ ସ୍ମାଟ୍ ଫୋନ ଉଦ୍ଧାର କରିଥିବା କଥା ଶ୍ରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ କହିଥିଲେ । କନ୍ଧମାଳ ଜିଲ୍ଲାରେ ବାରମ୍ବାର ପ୍ରଶାସନ, ପୋଲିସ ବିଭାଗ, ଅବକାରୀ ବିଭାଗର ତାଗିଦ୍ ସତେ ଜିଲ୍ଲାରେ ଗଞ୍ଜେଇ କାରବାର ଥମିବାର ନାମ ନେଉନାହିଁ ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବ୍ରହ୍ମପୁର,୧୪।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ୱାର୍ଡ ନଂ ୨ ସ୍ଥିତ ଆନନ୍ଦ ନଗର କେନାଲ ସାହି ସହିଦ୍ ଭଗତ ସିଂ ଯୁବ ସଂଘ କାର୍ଯ୍ୟାଳୟ ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଓ ଭଗତ ସିଂ ଯୁବ ସଂଘ ତରଫରୁ ଅନୁଷ୍ଠିତ ଏହି ଶିବିରକୁ ସ୍ଥାନୀୟ କର୍ପୋରେଟର ଏନ ଆପ୍ପାରାଓ ରେଡ୍ଡୀ,ଓକିଲ ସଂଘ ଯୁଗ୍ମ ସଂପାଦକ ଅସିତ ସାବତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟଶେନ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅନିଲ କୁମାର ପାଢୀ ,ବିଜେପି ଯୁବ ନେତା ଅନୁପ ପଣ୍ଡା ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ରୋଗୀଙ୍କ ବିଭିନ୍ନ ଚକ୍ଷୁ ସମ୍ବନ୍ଧୀୟ ପରୀକ୍ଷଣ ହେବା ସହ ଅସ୍ତ୍ରୋପଚାର ନିମନ୍ତେ ଶଙ୍କର ଚକ୍ଷୁ ଚିକିତ୍ସାଳୟ,ସମରଝୋଳକୁ ପଠା ଯିବାର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଅଂଚଳ ସମେତ ଆଖପାଖ ଅଂଚଳର ବହୁ ଲୋକେ ଏଥିରେ ସାମିଲ ହୋଇ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇ ନେଇଥିଲେ।




# ସୋଆ କମ୍ୟୁନିଟି ରେଡିଓ ଓ ଡବ୍ଲୁଟିସିର ସହଭାଗିତାରେ ନୂତନ କାର୍ଯ୍ୟକ୍ରମ ଆରମ୍ଭ




**ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ):** ୱାର୍ଲ୍ଡ ଟ୍ରେଡ ସେଂଟର, ଭୁବନେଶ୍ୱରର ସହଭାଗିତାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କମ୍ୟୁନିଟି ରେଡ଼ିଓ ଷ୍ଟେସନ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନର ପ୍ରତିଯୋଗିତା ମୂଳକ ଦୁନିଆରେ ସଫଳତା ହାସଲ କରିଥିବା ବ୍ୟକ୍ତି ମାନଙ୍କ ସମ୍ପର୍କରେ ପ୍ରସାରଣ କରାଯିବ।

ବିଭିନ୍ନ କ୍ଷେତ୍ରରେ ଦୃଢ଼ତାର ସହ ସଫଳତା ହାସଲ କରିଥିବା ପୁରୁଷ ଏବଂ ନାରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମର ନାମ ରହିଛି 'ଆସ୍ତା କି ଉଡ଼ାନ୍-ଏକ ନୟି ପେହେଚାନ୍'। ଷ୍ଟାର୍ଟଅପ୍, ଭିତିଭୂମୀ ଓ ସୂଚନା ଏବଂ ପ୍ରଯୁକ୍ତି, କୃଷି, ଖାଦ୍ୟ ପ୍ରକ୍ରିୟା, ଆନ୍ତର୍ଜାତିକ ବ୍ୟାପାର ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗଙ୍କୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରାଯିବ। ପ୍ରଥମ କାର୍ଯ୍ୟକ୍ରମ ଅକ୍ଟୋବର ୧୦ରେ ରେକର୍ଡିଂ କରାଯାଇଥିବା ବେଳେ ଡବ୍ଲୁଟିସିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଏପିସୋଡ୍‌ରେ ଶ୍ରୀମତି ଜ୍ୟୋତ୍ସ୍ନା ଦାସ ଏବଂ ଆର୍‌ଜେ ରମାବଲ୍ଲଭଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

# ଶ୍ରମିକ ବଦଳରେ ମେସିନ କରୁଛି ମନରେଗା କାମ



**ଆନନ୍ଦପୁର,୧୪।୧୦ (ସଂଚାର ବ୍ୟୁରୋ):** ବଞ୍ଚୋରେ ବସିଛନ୍ତି ଶ୍ରମିକ ଅନେଇ, ମେସିନରେ କାମ ପାଇଁ ଡିଲ କରିଦେଲେ କହ୍ନେଇ। ଶ୍ରମିକଙ୍କ କାମ କରୁଛି ମେସିନ୍। ନାରୀନେତ୍ରୀ ଓ ଶିକ୍ଷକଙ୍କୁ ଶ୍ରମିକଙ୍କୁ ସଜାଇ ହେଉଛି ଡିମାଣ୍ଡ। ସରକାରଙ୍କ ମନରେଗା ଯୋଜନାରେ ହେଉଛି ବ୍ୟାପକ ଅନ୍ୟମିତତା। ପ୍ରଶାସନ, ବିଭାଗୀୟ ଅଧିକାରୀ ଓ କୁଜି ନେତାଙ୍କ ତ୍ରିକୋଣିୟ ମେଳିରେ ଯୋଜନା ଫେଲ୍ ମାରୁଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନିକ ସ୍ତରରେ ଏହାର କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସ୍ଥାନୀୟ ଅଞ୍ଚଳରେ ମନରେଗା ଯୋଜନାରେ କାମ ମେସିନ ଦ୍ୱାରା କରାଯାଉଥିବା ବେଳେ ଶ୍ରମଜୀବୀମାନେ ବାଧହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି।

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ବଞ୍ଚୋ ଗ୍ରାମ ପଞ୍ଚାୟତରେ ମାନରେଗ ଯୋଜନାରେ ଡ୍ରେନ୍ ନିର୍ମାଣ ମେସିନ୍‌ରେ ହେଉଥିବା ଅଭିଯୋଗ ହେଉଛି। ପ୍ରକଳ୍ପଟିର ନାମ ନୂତନ ଡ୍ରେନ ଓ ଗାର୍ଡୱାଲ୍ ନିର୍ମାଣ ସିର ବରାଳ ଘର ଠାରୁ ପାଣୁଆ ରାଉତ ଘର ପର୍ଯ୍ୟନ୍ତ ଥିବା ବେଳେ ଫଳକରେ ସିର ବରାଳ ଘର ଠାରୁ ପାଣୁଆ ରାଉତ ଘର ପର୍ଯ୍ୟନ୍ତ ନୂତନ ଡ୍ରେନ ନିର୍ମାଣ ରହିଛି। ଫଳକରେ କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷ ତାରିଖ ଲେଖାଯାଇନାହିଁ। ଡ୍ରେନ ନିର୍ମାଣରେ ମେସିନ ନିୟୋଜିତ କରାଯାଉଛି। ଶ୍ରମିକଙ୍କ ଜବକାର୍ଡ ହାତେଇ ଠିକାଦାର ମେସିନ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ମେସିନ ଲଗାଇ କାମ କରି ଶ୍ରମିକ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ମନରେଗା ଯୋଜନାରେ ଏହିଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଉଛି। ଶ୍ରମିକ ମାନଙ୍କୁ କାମ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ୪ବସ୍ତା ବାଣ ଜବତ

**ବୈଶିଙ୍ଗା,୧୪।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡ଼ା ଗ୍ରାମ ବାଣ ତିଆରି ପାଇଁ ବହୁ ଦିନରୁ ପରିଚିତ । ତେବେ ବର୍ତ୍ତମାନ ଜନ ସଂଖ୍ୟା ବଢ଼ିବା ସହିତ ଲାଇସେନ୍ସ ବିହୀନ ବେଆଇନ ବାଣ ତିଆରି ପ୍ରଚୁର ପରିମାଣରେ ବଢ଼ି ଯାଇଥିବାର ପରିଲକ୍ଷିତ ହେଉଛି। ପ୍ରତିଯୋଗୀତା ମୂଳକ ଭାବେ ଅଧିକ ଶବ୍ଦ ସଂପନ୍ନ ବାଣ ତିଆରି କରି ଅଧିକ ଚର୍ଚ୍ଚା ପରିସରାକୁ ଆସିବାକୁ ଉଦ୍ୟମ କରି ଅଘଟଣର ଶୀକାର ହେଉଛନ୍ତି। ଗତ ୫ ତାରିଖରେ ଏକ ବିସ୍ଫୋରଣ ଘଟି ଗୋଟିଏ ପରିବାରର ୪ଜଣ ଗୁରୁତର ହେବା ସହିତ ୬ ତାରିଖରେ ଅନୀଲ ଦାସର ମୃତ୍ୟୁକୁ ନେଇ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ପୁଲିସ ପ୍ରଶାସନ ତତ୍ପର ହୋଇ ଉଠିଥିଲା। ସେହିଦିନ ହିଁ ନିକଟରେ ନିର୍ମାଣାଧିନ ବେତନଟୀ ପଞ୍ଚାୟତ ସମିତି ଗୃହରୁ ୩୫ ବସ୍ତା ବାଣ ଜବତ କରାଯାଇଥିଲା। ଏହାର କିଛି ଦିନ ପୂର୍ବରୁ ମଧ ୧୦ ବସ୍ତା ବାଣ ଜବତ କରାଯାଇ ମାମଲା ରୁଜୁ କରାଯାଇଥିଲା। ଆଜି ମଙ୍ଗଳବାର ଏସଡିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ ଓ ପୁଲିସ କର୍ମୀ ଅଚାନକ ଚଢ଼ାଉ କରି ୪ ବସ୍ତା ବାଣ ଜବତ କରିବା ସାଙ୍ଗକୁ ମାମଲା ରୁଜୁ କରିଥିବା ଜଣାଯାଇଛି।

# କାର୍ତ୍ତିକରେ କଷ୍ଟ ଦେଉଛି ପରିବା ଦର

**ବିନ୍ସ ଶହେ ଉପରେ, ଫୁଲ କୋବି ୮୦ ୫୦ ତଳକୁ ପରିବା ନାହିଁ**



**କାକଟପୁର/ଅସ୍ତରଙ୍ଗ,୧୪।୧୦ (ସଂଚାର ବ୍ୟୁରୋ):** ଶହେ ଟଙ୍କା ଉପରେ ବିନ୍ସ। ଫୁଲ କୋବି କିଲୋ ୮୦ଟଙ୍କାରେ ବିକ୍ରି। ୫୦ଟଙ୍କା ତଳକୁ ପରିବା ନାହିଁ। କାର୍ତ୍ତିକ ଆରମ୍ଭରୁ ପରିବା ଦର ଉପରମୁହାଁ। ସାଧାରଣ ଖାଉଟି ସାଙ୍ଗକୁ ହବିଷ୍ୟାଳୀଙ୍କୁ କଷ୍ଟ ଦେଉଛି। ବର୍ଷା ଯୋଗୁଁ ପରିବା ଦର ଉପରମୁହାଁ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ପରିବା ବ୍ୟବସାୟୀ କବିସୂର୍ଯ୍ୟ ବରାଳ କହିଛନ୍ତି।

ଧର୍ମର ମାସ କାର୍ତ୍ତିକ। ଆମିଷ ବଜାର ଖାଁ ଖାଁ। ମାସ ଆରମ୍ଭରୁ ଅଧିକାଂଶ ଲୋକ ଆମିଷ ଛାଡିଛନ୍ତି। ତଟକା ସବୁଜ ପରିବା ଏକ ମାତ୍ର ଭରସା ପାଲଟିଛି। ଗୋଟିଏ କି ୨ଟି ପରିବା ଦର ୪୦ଟଙ୍କା ଥିବା ବେଳେ ଅସ୍ତରଙ୍ଗ ପରିବା ବଜାରରେ ଅଧିକାଂଶ ପରିବା କିଲୋଗ୍ରାମ ୫୦ଟଙ୍କାରୁ ଅଧିକ ରହିଛି। ବିନ୍ସ କିଲୋ ୧୦୦ରୁ ୧୨୦ଟଙ୍କାରେ ବିକ୍ରି ହେଉଛି। ଏହି ବିନ୍ସ ସାଧାରଣ ଜିଲ୍ଲା ବାହାରୁ ଆସୁଛି। ଠିକଣା ସମୟରେ ପର୍ଯ୍ୟାପ୍ତ ପରିମାଣର ବିନ୍ସ ଅସ୍ତରଙ୍ଗ ଆସିପାରୁନଥିବାରୁ ମୂଲ୍ୟ ବୃଦ୍ଧି ଘଟିଛି ବୋଲି ବ୍ୟବସାୟୀ କହିଛନ୍ତି।

ସେହିଭଳି ବର୍ଷା ଯୋଗୁଁ ଫୁଲକୋବି ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ସେଥିପାଇଁ ଏହାର ଦର ମଧ ୮୦ରୁ ୧୦୦ଟଙ୍କାରେ ବିକ୍ରି ଚାଲିଛି। ଅନ୍ୟ ପରିବା ମଧ୍ୟରେ ପୋଟଳ କିଲୋ ୮୦ଟଙ୍କା, ବାଇଗଣ ୭୦ ଟଙ୍କା, ଭେଣ୍ଡି ୬୦ଟଙ୍କା, ଟମାଟୋ ୪୦ଟଙ୍କା, କଞ୍ଚା ଲଙ୍କା ୧ଶହ, ବନ୍ଧାକୋବି କିଗ୍ରା ୫୦ଟଙ୍କା, ବିଟ ଓ ଗାଜର ବି ୮୦ଉପରେ ରହିଛି। ହବିଷନ୍ନ ପାଇଁ ଆବଶ୍ୟକ ସାରୁ, କଞ୍ଚା କଦଳୀ, ଭଣ୍ଡା, ଓଉ ଆଦି ବି ସାଧାରଣ ଦିନ ଅପେକ୍ଷା ୨୦ରୁ ୩୦ଟଙ୍କା ଅଧିକରେ ବିକ୍ରି ଚାଲିଛି। ଆହୁରି ସପ୍ତାହେ ପର୍ଯ୍ୟନ୍ତ ଦର ଏଭଳି ଉପରମୁହାଁ ରହିବ। ପାଗ ସ୍ୱାଭାବିକ ହେବା ପରେ କମିବ ବୋଲି ପରିବା ବ୍ୟବସାୟୀ ଅନୁମାନ କରୁଛନ୍ତି। ତେବେ ଖାଉଟିଙ୍କ ପାଇଁ ଏହା କଷ୍ଟଦାୟକ ହୋଇଛି। ଆମିଷ ବର୍ଜନ ସମୟରେ ପରିବା ଦର ବୃଦ୍ଧି ପକେଟକୁ ବାଧୁଛି।

# ଜିଲ୍ଲାସ୍ତରୀୟ ପୋଷଣ ମାସ ଅନୁଷ୍ଠିତ




**ଖୋର୍ଦ୍ଧା,୧୪।୧୦ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧୭ ତାରିଖରୁ ବିଭିନ୍ନ ବ୍ଲକ, ଅଙ୍ଗନୱାଡ଼ି କେନ୍ଦ୍ର, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ମାନଙ୍କରେ ପାଳନ କରାଯାଇ ଆସୁଥିବା ପୋଷଣ ମାସ -୨୦୨୫ ଉପଲକ୍ଷେ ଏକ ସାଧାରଣ ସଭା ଓ ବିଭିନ୍ନ ପୁଷ୍ଟିକର ଓ ପୋଷଣ ଖାଦ୍ୟ ପ୍ରଦର୍ଶନୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଆନୁଷ୍ଠାନିକ ଭବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ଏବଂ ସୁଭଦ୍ରା ହିତାଧିକାରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଷଣ ଓ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିବାସହ ଭୂୟସୀ ପ୍ରଶଂସା କରିଥିଲେ ।

# ଝିଣ୍ଟିଶାସନ କପିଳନାଥ ଦେବଙ୍କ ପୀଠରେ ଓଁ ନମଃ ଶିବାୟ ନାମ ସଂକୀର୍ତ୍ତନ

**ବାଲିଅନ୍ତା,୧୪।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଝିଣ୍ଟିଶାସନ କପିଳ ନାଥଙ୍କ ପୀଠରେ କୁମାର ପୂର୍ଣ୍ଣିମା ଠାରୁ ଓଁ ନମଃ ଶିବାୟ ମହାମନ୍ତ୍ର ନାମ କୀର୍ତନ ଅନୁଷ୍ଠିତ ହେଉଛି । ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ୩ ଘଣ୍ଟା ଧରି ଓଁ ନମଃ ଶିବାୟ କୀର୍ତନ ଚାଲିଛି । କାର୍ତ୍ତିକ ମାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଝାଞ୍ଜ, ଖୋଳ ଓ ଗିନି ତାଳେ ତାଳେ ମହାମନ୍ତ୍ର କୀର୍ତ୍ତନ ଚାଲିବ । ଏନେଇ ପୀଠରେ ପ୍ରତ୍ୟହ ସକାଳେ ସ୍ନାନ ନୀତି ପରେ ବାଳଭୋଗ, ମଧାହ୍ନରେ ଶଙ୍ଖୁଡ଼ି ନୀତିରେ ଡାଲମା ଖେଚୁଡ଼ି ଏବଂ ସନ୍ଧ୍ୟା ଧୂପରେ ଦହିପଖାଳ, ଖିରି ଓ ଖେଚୁଡ଼ି ଭୋଗ ଲାଗି ହେଉଛି ।

# ପାନ ଚାଷ ଉପରୁ ଭରସା ତୁଟୁଛି

**ପାନ ବିକ୍ରି ଅର୍ଥ ବରଜ ଖର୍ଚ୍ଚକୁ ନିଅଣ୍ଟ**

**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅସ୍ତରଙ୍ଗ ଅଞ୍ଚଳର ୫ହଜାରରୁ ଉର୍ଦ୍ଧ୍ୱ ଚାଷୀ**



**କାକଟପୁର/ଅସ୍ତରଙ୍ଗ,୧୪।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସାଧାରଣ ଲୋକଙ୍କ ମୁଖ୍ୟ ଜୀବିକା ଧାନ, ପାନ ଓ ମୀନ। ମାତ୍ର ପାନ ଚାଷ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଅସ୍ତରଙ୍ଗ ବ୍ଲକ ଅଂଚଳର ୧୫ଗୋଟି ପଂଚାୟତରୁ ପାଖାପାଖି ୫ହଜାରରୁ ଉର୍ଦ୍ଧ୍ୱ ପାନ ଚାଷୀ ରହିଛନ୍ତି। ଦୀର୍ଘ ବର୍ଷ ଦାବୀ ପରେ ମଧ ପାନକୁ କୃଷିର ମାନ୍ୟତା ମିଳିପାରି ନାହିଁ। ଏବେ ପାନ ପଣ (୮୦କଡାକୁ ୫ଶହରୁ ୨ହଜାର ଟଙ୍କା ମଧରେ ବିକ୍ରି ହେଉଛି। ଯାହା ଖର୍ଚ୍ଚକୁ ମଧ ନିଅଣ୍ଟ ହେଉଛି। ଏଭଳି ପରିସ୍ଥିତିରେ ସରକାର ସେମାନଙ୍କ ଉପରେ ସଦୟ ନ ହେଲେ ଅଳ୍ପ ଦିନ ମଧରେ ପାନ ଚାଷ ସମ୍ପୂର୍ଣ୍ଣ ଲୋପ ପାଇଯିବ;ଏଥିରେ ତିଳେ ମାତ୍ର ମଧ ସନ୍ଦେହ ନାହିଁ।

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ବ୍ଲକ ଅଞ୍ଚଳର ଶିଶୁଅ, କୋରଣା, ମାଣ୍ଡୁକି, ସରିପୁର, କେନ୍ଦ୍ରାପଟି, ନଈଗୁଆଁ, ପାଟଳଦା ପଂଚାୟତ ରେ ମୁଖ୍ୟତଃ ଲୋକଙ୍କ ମୁଖ୍ୟ ଜୀବିକା ପାନଚାଷ। ପାନ ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଏହାର ଆମଦାନୀ ପାଇଁ ଅସ୍ତରଙ୍ଗ ସ୍ଥାନ ସ୍ୱତନ୍ତ୍ର। ପୁରୀ ଜିଲ୍ଲା ନୟାହାଟ ମୁଖ୍ୟତଃ ପାନ ବ୍ୟବସାୟ କେନ୍ଦ୍ର ହୋଇଥିବା ବେଳେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳଚାଷୀଙ୍କ ସମାଗମ ହୁଏ। ସପ୍ତାହ କୁ ୩ଦିନ ମଧ୍ୟରେ ଟ୍ରକ ଟ୍ରକ ପାନ ଏଠାରୁ ବାହାର ରାଜ୍ୟକୁ ରପ୍ତାନି ହେଉଥିଲା କିନ୍ତୁ ଏହା ପୂର୍ବ ଅପେକ୍ଷା କ୍ରମଶଃ ହ୍ରାସ ପାଇଛି। ମାତ୍ର ପାନ ବରଜ ଖର୍ଚ୍ଚ ତୁଳନାରେ ପାନର ଦାମ ବହୁ କମ୍। ବରଜ ଖର୍ଚ୍ଚ ତୁଲାଇ ସାରିବା ବେଳକୁ ପରିବାର ପାଇଁ ବଳୁନାହିଁ।

ଚାଷୀଙ୍କ ସମସ୍ୟା ସମ୍ପର୍କରେ କହିବାକୁ ଗଲେ ଶ୍ରମିକଙ୍କ ଅଭାବ, ମଜୁରୀ ବୃଦ୍ଧି, ପାନର ସଂରକ୍ଷଣ, ଖଡ଼ି କିଙ୍କର ମୂଲ୍ୟ ବୃଦ୍ଧି, ଚାଷ ସମ୍ପର୍କିତ ପ୍ରଶିକ୍ଷଣର ଅଭାବ, ଉନ୍ନତ ମାନର ପାନ ପତ୍ର ତଥା ଅଧିକ ପାନ ପତ୍ର ସୃଷ୍ଟି ନିମନ୍ତେ ଗବେଷଣା, ଋଣର ବ୍ୟବସ୍ଥା ଓ ବୀମାକରଣର ଅଭାବ ପାଇଁ ପାନ ଚାଷ ଆଜି ଲୋପ ପାଇବାକୁ ବସିଛି। ଏହାଛଡା ସବୁଠାରୁ ମୁଖ୍ୟ ସମସ୍ୟା ହେଉଛି ମାଙ୍କଡ଼ ଉତ୍ପାତ। ମାଙ୍କଡ଼ ପାନ ବରଜ ମଧ୍ୟରେ ପଶି ଭାଙ୍ଗିରୁଜି ଦେଉଥାନ୍ତି। ବର୍ଷା, ବାତ୍ୟା ମଧ ପାନ ବରଜର ବଇରୀ। ସାର ଔଷଧ ଉଚ୍ଚ ଦର ଓ ପାନର ଦର କମ୍ ଥିବାରୁ ଚାଷୀ ମାନଙ୍କୁ ନାକେଦମ୍ ହେବାକୁ ପଡୁଛି। ପୂର୍ବ ଅପେକ୍ଷା ଚାଷୀଙ୍କ ର ଏବେ ପାନ ଚାଷ ଉପରେ ଆଗ୍ରହ କମୁଛି। ପାନକୁ ନା ମିଳୁଛି କୃଷିର ମାନ୍ୟତା ନା ସରକାରୀ ସହାୟତା। ସରକାର ପାନଚାଷୀ ପ୍ରତି ସଦୟ ହେବା ଜରୁରୀ।

# ଫିରିଙ୍ଗିଆରେ ଶିଶୁ ମହୋତ୍ସବ ସୁରଭି



**ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ସାଧନ କର୍ମୀ ରାଜେଶ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠି ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧରେ ବିକଶିତ ଓଡିଶା ବିକଶିତ ଭରତ ଓ ମୋ ସ୍ୱପ୍ନ ର ଓଡିଶା ଶୀର୍ଷକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉଦଯାପନୀ ଉତ୍ସବରେ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସୁନାଚେନ ଲୁଟ୍

**ବାଲିଅନ୍ତା,୧୪।୧୦ (ସଂଚାର ବ୍ୟୁରୋ):** ବାଲକାଟି - ପୁରୁଣା ଜଗନ୍ନାଥ ପୂର୍ତ୍ତ ବିଭାଗ ରାସ୍ତାର ଗଡକଣ୍ଟୁଣିଆ ନିକଟରେ ଆଜି ପୂର୍ବାହ୍ନରେ ୨ ଜଣ ଦୁର୍ବୃତ୍ତ କେଟିଏମ ବାଇକରେ ଆସି ଜଣେ ଯୁବକଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି। ଲୁଟର ଶିକାର ଯୁବକ ହେଲେ ବାଲକାଟି ଫାଣ୍ଡି ଅଧୀନ ନନ୍ଦିସାହିର ପିତବାସ ସାହୁ। ଏସମ୍ପର୍କରେ ସେ ବାଲକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistate, Basudevpur, dated 04.10.2025.

I, Narayan Ghadai (71) S/O-Late Jogendra Ghadai Risiding at Apartipur, Po. Matipaka, P/s. Naikanidihi, Dist-Bhadrak, Odisha, declare that my name is wrongly mentioned Narayan Chandra Ghadai in the passport of my son Krushna Chandra Ghadai. I declare that Narayan Ghadai and Narayan Chandra Ghadai is same and one person.

# ସୋନିକ୍ ସମନ୍ୱିତ ଲଜିଷ୍ଟିକ୍ସ ହବ୍ ଉଦ୍‌ଘାଟିତ




ନୂଆଦିଲ୍ଲୀ,୧୪।୧୦: କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସୋନିକ୍ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ହବ୍‌କୁ ଭର୍ଚୁଆଲ୍ ମୋଡ୍‌ରେ ଉଦଘାଟନ କରିଛନ୍ତି। ଏଥିସହ କେନ୍ଦ୍ର ମନ୍ତ୍ରୀ ଦୁଇଟି ନୂତନ ଡୋର-ଟୁ-ଡୋର ମାଲ ଓ ପାର୍ସଲ୍ ସେବାକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଡୋର-ଟୁ-ଡୋର ସେବା ଦେଶ ପାଇଁ ଅତ୍ୟାବଶ୍ୟକ। ଶିଳ୍ପଗୁଡ଼ିକ ଏବେ ସେମାନଙ୍କର ଗନ୍ତବ୍ୟସ୍ଥଳକୁ ସମ୍ପୂର୍ଣ୍ଣ ରେକ୍ ପୂରଣ ନ କରି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କଣ୍ଟେନର ପଠାଇପାରିବେ। କାରଖାନା ଓ ଟ୍ରେନର ଲୋଡିଂ/ଅନଲୋଡିଂ ପଏଣ୍ଟ ମଧ୍ୟରେ ଲଜିଷ୍ଟିକାଲ୍ ବ୍ୟବଧାନକୁ ଏବେ ଭାରତୀୟ ରେଳବାଇ ବ୍ୟାପକ ଡୋର-ଟୁ-ଡୋର ସେବା ମାଧ୍ୟମରେ ପୂରଣ କରିବ। ସାମଗ୍ରୀ ସେଡ୍ କିମ୍ବା ଲଜିଷ୍ଟିକ୍ସ ଟର୍ମିନାଲଗୁଡ଼ିକରେ କଣ୍ଟେନର ଷ୍ଟଫିଂ ଏବଂ ଡି-ଷ୍ଟଫିଂ ପାଇଁ ସୁବିଧା ରହିବ, ଯାହା ଗ୍ରାହକମାନଙ୍କୁ ନୂତନ ସେବା ମଡେଲରୁ ସମ୍ପୂର୍ଣ୍ଣ ଲାଭ ପାଇବାକୁ ଅନୁମତି ଦେବ। ସୋନିକ୍ ଏହି ସୁବିଧା ପ୍ରଦାନ କରୁଥିବା ପ୍ରଥମ ସମନ୍ୱିତ ଲଜିଷ୍ଟିକ୍ସ ହବ୍ ପାଲଟିଛି। ଗତି ଶକ୍ତି କାର୍ଗୋ ଟର୍ମିନାଲ ପଦକ୍ଷେପ ଅଧୀନରେ, ଗ୍ରାହକମାନଙ୍କୁ ଯଥେଷ୍ଟ ଲାଭ ପ୍ରଦାନ କରି ବହୁମୁଖୀ ସେବା ପ୍ରଦାନ କରିବା ପାଇଁ ୧୧୫ଟି ଟର୍ମିନାଲ ବିକଶିତ କରାଯାଇଛି।

ମୁମ୍ବାଇ-କୋଲକାତା କରିଡରଠାରୁ ଆରମ୍ଭ କରି ସାମଗ୍ରୀର ସୁଗମ ପରିବହନ ସୁନିଶ୍ଚିତ କରିବା ଓ ଅଧିକ ସହରକୁ ସଂଯୋଗ ବିସ୍ତାର କରିବା ପାଇଁ ଅଧିକ ସେବା ଶୀଘ୍ର କାର୍ଯ୍ୟକ୍ଷମ ହେବ। ଆଉ ଏକ ପରୀକ୍ଷଣ ମଧ୍ୟ ସଫଳ ହୋଇଛି। ଚାଷୀମାନଙ୍କୁ ଲାଭ ଦେବା ପାଇଁ ସୁଲଭ ମୂଲ୍ୟରେ ଟ୍ରାକ୍ଟର ଭଳି ଉପକରଣ ପରିବହନ ହୋଇପାରିବ। କାର୍ କାର୍ଗୋକୁ ଦକ୍ଷତାର ସହ ସ୍ଥାନାନ୍ତର କରାଯିବା ଭଳି ଟ୍ରାକ୍ଟର ଓ ଭାରୀ ନିର୍ମାଣ ଉପକରଣ (ଜେସିବି) ପାଇଁ ମଧ୍ୟ ସମାନ ପରିବହନ ସୁବିଧା ଉପଲବ୍ଧ ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ଅନ୍ତ୍ୟୋଦୟ ଗୃହ, ଭତ୍ତା ଓ ପଡ଼ିକାର୍ଡ ବଣ୍ଟନ ମେଳା

# ଖୁବଶୀଘ୍ର ୫ କିଲୋ ପରିବର୍ତ୍ତେ ମିଳିବ ମାସିକ ୧୦ କିଲୋ ଚାଉଳ



ମାହାଙ୍ଗା,୧୪।୧୦(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ଠାରେ ସରକାରଙ୍କ ଗରୀବ କଲ୍ୟାଣ ଯୋଜନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମେଳାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଡ଼ିକାର୍ଡ ହିତାଧିକାରୀମାନଙ୍କୁ ଖୁବଶୀଘ୍ର ୫ କିଲୋ ଚାଉଳ ପରିବର୍ତ୍ତେ ମାସିକ ୧୦ କିଲୋ ଚାଉଳ ମିଳିବ ବୋଲି ମନ୍ତ୍ରୀ ଆଗୁଆ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବିଭାଗ ଏ ବାବଦରେ ଅବଗତ କରିବା ପରେ, ସରକାର ଗରୀବ ହିତାଧିକାରୀଙ୍କ ସମସ୍ୟା ଉପରେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ସୁଭାଶିଷ ପାଲଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶାରଦା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମାହାଙ୍ଗା ବ୍ଲକର ୩୭ ଟି ପଞ୍ଚାୟତରେ ବସବାସ କରୁଥିବା ସମସ୍ତ ଗରୀବ, ଅବହେଳିତ ଏବଂ ନିରାଶ୍ରୟ ପରିବାରକୁ ପକ୍କାଘର, ଭତ୍ତା ଏବଂ ରେସନ କାର୍ଡ ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ୩୭୧ ଜଣ ବିଧବା, ଭିନ୍ନକ୍ଷମ, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା ଏବଂ ବୃଦ୍ଧ ବୃଦ୍ଧାଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ କରାଯାଇଥିଲା । ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୫୭ ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୩୪ ଜଣ ନୂଆ ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା ।

ପଞ୍ଚାୟତରାଜ ବିଭାଗ ପକ୍ଷରୁ ୩୩୧ ଜଣ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ଓ ବିଧାୟକ ଶ୍ରୀ ପ୍ରଧାନ ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ କେ ଚନ୍ଦ୍ରଶେଖର ସମ୍ମାନିତ ବକ୍ତା ଭାବେ ଏହି ଉତ୍ସବରେ ଯୋଗଦେଇଥିଲେ।

ସେହିପରି ଏହି କାର୍ଯ୍ୟକ୍ରମକୁ ବ୍ଲକ ହେଡ କ୍ଲର୍କ ସୁବାସ ଚନ୍ଦ୍ର ମିଶ୍ର, ବିଏସଏସଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏପିଓ ରାମାନୁଜ ମହାରଣା, ବିପିସି ସଂଘମିତ୍ରା ନାୟକ, ସିପି ଅଶୋକ କୁମାର ପ୍ରତିହାରୀ, ଯୋଗାଣ ଅଧିକାରୀ ଇତିଶ୍ରୀ ଜେନା, ଜିପିଓ କେଶବ ଚନ୍ଦ୍ର ବାରିକ ପ୍ରମୁଖ ସଂଚାଳନ କରିଥିଲେ। ନାରୀନେତ୍ରୀ ଯାଜ୍ଞସେନୀ ଜେନା, କୃଷକନେତା ବିଶ୍ୱନାଥ ଜେନା, ପୂର୍ବତନ ବ୍ଲକ ଚେୟାରମ୍ୟାନ କନକଲତା ବେହେରା, ସମାଜସେବୀ ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ଅଜୟ ନାୟକ, ଅଶୋକ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, ଅଖିଳେଶ ମହାନ୍ତି, ଅଭିନ୍ନ ଜେନା, ମନୋରଞ୍ଜନ ନାୟକ, ହରେକୃଷ୍ଣ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଯୋଗଦେଇଥିଲେ ।

# ଇ-କେୱାଇସି କରିନଥିଲେ ବନ୍ଦ ହେବ ଚାଉଳ



ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଇ-କେୱାଇସି କରିନଥିଲେ ଆସନ୍ତା ମାସରୁ ବନ୍ଦ ହେବ ରାସନ ଚାଉଳ। ଏବେବି ରାଜ୍ୟର ୧୫ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। ଯେଉଁମାନେ ଇ-କେୱାଇସି କରିବେନି ଯଦି ସେମାନଙ୍କୁ ଚାଉଳ ଦିଆଯିବନି। ଏବେ ଇ-କେୱାଇସି ପ୍ରକ୍ରିୟାକୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। ଏବେ ଆଉ ସମୟ ନାହିଁ। ଏବେବି କେୱାଇସି କରିନଥିବା ଲୋକଙ୍କ ଚାଉଳ ପଠାଯାଉଛି। ତାକୁ ଖୁବଶୀଘ୍ର ବନ୍ଦ କରିଦିଆଯିବ। ଯେଉଁମାନେ କରିବେ ନାହିଁ, ସେମାନଙ୍କ ପାଇଁ ଚାଉଳ ଯିବନାହିଁ। ତେଣୁ ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ସମୟ ବଢ଼ାଇବେ, ତେବେ ଆମେ ମଧ୍ୟ ବଢ଼ାଇବୁ। ଯଦି କିଏ ବାଦ୍ ରହିଯାଇଥିବ, ତେବେ ସେମାନଙ୍କୁ ଲିଖିତ ଭାବେ ଦେବାକୁ ପଡିବ। ତାପରେ ଯାଇ ଆମେ ସେମାନଙ୍କ କଥା ବିଚାର କରିବୁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଆଭାସୀ ବୈଠକ

## ବିଭ୍ରାନ୍ତକାରୀ ସୂଚନାର ତ୍ୱରିତ ମୁକାବିଲା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧୪।୧୦(ସଂଚାର ବ୍ୟୁରୋ): ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନର ମହତ ଉଦ୍ଦେଶ୍ୟ ଓ ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା, ବିଭ୍ରାନ୍ତକାରୀ ସୂଚନାର ମୁକାବିଲା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନ ବିଷଦ ସୂଚନା ଦେବା ସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। ଅନେକ ବର୍ଷ ଧରି ନିଷ୍ଠାପର ଓ ନିରପେକ୍ଷ ଭାବରେ କାର୍ଯ୍ୟକରି ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରତିଷ୍ଠା କରିପାରିଛନ୍ତି। ସେହି ସମ୍ମାନକୁ ଅକ୍ଷୁଣ୍ଣ ରଖିବାକୁ ହେଲେ ଭ୍ରମାତ୍ମକ ତଥା ବିଭ୍ରାନ୍ତକାରୀ ସୂଚନାର ସଠିକ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଭୋଟର ତାଲିକାରୁ ଜଣେବି ଯୋଗ୍ୟ ମତଦାତା ନାମ ନ କଟିବା ଏବଂ ଜଣେ ବି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସଂଯୁକ୍ତ ନ ହେବା ଉପରେ ଭାରତ ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେବା ସହ ସେହି ଅବଲୋକନରେ ଓଡିଶାରେ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ସାହୁ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ସବିଶେଷ ତଥ୍ୟ ପିପିଟି ମାଧ୍ୟମରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ତା'ସହିତ ବିହାର ନିର୍ବାଚନ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ କମିଶନ ନେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଭ୍ରମାତ୍ମକ ସୂଚନା ଯଥା-ଗୁଡ଼ାଏ ଲୋକଙ୍କ ନାମ ଏକା ସହିତ କଟିଯିବ, ବୁଥ୍ ଲେବୁଲ୍ ଅଧିକାରୀମାନେ ଭୁଲ ତଥ୍ୟ ଦେଉଛନ୍ତି, ଘର ନମ୍ବର ନଥିବା ଘର, ଗୋଟିଏ ଠିକଣାରେ ଅନେକ ଲୋକଙ୍କ ପଞ୍ଜିକରଣ ଭଳି ଭ୍ରମାତ୍ମକ ତଥ୍ୟ ବିଷୟରେ ଜାଣିବା ପରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ସଠିକ୍ ତଥ୍ୟ ଲୋକଲୋଚନକୁ ଆଣି ଭୁଲ ତଥ୍ୟର ତ୍ୱରିତ ମୁକାବିଲା କରିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିୟମିତ ପ୍ରେରିତ ପ୍ରେସ ବିଜ୍ଞପ୍ତି ଓ ସୂଚନାକୁ ସାମାଜିକ ଓ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ତୃଣମୂଳସ୍ତରର ଜନସାଧାରଣଙ୍କ ଅବଗତି ନିମନ୍ତେ ନିରବଚ୍ଛିନ୍ନ ଭାବେ ପ୍ରେରଣ କରିବା ସହିତ ସୃଜନାତ୍ମକ ମତାମତ ଦେବାପାଇଁ ସେ ପରାମର୍ଶ ଦେଇଛନ୍ତି।

## ସରକନ୍ତରା ହତ୍ୟାକାଣ୍ଡ ମାମଲା

# ୪ ଅଭିଯୁକ୍ତ ଗିରଫ, ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ

ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ସରକନ୍ତରା ହତ୍ୟାକାଣ୍ଡ ମାମଲାରେ କମିସନରେଟ୍ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁକାନ୍ତ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ରାକେଶ ଖୁଣ୍ଟିଆ ଓ ସୁବ୍ରତ ସାହୁ। ଏସିପି ଜୋନ୍-୩ ତାପସ ଚନ୍ଦ୍ର ପ୍ରଧାନ କହିଛନ୍ତି, ଗିରଫ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଜମିଜମା ବିବାଦକୁ କେନ୍ଦ୍ରକରି ହତ୍ୟା ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ ସୁଧାଂଶୁ ଖୁଣ୍ଟିଆକୁ ଏମସ ଯିବା ରାସ୍ତାରେ ହତ୍ୟା କରାଯାଇଥିଲା। ସୁଧାଂଶୁଙ୍କୁ ଚିହ୍ନାଇ ଥିଲେ ରାକେଶ। ମୁଖ୍ୟ ଅଭିଯୁକ୍ତ ଶିବ ପ୍ରଧାନ ଏବେବି ଫେରାର ଅଛି। ହତ୍ୟା ପରେ ବ୍ୟବହୃତ ବନ୍ଧୁକ ସୁବ୍ରତ ସାହୁ ଲୁଚାଇ ରଖିଥିଲା। ଏହି ଘଟଣାକୁ ପୁଲିସ ଗମ୍ଭୀରତାର ସହିତ ନେଇ ତଦନ୍ତ ଜାରି ରଖିଛି। ସାମାନ୍ୟ କଥାକୁ ନେଇ ସୁଧାଂଶୁଙ୍କ ନିଜ କକା ପୁଅ ଶିବା ଏହି ଅଭାବନୀୟ କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ସୁଧାଂଶୁଙ୍କ କକା ସୁକାନ୍ତ ଗାଁରେ ବାହା ହେବା ପରେ ଅଲଗା ରହୁଥିଲେ। ଶଶୁର ଘର ସମ୍ପତ୍ତିରେ ସେ ଭଲରେ ଚଳୁଥିଲେ। ଏପଟେ ସୁଧାଂଶୁଙ୍କ ବାପା ପଠାଣିଙ୍କ ପାଖରେ ପୈତୃକ ସମ୍ପତ୍ତି ହିସାବରେ କେବଳ ଛୋଟ ଘରଡିହ ଖଣ୍ଡେ ଥିଲା। ଜମିବାଡ଼ି କିଛି ନଥିଲା। ପଠାଣିଙ୍କ ମାଆ ନାତି ସୁଧାଂଶୁ ନାଁରେ ଘରଡିହ କରିଦେଲେ। ଏହାକୁ ନେଇ ସୁକାନ୍ତ ଅସନ୍ତୁଷ୍ଟ ଥିଲେ ଏବଂ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ନିଜେ ଭଲରେ ଚଳୁଥିବା ସୁକାନ୍ତ, ବଡ଼ଭାଇ ପଠାଣିଙ୍କଠାରୁ ଛୋଟ ଘରଡିହ ଖଣ୍ଡିକରୁ ଭାଗ ନେବା ପାଇଁ କୋର୍ଟରେ ପହଞ୍ଚିଥିଲେ। ମାତ୍ର କୋର୍ଟଙ୍କ ରାୟ ସୁଧାଂଶୁଙ୍କ ପକ୍ଷରେ ଯାଇଥିଲା। ଏଥିରେ ସୁକାନ୍ତର ପୁଅ ଶିବା ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ପୈତୃକ ସମ୍ପତ୍ତିରୁ ଭାଗ ନପାଇବା ରାଗରେ ସେ ଜଳୁଥିଲା। ଦଶହରା ଦିନ ସେ ସତକୁ ସତ ସୁଧାଂଶୁଙ୍କୁ ଗାଁ ଦାଣ୍ଡରେ ଗୁଳିକରିଥିଲା।

# ୧୦ ଲକ୍ଷ ଟଙ୍କାର କଫ ସିରପ ଜବତ, ୨୦ ଗିରଫ



ସମ୍ବଲପୁର,୧୪।୧୦(ସଂଚାର ବ୍ୟୁରୋ): ତାମିଲନାଡୁରେ କଫ ସିରଫ ପିଇ କିଛି ଛୁଆଙ୍କ ମୃତ୍ୟୁ ପରେ ପୋଲିସ ସଜାଗ ହୋଇଯାଇଛି । ଆଜି ସମ୍ବଲପୁର ପୋଲିସ ଏକ ବଡ଼ ଧରଣର ଚଢ଼ାଉ କରି ୫ ହଜାର କଫ ସିରଫ ସହ ୨୦ ଜଣଙ୍କୁ ଧରିବାରେ ସଫଳ ହୋଇଛି। ୫୧୦୦ ବୋତଲ କୋରେକ୍ସ ବରେଇପାଲି ପୋଲିସ ଜବତ କରି ୨୦ ଜଣଙ୍କୁ ଗିରଫ କରିଛି । କଟକରୁ ସମ୍ବଲପୁରକୁ ପିକଅପରେ ଏହି ସବୁ କୋରେକ୍ସ ଆସିଥିବା ବେଳେ ପୋଲିସ ପିକଅପ ସହ କୋରେକ୍ସ ସବୁ ଧରିବାରେ ସଫଳ ହୋଇଛି । ତେବେ ପିକଅପ ଭ୍ୟାନକୁ ଗୋଟିଏ କାର୍ ଏସକର୍ଟ ଦେଉଥିବା ବେଳେ କାର୍ ମଧ୍ୟ ଜବତ ହୋଇଛି । ଗିରଫ ୨୦ ଜଣଙ୍କ ମଧ୍ୟରୁ ୫ଜଣ ମୁଖ୍ୟ କାର୍ପଟଦାର ବୋଲି ସମ୍ବଲପୁର ଏସପି କହିଛନ୍ତି । କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଏମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସମ୍ବଲପୁର ଏସପି କହିଛନ୍ତି । ଜବତ କଫ ସିରଫର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ମୋଟ କଫ ସିରଫ ସହ ଧରାଯାଇଥିବା ଗାଡିର ମୂଲ୍ୟ ପ୍ରାୟ ୧୫ ଲକ୍ଷ ହେବ ବୋଲି ଏସପି କହିଛନ୍ତି ।

# ବିରଳ ବଜ୍ରକାପ୍ତା ଉଦ୍ଧାର



ବ୍ରହ୍ମପୁର,୧୪।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଚିକିଟି ପେଣ୍ଠ ପଣ୍ଡିତରାୟ ସାହି ନିକଟ ଏକ ଜମିରୁ ବିରଳ ବଜ୍ରକାପ୍ତା ଉଦ୍ଧାର କରିଛନ୍ତି ସ୍ଥାନୀୟ ବାସିନ୍ଦା । ଜମିରେ ବଜ୍ରକାପ୍ତା ଥିବା ଦେଖି ଚାଷୀ ଜଣକ ସାହିରେ କହିବା ପରେ ଲୋକଙ୍କ ଭିଡ଼ ହୋଇଥିଲା ଦେଖିବା ପାଇଁ । ଏହାପରେ ଲୋକେ ବଜ୍ରକାପ୍ତାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି । ବଜ୍ରକାପ୍ତାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲକୁ ଛଡ଼ାଯାଇଥିବା ଜଣାପଡିଛି। ବଜ୍ରକାପ୍ତା ସଂଖ୍ୟା ଧୀରେ ହ୍ରାସ ପାଉଥିବାରୁ ଏହାର ଚାଲାଣ ରୋକିବାକୁ କଡା ନିୟମ ରହିଛି ।

# ଓଡ଼ିଶା ଛାଡ଼ିଲା ମୌସୁମୀ; ଆଣିଥିଲା ୧୬ଟି ଲଘୁଚାପ



ଭୁବନେଶ୍ୱର,୧୪।୧୦ (ସଂଚାର ବ୍ୟୁରୋ): ସାଧାରଣ ଭାବେ ଓଡ଼ିଶାରୁ ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଅପସାରଣ ହୋଇଥାଏ। ଚଳିତ ବର୍ଷ ରାଜ୍ୟକୁ ମୌସୁମୀ ଯଥେଷ୍ଟ ଆଗୁଆ ଆସିଥିଲେ ମଧ୍ୟ ରାଜ୍ୟରୁ ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବିଦାୟ ନେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦିରୁ ସମ୍ପୂର୍ଣ୍ଣ ଅପସାରଣ ହୋଇଯାଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଅଧିକାଂଶ ଅଞ୍ଚଳ ଏବଂ ନୂଆପଡ଼ା, ସୋନପୁର, ବରଗଡ଼ ଓ ବାଲେଶ୍ୱରର କିଛି ଅଞ୍ଚଳରୁ ଅପସାରଣ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଏହି ସବୁ ଅଞ୍ଚଳରେ ଦୁଇ ଦିନ ହେବ ବର୍ଷା କମିଯାଇଥିବା ବେଳେ ଆଗକୁ ମଧ୍ୟ ଏଠାରେ ଶୁଖିଲା ପାଗ ଜାରି ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ୨-୩ ଦିନ ମଧ୍ୟରେ ରାଜ୍ୟର ବାକି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହୋଇଯିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ ଗଲା ୩ ବର୍ଷ ହେବ ରାଜ୍ୟରୁ ମୌସୁମୀ ୧୩ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ ହେଉଥିବା ଦେଖାଯାଇଛି।

# ଓଡ଼ିଶାରେ ସହରାଞ୍ଚଳ ବିକାଶ ପାଇଁ ଏଡିବି ସହ ଆଲୋଚନା




ଭୁବନେଶ୍ୱର,୧୪।୧୦(ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା କ୍ଷେତ୍ରରେ ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ସହିତ ଏକ ଗଭୀର ଏବଂ ରଣନୈତିକ ସହଯୋଗ ପାଇଁ ମାର୍ଗ ଅନୁସନ୍ଧାନ କରିବା ପାଇଁ ଆଲୋଚନା କରିଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭିତ୍ତିଭୂମି ବିକାଶ, ସ୍ଥାୟୀ ଗତିଶୀଳତା ଏବଂ ସ୍ଥିର ସହରାଞ୍ଚଳ ଯୋଜନା କ୍ଷେତ୍ରରେ ସୁଦୃଢ଼ ସହଯୋଗ ମାଧ୍ୟମରେ ଓଡ଼ିଶାର ସହରୀ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଉଭୟ ପକ୍ଷ ସହରାଞ୍ଚଳ ପଦକ୍ଷେପଗୁଡ଼ିକର ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ତଦାରଖ, ତଥ୍ୟ-ଚାଳିତ ନିଷ୍ପତ୍ତି ଗ୍ରହଣ ଏବଂ ସମନ୍ୱିତ ପ୍ରକଳ୍ପ ପରିଚାଳନା ପାଇଁ ମିଳିତ କମିଟି ଗଠନ ଉପରେ ଆଲୋଚନା କରିଥିଲେ।

ସୌଗତ ଦାସଗୁପ୍ତା ଏବଂ ଅଭିଷେକ ମୁଖାର୍ଜୀଙ୍କୁ ନେଇ ଗଠିତ ଏସୀୟ ଉନ୍ନୟନ ବ୍ୟାଙ୍କର ଏକ ପ୍ରତିନିଧିମଣ୍ଡଳୀ ଏକ ଦୀର୍ଘକାଳୀନ ସହଭାଗିତା ପାଇଁ ଏଡିବି ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକୁ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାର ସେମାନଙ୍କର ଉଦ୍ଦେଶ୍ୟ ପ୍ରକାଶ କରିଥିଲା, ଯାହା ଦ୍ୱାରା ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ। ଶ୍ରୀମତୀ ପାଢ଼ୀ ଓଡ଼ିଶାର ବିକାଶ ଯାତ୍ରାରେ ଏଡିବି ର ନିରନ୍ତର ଯୋଗଦାନକୁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ, ସ୍ଥିର ଏବଂ ଲୋକ-କୈନ୍ଦ୍ରିକ ସହର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସହରାଞ୍ଚଳରେ ଜୀବନର ଗୁଣବତ୍ତା ବୃଦ୍ଧି କରିବା ପାଇଁ ସମନ୍ୱିତ ଯୋଜନା, ନବସୃଜନ-ଚାଳିତ ଶାସନ ଏବଂ ସ୍ଥାୟୀ ସମାଧାନ ଉପରେ ବିଭାଗର ଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ।

# ୨ ସାମ୍ବାଦିକଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

ମାଲକାନଗିରି,୧୪।୧୦(ସଂଚାର ବ୍ୟୁରୋ): ମାଥିଲି ଥାନା ଅନ୍ତର୍ଗତ ମାଡିଗୁଡ଼ାରେ ବେଆଇନ ବାଲିଘାଟରେ ବାଲି ମାଫିଆଙ୍କ ଦ୍ୱାରା ଦୁଇଜଣ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୋଇଥିବା ମାଥିଲି ଥାନାରେ ଅଭିଯୋଗ ହୋଇଛି। ଶିବ ପ୍ରସାଦ ପରିଚ୍ଛା ଏବଂ ବିଷ୍ଣୁପ୍ରସାଦ ବାକା ନାମକ ସାମ୍ବାଦିକ ଦ୍ୱୟଙ୍କୁ ବାଲି ମାଫିଆମାନେ ମରଣାସ୍ତ୍ର ଧରି ଗୋଡାଇଥିବା ମାଥିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବେଆଇନ ବାଲିଘାଟ କରି ବେଧଡକ ଚୋରାଚାଲାଣ ଖବର ପାଇଁ ୨ ସାମ୍ବାଦିକ ଖବର ସଂଗ୍ରହ ସହ ଭିଡିଓ ଉତ୍ତୋଳନ ପାଇଁ ଯାଇଥିଲେ। ଏତିକିବେଳେ କିଛି ଯୁବକ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଉଭୟଙ୍କୁ ସେଠାରୁ ଆକ୍ରମଣ କରିବା ପାଇଁ ଗୋଡାଇଥିଲେ। ପ୍ରାଣ ବିକଳରେ ମାଡିଗୁଡା ଗାଁର ଏକ ଘରେ ଛପି ରହି ପୁଲିସକୁ ଖବର ଦେଇଥିଲେ ୨ ସାମ୍ବାଦିକ। ସଙ୍ଗେ ସଙ୍ଗେ ମାଥିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମାଥିଲି ଥାନାକୁ ଆଣିଥିଲା। ତେବେ ସାଧାରଣ ଭାବେ ଦିନ ଦି ପହରରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ସୁରକ୍ଷା ବ୍ୟବସ୍ଥା ଉପରେ ସାମ୍ବାଦିକମାନେ ପ୍ରଶ୍ନ ଉଠାଇଛନ୍ତି।

# ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼



ବାଲୁଗାଁ,୧୪।୧୦ (ସଂଚାର ବ୍ୟୁରୋ): ଏସିଆ ମହାଦେଶର ସର୍ବବୃହତମ ଲବଣ ହ୍ରଦ ହେଉଛି ଚିଲିକା। ଏହା ୧୧ ଶହ କିଲୋମିଟର ବର୍ଗ ବିଶିଷ୍ଟ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତକୁ ଲାଗିରହିଛି। ଏହା ଓଡିଶାର ଏକ ପର୍ଯ୍ୟଟନ ସ୍ଥଳ ଓ ପକ୍ଷୀ ଅଭୟାରଣ୍ୟ ସହିତ ଭାରତର ପ୍ରଥମ ଆଦ୍ରଭୂମି ଭାବରେ ବେଶ ପରିଚିତ। ଚିଲିକାର ନୀଳ ଜଳରାଶି ଏବଂ ସୌନ୍ଦର୍ଯ୍ୟରେ ଭରପୁର ମନୋରମ ଦୃଶ୍ୟ, ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଚିଲିକା ଦେଖିବାକୁ ଯେତିକି ସୁନ୍ଦର ଲାଗିଥାଏ, ତାହାଠାରୁ ଅଧିକ ସୁନ୍ଦର ଲାଗିଥାଏ ଚିଲିକାକୁ ଆସୁଥିବା ବିଦେଶାଗତ ରଙ୍ଗ ବେରଙ୍ଗର ପକ୍ଷୀ।

ଶୀତଦିନର ଆଗମନ ହେଲେ ଚିଲିକାକୁ ଆସିଥାନ୍ତି ଲକ୍ଷ ଲକ୍ଷ ବିଦେଶାଗତ ପକ୍ଷୀ। ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ବିଦେଶାଗତ ପକ୍ଷୀଙ୍କ ଚିଲିକାକୁ ଆଗମନ ହୋଇଥାଏ। ଚଳିତ ବର୍ଷ ଅକ୍ଟୋବର ପ୍ରଥମ ସପ୍ତାହରେ ଚିଲିକାକୁ ବିଦେଶାଗତ ଅତିଥିଙ୍କ ଆଗମନ ହୋଇସାରିଲାଣି। ରଙ୍ଗ ବେରଙ୍ଗର ପକ୍ଷୀଙ୍କ କିଚିରି ମିଚିରି ଶବ୍ଦରେ କମ୍ପୁଛି ଚିଲିକା। ଚିଲିକାର ନୀଳ ଜଳରାଶି ଉପରେ ଘୂରି ବୁଲିଲେଣି ଏହି ବିଦେଶାଗତ ପକ୍ଷୀ। ଖାସ୍ କରି ଚିଲିକାର ନଳବଣ, ମଙ୍ଗଳାଯୋଡ଼ି, କାଙ୍କଣ ଶିଖରୀ, କଳିଯୁଗେଶ୍ୱର ଓ ଅନ୍ୟ ଅଞ୍ଚଳରେ ଏହି ବିଦେଶୀ ପକ୍ଷୀଙ୍କ ହେଉଛି ସମାଗମ। ଏପଟେ ପକ୍ଷୀମାନଙ୍କର ସୁରକ୍ଷା ନେବା ଲାଗି ତତ୍ପର ହୋଇଉଠିଛି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ। ୫ ଟି ରେଞ୍ଜରେ ଗଠିତ ବାଲୁଗାଁ, ଟାଙ୍ଗି, ରମ୍ଭା, ସାତପଡ଼ା ଓ ନୂଆପଡାରେ ସର୍ବମୋଟ ୨୧ ଗୋଟି ସ୍ଥାୟୀ ଓ ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର ଗଠନ କରାଯାଇଛି। ବାଲୁଗାଁ ରେଞ୍ଜରେ ୪, ଟାଙ୍ଗୀ ରେଞ୍ଜ ରେ ୧୧, ରମ୍ଭା ରେଞ୍ଜରେ ୨, ସାତପଡ଼ା ରେଞ୍ଜରେ ୨ ଓ ନୂଆପଡା ରେଞ୍ଜରେ ୨ ଟି କ୍ୟାମ୍ପ ଚଳିତ ବର୍ଷ କରାଯାଇଛି । ଏହା ସହିତ ୧୧ ଟି ବୋଟରେ ୨୪ ଘଣ୍ଟିଆ ପାଟ୍ରୋଲିଂ ଚାଲିଛି ବୋଲି ବାଲୁଗାଁ ଡିଏଫଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଥଣ୍ଡା ଯେତିକି ଯେତିକି ବଢ଼ିଥାଏ, ଏହି ବିଦେଶାଗତ ପକ୍ଷୀଙ୍କ ଭିଡ଼ ସେତିକି ସେତିକି ବଢିଥାଏ । କାହିଁ କେଉଁ କାଳରୁ ଏହି ବିଦେଶାଗତ ଅତିଥିମାନଙ୍କୁ କୋଳେଇ ନେଉଛି ଏହି ମରାଳ ମାଳିନୀ ନିଳାମ୍ବୁ ଚିଲିକା । ଆଉ ନୀଳ ଜଳରାଶିରେ ବେଶ ଖୁସିରେ ବୁଲୁଛନ୍ତି ଏହି ପକ୍ଷୀମାନେ ।

## ଷଷ୍ଠ ଓଏମବି ବୋର୍ଡ ବୈଠକ

# ସାମୁଦ୍ରିକ ନେତୃତ୍ୱ ଦିଗରେ ଓଡ଼ିଶା




ଭୁବନେଶ୍ୱର, ୧୪।୧୦(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ସାମୁଦ୍ରିକ ବୋର୍ଡ (ଓଏମବି) ର ଷଷ୍ଠ ବୋର୍ଡ ବୈଠକରେ ଓଡ଼ିଶା ନିଜର ସାମୁଦ୍ରିକ ଐତିହ୍ୟକୁ ପୁନରୁଦ୍ଧାର କରିବା ଏବଂ ଏକ ଅଗ୍ରଣୀ ଉପକୂଳ ଅର୍ଥନୀତି ଭାବେ ଉଭା ହେବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ମିଶ୍ରଙ୍କ ସମେତ ପୋଲିସ, ରାଜସ୍ୱ, ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବୋର୍ଡର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶା ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ଏକ ଅଂଶୀଦାର ରାଜ୍ୟ ଭାବରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ବୋର୍ଡ ପ୍ରମୁଖ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲା ଏବଂ ରାଜ୍ୟକୁ ସ୍ଥାୟୀ ସାମୁଦ୍ରିକ ବିକାଶର ହବ୍ ଭାବରେ ଅବସ୍ଥାପିତ କରିବା ପାଇଁ ଏକ ବିସ୍ତୃତ ରୋଡମ୍ୟାପକୁ ଚୂଡ଼ାନ୍ତ କରିଥିଲା। ଧ୍ୟାନ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଛି ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରପ୍ତାନୀ, ଜାହାଜ ନିର୍ମାଣ, ଜାହାଜ ମରାମତି , ରିସାଇକ୍ଲିଂ, କ୍ୟାପ୍ଟିଭ୍ ଜେଟି ବିକାଶ, ବନ୍ଦର ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ଏବଂ ସାମୁଦ୍ରିକ କ୍ଷେତ୍ର ପାଇଁ ଭବିଷ୍ୟତରେ ନିର୍ମାଣ ପାଇଁ ପଦକ୍ଷେପ ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବରେ ଏହାର ଉତ୍ଥାନ ପ୍ରଦର୍ଶନ କରିବ। ଆଇଏମ୍.ଡବ୍ଲ୍ୟୁ. ୨୦୨୫ ସମୟରେ ରାଜ୍ୟ ଆନୁଷ୍ଠାନିକ ଭାବେ ଓଡ଼ିଶା ଆଭ୍ୟନ୍ତରୀଣ ଜାହାଜ ନିୟମ, ୨୦୨୫ ଉନ୍ମୋଚନ କରିବାକୁ ଯାଉଛି, ଯାହା ଆଭ୍ୟନ୍ତରୀଣ ଜଳ ପରିବହନ ପାଇଁ ନିୟାମକ ସମର୍ଥନକୁ ସୁଦୃଢ଼ କରିବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତରେ ଏଆଇ ହବ୍ ସ୍ଥାପନ କରିବ ଗୁଗୁଲ୍

ନୂଆଦିଲ୍ଲୀ, ୧୪।୧୦ଃ ଭାରତରେ ଏକ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ହବ୍ ସ୍ଥାପନ କରିବ ଗୁଗୁଲ। ଏ ନେଇ କମ୍ପାନିର ସିଇଓ ସୁନ୍ଦର ପିଚାଇ ଏକ ବଡ଼ ଘୋଷଣା କରିଛନ୍ତି। କମ୍ପାନି ଏହି ପ୍ରକଳ୍ପ ପାଇଁ ୧୫ ବିଲିୟନ ଡଲାର ନିବେଶ କରିବ। ପିଚାଇ କହିଛନ୍ତି ଯେ ସେ ଏହି ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏକ ବଡ଼ ଡାଟା ସେଣ୍ଟର ଏବଂ ଏଆଇ ହବ୍ ନିର୍ମାଣ କରାଯିବ।

ସୁନ୍ଦର ପିଚାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଗୁଗୁଲରେ ଏ ବିଷୟରେ ଏକ ପୋଷ୍ଟ ମଧ ସେୟାର କରିଛନ୍ତି। ସେ ଲେଖିଛନ୍ତି, "ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହେବା ଏକ ଚମତ୍କାର ଅଭିଜ୍ଞତା ଥିଲା। ଆମେ ବିଶାଖାପାଟଣାରେ ନିର୍ମିତ ହେବାକୁ ଥିବା ଗୁଗୁଲ୍ ର ପ୍ରଥମ ଏଆଇ ହବ୍ ପାଇଁ ଯୋଜନା ସେୟାର କରିଥିଲୁ। ଏହା ଏକ ଐତିହାସିକ ପଦକ୍ଷେପ ହେବ। ଏହି ହବ୍ ରେ ଗିଗାୱାଟ୍-ସ୍କେଲ କମ୍ପ୍ୟୁଟିଂ କ୍ଷମତା, ଏକ ନୂତନ ଅନ୍ତର୍ଜାତୀୟ ଉପ-ସମୁଦ୍ର ପ୍ରବେଶପଥ



ଏବଂ ବୃହତ-ସ୍କେଲ ଶକ୍ତି ଭିତ୍ତିଭୂମି ଅନ୍ତର୍ଭୁକ୍ତ ହେବ।"

ସୁନ୍ଦର ପିଚାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଗୁଗୁଲରେ ଏ ବିଷୟରେ ଏକ ପୋଷ୍ଟ ମଧ ସେୟାର କରିଛନ୍ତି। ସେ ଲେଖିଛନ୍ତି, "ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହେବା ଏକ ଚମତ୍କାର ଅଭିଜ୍ଞତା ଥିଲା। ଆମେ ବିଶାଖାପାଟଣାରେ ନିର୍ମିତ ହେବାକୁ ଥିବା ଗୁଗୁଲ୍ ର ପ୍ରଥମ ଏଆଇ ହବ୍ ପାଇଁ ଯୋଜନା ସେୟାର କରିଥିଲୁ। ଏହା ଏକ ଐତିହାସିକ ପଦକ୍ଷେପ ହେବ। ଏହି ହବ୍ ରେ ଗିଗାୱାଟ୍-ସ୍କେଲ କମ୍ପ୍ୟୁଟିଂ କ୍ଷମତା, ଏକ ନୂତନ ଅନ୍ତର୍ଜାତୀୟ ଉପ-ସମୁଦ୍ର ପ୍ରବେଶପଥ ଏବଂ ବୃହତ-ସ୍କେଲ ଶକ୍ତି ଭିତ୍ତିଭୂମି ଅନ୍ତର୍ଭୁକ୍ତ ହେବ।" ଏହି ପ୍ରକଳ୍ପ ସଂପର୍କରେ ଗୁଗୁଲ କ୍ଲାଉଡ ସିଇଓ ଥମାସ କୁରୁଏନ କହିଛନ୍ତି ଯେ ବିଶାଖାପାଟଣା ଏଆଇ ହବ ବିଶ୍ୱର ଗୁଗୁଲର ପ୍ରଥମ ଏଆଇ ହବ୍ ହେବ। ଏଥିପାଇଁ ଆସନ୍ତା ୫ ବର୍ଷରେ ୫ ବିଲିୟନ ଡଲାର ( ୧୩୩୨ କୋଟି ଟଙ୍କା) ନିବେଶ କରାଯିବ ଓ ଏଥିରେ ମୁଖ୍ୟତଃ ଭାରତୀୟ ଇଂଜିନିୟରମାନଙ୍କୁ ସୁଯୋଗ ଦିଆଯିବ।

## ଇପିଏଫ୍ ଖାତାରୁ 'ଯୋଗ୍ୟ ବାଲାନ୍ସ' ସମ୍ପୂର୍ଣ୍ଣ ଉଠାଇହେବ




ନୂଆଦିଲ୍ଲୀ, ୧୪।୧୦: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଖାତାର 'ଯୋଗ୍ୟ ବାଲାନ୍ସ'କୁ ସଦସ୍ୟମାନେ ସମ୍ପୂର୍ଣ୍ଣ ଉଠାଇପାରିବେ। ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉଠାଣ ପ୍ରକ୍ରିୟାକୁ କୋହଳ କରି ତିନି ଭାଗ କରାଯାଇଛି। ତାହା ହେଉଛି ଜରୁରୀ ଆବଶ୍ୟକତା (ଅସୁସ୍ଥତା, ଶିକ୍ଷା ଓ ବିବାହ), ବାସଗୃହ ଆବଶ୍ୟକତା ଓ ସ୍ୱତନ୍ତ୍ର ପରିସ୍ଥିତି। ପୂର୍ବରୁ ବିବାହ ଓ ପିଲାମାନଙ୍କ ଶିକ୍ଷା ପାଇଁ ୩ଟି ଆଂଶିକ ଉଠାଣ ଅନୁମତି ଥିଲା। ସେହି ସୀମାକୁ ବିବାହ ପାଇଁ ୧୦ ଗୁଣା ଓ ପିଲାଙ୍କ ଶିକ୍ଷା ପାଇଁ ୫ ଗୁଣା ବୃଦ୍ଧି କରାଯାଇଛି।

**ଖାତାରେ ୨୫% ରାଶି ସବୁବେଳେ ରହିବ**

ପିଏଫ୍ ଖାତାରୁ ଟଙ୍କା ଉଠାଣ ପାଇଁ ସର୍ବନିମ୍ନ ଚାକିରି ସମୟକୁ ମଧ୍ୟ ହ୍ରାସ କରାଯାଇଛି। ପୂର୍ବରୁ ସର୍ବନିମ୍ନ ୫ ବର୍ଷ ଚାକିରିରେ ରହିଥିବା ସଦସ୍ୟଙ୍କୁ ବାସଗୃହ ପାଇଁ ଓ ୭ ବର୍ଷ ଚାକିରି କରିଥିବା ସଦସ୍ୟମାନଙ୍କୁ ପିଲାଙ୍କ ଶିକ୍ଷା ଓ ବିବାହ ପାଇଁ ଟଙ୍କା ଉଠାଣ ଅନୁମତି ଦିଆଯାଇଥିଲା। ସେହି ସମୟ ସୀମାକୁ ୧୨ ମାସକୁ ହ୍ରାସ କରାଯାଇଛି। 'ସ୍ୱତନ୍ତ୍ର ପରିସ୍ଥିତି' ଅଧୀନରେ ଟଙ୍କା ଉଠାଣ ପାଇଁ ଆବେଦନ କରିବା ବେଳେ ସଦସ୍ୟମାନଙ୍କୁ ତାହାର କାରଣ ଜଣାଇବାକୁ ପଡ଼ିବ ନାହିଁ। ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ, ଲକ୍ଆଉଟ୍, ସଂସ୍ଥା ବନ୍ଦ ହେବା, ଲଗାତାର ଭାବେ ବେରୋଜଗାର ରହିବା, ମହାମାରୀ ବ୍ୟାପିବା ଆଦି କାରଣ ଦର୍ଶାଇ ଆବେଦନ କରାଯାଉଥିଲା, ଯାହା ଖାରଜ ହୋଇଯାଉଥିଲା। ଶ୍ରମମନ୍ତ୍ରୀ ମନ୍ସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି ଯେ ଇପିଏଫ୍ ସଦସ୍ୟଙ୍କ ଖାତାରେ ସବୁବେଳେ ୨୫ ପ୍ରତିଶତ ରାଶି 'ସର୍ବନିମ୍ନ ବାଲାନ୍ସ' ଭାବେ ରହିବ। ତାହା ଉପରେ ସେମାନେ ଅଧିକ ସୁଧ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ସହିତ ଅବସର ସମୟରେ ଏକକାଳୀନ ଅଧିକ ଟଙ୍କା ପାଇପାରିବେ। ଆଂଶିକ ଉଠାଣ ସମ୍ପୂର୍ଣ୍ଣ ରୂପେ ସ୍ୱୟଂକ୍ରିୟ ଉପାୟରେ ହେବ। ଅନ୍ୟପକ୍ଷରେ ଇପିଏଫ୍ଓର ପାଣ୍ଠି ପରିଚାଳନା ଓ ନିବେଶ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଇଥିବା ପ୍ରସ୍ତାବ ଉପରେ ବିଚାର କରିବା ଲାଗି ଏକ କମିଟି ଗଠନ କରାଯିବ ବୋଲି ଜଣାପଡ଼ିଛି। ସେହି କମିଟିରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ରହିବେ।

## ଆଜିର ସୁନା ଦର



ଧୀରେ ଧୀରେ ବଢ଼ୁଛି ସୁନା ଏବଂ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୮,୬୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୭,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୮,୬୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୭,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୮,୬୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୭,୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୮,୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୮,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୯,୦୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୮,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୮,୬୮୦ ଓ ୧, ୧୭,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୮୯,୦୦୦ ଟଙ୍କା ହୋଇଛି।

# ଉତ୍ସବ ଋତୁରେ କିଣାକିଣି କରି ପାଆନ୍ତୁ 'ମୋମେଣ୍ଟ ଉଇଥ୍ ମାହି'

କୋଲକାତା, ୧୪।୧୦(ସଂଚାର ବ୍ୟୁରୋ)ଃ ପ୍ଲାଟିନମ ଗିଲ୍ଡ ଇଟରନ୍ୟାସନାଲ (ପିଜିଆଇ) ଭାରତର ମେନ୍ ଅଫ୍ ପ୍ଲାଟିନମ ବ୍ରାଣ୍ଡ ଏହି ଉତ୍ସବ ଋତୁରେ ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ ସହିତ ଫେରିଛି। ଅଳଙ୍କାରର ଏକ ଧାଡ଼ି ଯାହା ଏକ ଆଧୁନିକ ଆଇକନର ସ୍ଥାୟୀ ଉତରାଧିକାରୀ ବିଷୟରେ କହିଥାଏ। ମୂଲ୍ୟବାନ ଅଳଙ୍କାରରେ ଶୁଦ୍ଧତାର ସର୍ବୋଚ୍ଚ ମାନଦଣ୍ଡ ମଧ୍ୟରୁ ଗୋଟିଏ, ୯୫% ଶୁଦ୍ଧ ପ୍ଲାଟିନମରେ ନିର୍ମିତ ପ୍ଲାଟିନମ ସ୍ୱାଭାବିକ ଭାବରେ ଧଳା, ଏହା କଦାପି ଫିକା କିମ୍ବା କଳଙ୍କିତ ହୁଏ ନାହିଁ। ପ୍ରତ୍ୟେକ ଖଣ୍ଡ ସ୍ଥାୟୀ ହେବା ପାଇଁ ଡିଜାଇନ କରାଯାଇଛି - ଠିକ୍ ଯେପରି ଏହା ପ୍ରତିନିଧିତ୍ୱ କରୁଥିବା ମୂଲ୍ୟବୋଧ। ଶକ୍ତିଶାଳୀ, ବିରଳ ଏବଂ କାଳଜୟୀ, ପ୍ଲାଟିନମ ସେହି ଗୁଣଗୁଡ଼ିକୁ ପ୍ରତିବିମ୍ବିତ କରେ ଯାହା ଏମ୍ ଏସ୍ ଧୋନିଙ୍କ କ୍ୟାରିୟରକୁ ସ୍ଥିରତା, ସାନ୍ତ୍ୱନା ଏବଂ ଶାନ୍ତ ଆତ୍ମବିଶ୍ୱାସ ବ୍ୟାଖ୍ୟା କରିଛି। ସଂଗ୍ରହରେ ସର୍ବଶେଷ ଯୋଗ ଧୋନିଙ୍କ ଯାତ୍ରା ଏବଂ ସ୍ୱତନ୍ତ୍ର ଶୈଳୀରୁ ପ୍ରେରଣା ନେଇଥାଏ। ଭାସ୍କର୍ଯ୍ୟ ଲିଙ୍କ ବ୍ରେସଲେଟ୍ ଠାରୁ ଆରମ୍ଭ କରି



ସଂଯୋଗ ଏବଂ ଶକ୍ତିକୁ ପ୍ରତିନିଧିତ୍ୱ କରେ, ଡୁଆଲ-ଟୋନ ଖଣ୍ଡ ଯାହା ସଠିକତା ଏବଂ ସୂକ୍ଷ୍ମ ଚମକଦାରତାକୁ ପ୍ରତିଧ୍ୱନିତ କରେ, ଡିଜାଇନ ସର୍ବନିମ୍ନ ତେବେ ବିବୃତ୍ତି ସୃଷ୍ଟି କରେ। ପରିଷ୍କାର ରେଖା, ଉଦ୍ଦେଶ୍ୟମୂଳକ ବିବରଣୀ ଏବଂ ଧୋନିଙ୍କ ଦସ୍ତଖତର ଅବିସ୍ମରଣୀୟ ଖଣ୍ଡ ସଂଗ୍ରହର ପ୍ରତ୍ୟେକ ଖଣ୍ଡକୁ ଆଭ୍ୟନ୍ତରୀଣ ମହାନତାର ଚିହ୍ନ କରିଛି। ଏହି ସଂଗ୍ରହକୁ ଯାହା ପୃଥକ କରେ ତାହା ହେଉଛି ଗଭୀର ପ୍ରତୀକବାଦ ସହିତ ସୌନ୍ଦର୍ଯ୍ୟଗତ ବିଶୋଧନକୁ ମିଶ୍ରଣ କରିବାର କ୍ଷମତା। ଏହା କେବଳ ଷ୍ଟାଇଲ ପାଇଁ ପିନ୍ଧାଯାଇଥିବା ଅଳଙ୍କାର ନୁହେଁ, ବରଂ ଏହା କ'ଣ ପାଇଁ ଛିଡା ହୋଇଛି। ଜଣେ ବଂଚୁଥିବା ମୂଲ୍ୟବୋଧର ଏକ ବ୍ୟକ୍ତିଗତ

**ମେନ ଅଫ୍ ପ୍ଲାଟିନମର ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ**

ସ୍ମାରକ, ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ ଯେତିକି ଅର୍ଥପୂର୍ଣ୍ଣ ସେତିକି ଚମକଦାର ଅଟେ।

ଏହି ଋତୁରେ, ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସକ୍ଲୁସିଭିଟିର ଆଉ ଏକ ସ୍ତର ଯୋଗ କରେରିଛି। ସଂଗ୍ରହରୁ ପ୍ରତ୍ୟେକ କ୍ରୟ ସହିତ, ଗ୍ରାହକମାନେ ଜୀବନରେ ଥରେ ସୁଯୋଗ ପାଇବାର ସୁଯୋଗ ପାଇଥାନ୍ତି-୨୦୨୬ ଆରମ୍ଭରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏମ୍ ଏସ୍ ଧୋନିଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ ଏବଂ ଅଭିବାଦନ। ଏହି ସକ୍ରିୟତା ୧୮ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୧୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ବଛା ବଛା ଖୁଚୁରା ଷ୍ଟୋରରେ ଚାଲିବ, ଯାହା ପ୍ରଶଂସକମାନଙ୍କୁ ପ୍ରଶଂସାକୁ ଏକ ବ୍ୟକ୍ତିଗତ ମୁହୂର୍ତ୍ତରେ ପରିଣତ କରିବାର ଏକ ବିରଳ ସୁଯୋଗ ପ୍ରଦାନ କରିବ।

# ଭାରତରେ ଆରମ୍ଭ ହେଲା ଏଚ୍ ଆଣ୍ଡ ଏମ୍ ବିୟୁଟି ଅବଧାରଣା

କୋଲକାତା,୧୪।୧୦(ସଂଚାର ବ୍ୟୁରୋ)ଃ ଏଚ୍ ଆଣ୍ଡ ଏମ୍ କନସେପ୍ଟ ଭାରତରେ ପ୍ରଥମ ଥର ପାଇଁ ଏଚ୍ ଆଣ୍ଡ ଏମ୍ ବିୟୁଟି କନସେପ୍ଟ ଆରମ୍ଭ କରିବା ପାଇଁ ଗର୍ବର ସହିତ ଘୋଷଣା କରିଛି। ଏହା ଫ୍ୟାଶନ ଏବଂ ଘରୋଇ ଅବଧାରଣା ବାହାରେ ସୌନ୍ଦର୍ଯ୍ୟ ମାଧମରେ ଆତ୍ମ ଅଭିବ୍ୟକ୍ତିକୁ ସଶକ୍ତ କରିବା ପାଇଁ ଏହାର ବ୍ରହ୍ମାଣ୍ଡକୁ ବିସ୍ତାର କରିବ। ଡେବ୍ୟୁ ଏକ କ୍ୟୁରେଟେଡ ବିୟୁଟି ଲାଇନ୍-ଅପ୍ ଉପସ୍ଥାପନ କରେ ଯାହା ଟ୍ରେଣ୍ଡ-ପରିଚାଳିତ, ଅନ୍ତର୍ଭୁକ୍ତ ଏବଂ ଉପଲବ୍ଧ ଅଟେ। ଭୁବନେଶ୍ୱରର ଏସ୍‌ବିଏସ୍‌ପିଏଲ୍, ସହିଦ ନଗରରେ ଏହି ସଂଗ୍ରହ ଉପଲବ୍ଧ। ଏଚ୍ ଆଣ୍ଡ ଏମ୍ ବିୟୁଟି କନସେପ୍ଟ ଭାରତରେ ଏହାର ଶୁଭାରମ୍ଭ କରିଛି। ଏଥିରେ ସ୍ଥାନୀୟ ଭାବେ ଉତ୍ପାଦିତ ମେକଅପ୍ ଏବଂ ସୁଗନ୍ଧର ଏକ କ୍ୟୁରେଟେଡ ରେଞ୍ଜ ରହିଛି। ଷ୍ଟେଟମେଟ୍ ଲିପଷ୍ଟିକ୍ ଠାରୁ ଆରମ୍ଭ କରି ଦୀର୍ଘସ୍ଥାୟୀ ସୁଗନ୍ଧ ପର୍ଯ୍ୟନ୍ତ, ଏହି ବର୍ଗ ବିଶ୍ୱସ୍ତରୀୟ ଉଦ୍ଭାବନ ଏବଂ ଭାରତୀୟ କାରିଗରୀକୁ ଏକତ୍ର କରିଥାଏ, ଯାହା ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟକୁ ପୂର୍ବ ଅପେକ୍ଷା ଅଧିକ ସୁଗମ କରିଥାଏ। ଏହି ସଂଗ୍ରହ ମେକଅପ୍, ଏଚଆଣ୍ଡଏମ୍ ଉପକରଣରେ ୨୦୦ ରୁ ଅଧିକ ଉତ୍ପାଦ ପ୍ରଦାନ କରେ। ଏହା ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟକୁ ଅଧିକ ସୁଗମ କରିବା ଏବଂ ସାରା ଦେଶରେ ଅଧିକ ଫ୍ୟାଶନ୍ ଆଶାୟୀଙ୍କ ନିକଟରେ ପହଂଚିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଏଚ୍ ଆଣ୍ଡ ଏମ୍ ଇଣ୍ଡିଆର ନିର୍ଦ୍ଦେଶକ ହେଲେନା କୁଏଲେନଷ୍ଟିଏର୍ନା କହିଛନ୍ତି। ଏଚ୍ ଆଣ୍ଡ ଏମ୍ ବିୟୁଟି ଗ୍ଲୋବାଲ ଜେନେରାଲ ମ୍ୟାନେଜର କ୍ୟାଥ୍ରିନ୍ ୱିଗଜେଲ କହିଛନ୍ତି ଆମେ ଚାହୁଁ ଯେ ପ୍ରତ୍ୟେକ ଗ୍ରାହକ, ଷ୍ଟୋରରେ କିମ୍ବା ଅନଲାଇନରେ ସପିଂ କରନ୍ତୁ। ଏହି ସଂଗ୍ରହ ମେକଅପ୍, ଏଚ୍ ଆଣ୍ଡ ଏମ୍ ଉପକରଣରେ ୨୦୦ ରୁ ଅଧିକ ଉତ୍ପାଦ ପ୍ରଦାନ କରେ। ଏହି ଶୁଭାରମ୍ଭ ଯାତ୍ରାରେ ଏକ ପ୍ରକୃତ ମାଇଲଖୁଟ, ଯାହାକୁ ଏଚ୍ ଆଣ୍ଡ ଏମ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହାକୁ ଆହୁରି ସ୍ୱତନ୍ତ୍ର କରାଯାଇଛି। ୭୯୯ ଟଙ୍କାରୁ କମ୍ ମେକଅପ୍ ଏବଂ ୧୨୯୯ ଟଙ୍କାରୁ ଆରମ୍ଭ ହେଉଥିବା ଅତର ସହିତ ଏଚ୍ ଆଣ୍ଡ ଏମ୍ ବିୟୁଟି କନସେପ୍ଟ ନିଶ୍ଚିତ କରେ ଯେ ଉଚ୍ଚ-ଗୁଣବତା, ଟ୍ରେଣ୍ଡ-ଫରଓ୍ୱାର୍ଡ ଉତ୍ପାଦ ସମସ୍ତଙ୍କ ପାଇଁ ଉପଲବ୍ଧ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ହ୍ୱାଟ୍ସଆପ୍ ଆକାଉଣ୍ଟ ହାସଲ କରିବା ମୌଳିକ ଅଧିକାର ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୧୦ଃ ବ୍ଲକ୍ ହୋଇଯାଇଥିବା ହ୍ୱାଟସ୍ଆପ୍ ଆକାଉଣ୍ଟକୁ ଫେରିପାଇବା ଲାଗି ଦାବି କରି ଜଣେ ମହିଳା ଡାକ୍ତର ଆର୍ କୁନ୍ଦ୍ରା କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ କହିଥିଲେ ଯେ ହ୍ୱାଟସ୍ଆପ୍‌କୁ ହାସଲ କରିବା ସମ୍ବିଧାନର ମୌଳିକ ଅଧିକାର ନିୟମ ଅଧୀନରେ ଆସୁନାହିଁ। ଏହା ଏକ ଘରୋଇ ସଂସ୍ଥା। ଏହାର ବ୍ୟବହାରକାରୀମାନେ କମ୍ପାନିର ସର୍ତ୍ତାବଳୀକୁ ଗ୍ରହଣ କରିବାକୁ ବାଧ



ନୁହନ୍ତି। ହ୍ୱାଟସ୍ଆପ୍ ବଦଳରେ 'ଜୋହୋ'ର 'ଅରଟାଇ' ଆପ୍ ବ୍ୟବହାର କରିବାକୁ ଖଣ୍ଡପୀଠ କହିଥିଲେ। କୋର୍ଟ ଏଭଳି ଏକ ସମୟରେ 'ଅରଟାଇ'ର ପରାମର୍ଶ ଦେଇଛନ୍ତି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ କିଛି ମନ୍ତ୍ରୀ ଓ ବହୁ ଜନତା ଏହାକୁ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଏହାକୁ ସ୍ୱଦେଶୀ ସଂସ୍ଥା ଜୋହୋ ବିକାଶ କରିଛି। ୨୦୨୧ରେ କମ୍ପାନି ଏହି ଆପ୍ ଆରମ୍ଭ କରିଥିଲା। ଏଥିରେ ହ୍ୱାଟସ୍ଆପ୍ ଭଳି ଅନେକ ସୁବିଧା ରହିଛି। କମ୍ପାନି ସ୍ପଷ୍ଟ କରିଛି ଯେ ବ୍ୟବହାରକାରୀଙ୍କ ସମ୍ପର୍କିତ ସବୁ ତଥ୍ୟ ଏହା ଭାରତରେ ରଖୁଛି। ତେବେ ଏହାର କେତେକ ସେବାରେ ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ସନ ସୁବିଧା ନାହିଁ।

## ଖିମ୍‌ଜୀ ଜୁଏଲର୍ସର 'ଧନତେରସ୍ ଧନବର୍ଷା' ଅଫର୍

ଭୁବନେଶ୍ୱର, ୧୪।୧୦ଃ ୧୯୩୬ରୁ ଓଡ଼ିଶାର ସବୁଠୁ ବିଶ୍ୱସ୍ତ ଓ ପ୍ରିୟ ଗହଣା ବ୍ରାଣ୍ଡ୍ ହୋଇ ରହିଥିବା ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ 'ଧନତେରସ୍ ଧନବର୍ଷା' ଅଫର୍ ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ସୁନା, ହୀରା, ରୁପା, ପ୍ଲାଟିନମ୍, ପୋଲ୍‌କି ଓ ଫ୍ୟାସନ୍ ଗହଣା ଉପରେ ଆକର୍ଷଣୀୟ ରିହାତି ପାଇପାରିବେ। ଏହି ଧନ୍‌ତେରସ୍‌ରେ ଖିମ୍‌ଜୀ ଜୁଏଲର୍ସ ସୁନା ଗହଣାର ମୋଟ୍ ମୂଲ୍ୟ ଉପରେ ଫ୍ଲାଟ୍ ୩.୩୩ ପ୍ରତିଶତ, ହୀରା ଉପରେ ଫ୍ଲାଟ୍ ୧୫ ପ୍ରତିଶତ, ରୁପାର ଓଜନ ଗଢ଼ା ମୂଲ୍ୟରେ ଫ୍ଲାଟ୍ ୨୦ ପ୍ରତିଶତ, ରୁପା ଏମ୍‌ଆର୍‌ପି ଉପରେ ୧୫ ପ୍ରତିଶତ ଓ ପ୍ଲାଟିନମ୍ ଗଢ଼ା ମୂଲ୍ୟ ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରୁଛି। ଉତ୍ସବ ଉଜ୍ଜ୍ୱଳତାକୁ ଆହୁରି ବଢ଼ାଇ ଗ୍ରାହକମାନେ ଫ୍ୟାସନ୍ ଗହଣାର ଏମ୍‌ଆର୍‌ପିରେ ଫ୍ଲାଟ୍ ୨୦ ପ୍ରତିଶତ, ପୋଲ୍‌କି ଗଢ଼ା ମୂଲ୍ୟରେ ୨୦ ପ୍ରତିଶତ ଓ ଆର୍ଟିଫ୍ୟାକ୍ଟରେ ୧୦ ପ୍ରତିଶତ ରିହାତି ପାଇପାରିବେ। ଏହା ସହିତ ଗ୍ରାହକମାନେ ୫, ୧୦, ୫୦ ଓ ୧୦୦ ଗ୍ରାମର ୯୯୯ ଶୁଦ୍ଧତା ବିଶିଷ୍ଟ ସୁନା ଓ ରୁପା ମୁଦ୍ରା ପାଇପାରିବେ ଯାହା ଉପରେ ଖିମ୍‌ଜୀର ବାଏବ୍ୟାକ୍ ଗ୍ୟାରେଣ୍ଟି ରହିଛି। ଏହି ଅଫର୍ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ ଖିମ୍‌ଜୀ ଜୁଏଲର୍ସ ପାଇଁ ଧନତେରସ୍ ସବୁବେଳେ କୃତଜ୍ଞତାର ସମୟ ଓ ଆମ ଗ୍ରାହକଙ୍କ ବିଶ୍ୱାସର ଉତ୍ସବ। ଧନତେରସ୍ ଧନବର୍ଷା ମାଧ୍ୟମରେ ଆମେ ସମଗ୍ର ସଂଗ୍ରହ ଉପରେ ଆକର୍ଷଣୀୟ ମୂଲ୍ୟ ପ୍ରଦାନ କରି ଉତ୍ସବ ଋତୁକୁ ସ୍ୱତନ୍ତ୍ର କରିବାକୁ ଚାହୁଁଛୁ। ଖିମ୍‌ଜୀକୁ ପିଢ଼ି ପିଢ଼ି ଧରି ଉତ୍ସବର ଅଂଶ କରିଥିବା ଗ୍ରାହକମାନଙ୍କ ପାଇଁ ଏହା ଆମର ପ୍ରତ୍ୟେକ ପରିବାର ପାଇଁ ଧନ୍ୟବାଦ ଜଣାଇବାର ଉପାୟ। ଆମେ ସମସ୍ତଙ୍କୁ ଖିମ୍‌ଜୀର ଅସାଧାରଣ କାରୁକାର୍ଯ୍ୟ ଓ ଉତ୍ସବ ଅଫର୍ ସହିତ ସେମାନଙ୍କ ମୁହୂର୍ତ୍ତଗୁଡ଼ିକୁ ସଜାଇବାର ଆନନ୍ଦ ଅନୁଭବ କରିବାକୁ ଆମନ୍ତ୍ରଣ କରୁଛୁ।




## ଅବସର ନେବେ ଆପଲ୍ ସିଇଓ କୁକ୍



ନୂଆଦିଲ୍ଲୀ, ୧୪।୧୦: ଆପଲ୍‌ର ସିଇଓ ନିକଟ ଭବିଷ୍ୟତରେ ଅବସର ନେଇପାରନ୍ତି ବୋଲି କମ୍ପାନିର ପୂର୍ବତନ ସିଇଓ ଜନ୍ ସ୍କୁଲି ପୂର୍ବାନୁମାନ କରିଛନ୍ତି। ୧୯୮୩ରୁ ୧୯୯୩ ପର୍ଯ୍ୟନ୍ତ ସ୍କୁଲି ଆପଲ୍‌ର ସିଇଓ ଭାବେ କାମ କରିଥିଲେ। କିନ୍ତୁ କମ୍ପାନିର ସହ ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସଙ୍କ ସହ ତାଙ୍କର ସମ୍ପର୍କ ତିକ୍ତ ଥିଲା। ତାଙ୍କ ସମୟରେ ଜବ୍‌ସ କମ୍ପାନି ଛାଡ଼ି ପଳାଇଥିଲେ ଓ ୧୯୯୭ରେ ପୁଣି ଫେରିଥିଲେ। କୁକ୍ ସିଇଓ ପଦରୁ ଇସ୍ତଫା ଦେଉଥିବା ନେଇ ଆମେରିକାରେ ନାନା ପ୍ରକାର କଳ୍ପନାଜଳ୍ପନା କରାଯାଉଛି। ତାଙ୍କ ସ୍ଥାନରେ ହାର୍ଡୱେର ଇଞ୍ଜିନିୟରିଂ ମୁଖ୍ୟ ଜନ୍ ଟେର୍ନସଙ୍କୁ ନୂଆ ସିଇଓ କରାଯିବାର ସମ୍ଭାବନା ରହିଛି। ପୂର୍ବରୁ ଯେଉଁ କାମରେ କୁକ୍‌ଙ୍କୁ ପ୍ରାଧାନ୍ୟ ଦିଆଯାଉଥିଲା, ସେହି କାମଗୁଡ଼ିକରେ ଟେର୍ନସଙ୍କୁ ଦେଖିବାକୁ ମିଳୁଛି। କମ୍ପାନିର ପ୍ରଚାର ଟିମ୍ ମଧ୍ୟ ଟେର୍ନସଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳୁଛି।

# ଗୁଡ଼ାଙ୍ଗଘାଟିରେ ଅଟକିଛି ଦୁଇ ଗାଁ'ର ବିକାଶ ଭାଗ୍ୟ

**ଭବାନିପାଟଣା,୧୪।୧୦ (ସଂଚାର ବ୍ୟୁରୋ):** ପ୍ରକୃତିର ମନଲୋଭା ପାହାଡର ପାଦଦେଶରେ ଦୁଇ ଗାଁ । ଆଜି ଯାଏଁ ରାସ୍ତା ସମସ୍ୟା ଯୋଗୁଁ ସବୁ ଥାଇ କିଛି ନାହିଁ। ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛନ୍ତି ଆଦିବାସୀ। ଏବେ ପିରୁଙ୍ଗଗୁଡା ଓ

## ରାସ୍ତା ପାଇଁ ବିକାଶ ଅପହଞ୍ଚ

ପରଡଙ୍ଗଗୁଡା ଗ୍ରାମବାସୀ ନୂତନ ସରକାର ଉପରେ ଭରସା କରି ରାସ୍ତା ପାଇଁ ଗୁହାରି କରିଛନ୍ତି।

ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏହି ଦୁଇ ଗାଁ ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ, ସଦର ମହକୁମା ଠାରୁ ମାତ୍ର ୧୮ କିଲୋମିଟର ଦୂରରେ ଥିବା ଚାଞ୍ଚେର ପଞ୍ଚାୟତର ଦୁଇ ଗାଁ ଗୁଡାଙ୍ଗଘାଟି ଉପରେ





ପିରୁଙ୍ଗଗୁଡା ଓ ପରଡଙ୍ଗଗୁଡା । କେରାଣ୍ଡିହାପର ଛକ ଠାରୁ ଗୁଡାଙ୍ଗ ପରେ ୮ କିଲୋମିଟର ବିପଦପୂର୍ଣ୍ଣ ପାହାଡ଼ିଆ କଚ୍ଚା ରାସ୍ତା ରହିଛି। କଷ୍ଟେମଷ୍ଟେ ଗାଁକୁ ପହଞ୍ଚି ହେବ । କିନ୍ତୁ ବର୍ଷ ହେଲେ ହେଲେ ଫେରିବା ପାଇଁ ରାସ୍ତା ନାହିଁ । ବର୍ଷ ବର୍ଷ ଧରି ଧରି ପ୍ରଶାସନ ଏବଂ ଜନପ୍ରତିନିଧି ଙ୍କୁ ଗୁହାରି କଲେ ମଧ୍ୟ ଆଜିଯାଏ ସ୍ଥିତି ସୁଧୁରି ପାରୁନାହିଁ, ପ୍ରଶାସନର ଅଣଦେଖା ଯୋଗୁ ଲୋକଙ୍କ ମନୋବଳ ଭାଙ୍ଗି ପଡ଼ିଲାଣି ବୋଲି ପିରୁଙ୍ଗଗୁଡା ଗ୍ରାମର ବାସନ୍ତୀ ମାଝୀ, ପଦ୍ମା ମାଝୀ, ପରଡଙ୍ଗଗୁଡା ଗ୍ରାମର ଜୁଲି ମାଝୀ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି । ପରଡଙ୍ଗଗୁଡା ଗାଁ ବିଦ୍ୟୁତ ସଂଯୋଗ ଅଛି, ନେଟୱର୍କ ମଧ୍ୟ ଆସୁଛି। ହେଲେ ପିଇବା ପାଣି କେବେ ମିଳୁଛି ତ କେବେ ନାହିଁ। ବସୁଧା ଯୋଜନା ଅଧାପନ୍ତରିଆ ରହିଛି । ସେହିଭଳି ଦୁଇ ଗାଁରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଆବାସ ପହଁଞ୍ଚିଛି ହେଲେ ରାସ୍ତା ପାଇଁ ଅଧାପନ୍ତରିଆ ହୋଇ ପଡିରହିଛି। ପିଲାଙ୍କ ପ୍ରାଥମିକ ଶିକ୍ଷା ପରେ ରାସ୍ତା ସମସ୍ୟା ଯୋଗୁଁ ପାଠପଢ଼ା ମଧ୍ୟ ଅଟକିଯାଏ। ଦୁଇ ଗାଁରେ ପ୍ରାୟ ୪୦ରୁ ଅଧିକ ପିଲା ଉଚ୍ଚଶିକ୍ଷା ପାଇଁ ବଞ୍ଚିତ ହୋଇଛନ୍ତି, ରାସ୍ତା ହିଁ ମୁଳ ବିକାଶ ର ବାଧକ ସାଜିଛି। ପ୍ରଶାସନ ପକ୍ଷରୁ ପିରୁଙ୍ଗଗୁଡା ଓ ପରଡଙ୍ଗଗୁଡା ଦୁଇ ଗାଁକୁ ଯାତାୟତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ର ପ୍ରଧାନମନ୍ତ୍ରୀ ସଡ଼କ ଟିଏ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟାଦେଶ, ଭତ୍ତା ଓ ରାସନ କାର୍ଡ ବଣ୍ଟନ



**କଣାସ,୧୪।୧୦ (ସଂଚାର ବ୍ୟୁରୋ):** ଆଜି କଣାସ ପଞ୍ଚାୟତ ସମିତି ସମ୍ମୁଖ ସହିଦୀ ପୀଠ ଠାରେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ଏବଂ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ଦ୍ୱାରା ୨୪୮ଟି ଅର୍ନ୍ତୋଦୟ ଯୋଜନା ଗୃହ କାର୍ଯ୍ୟାଦେଶ ଏବଂ ୩୬୨ଟି ନୂତନ ଭର୍ତ୍ତା ପ୍ରଦାନ ଏବଂ ୮୦୦ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି। ଏହି ବଣ୍ଟନ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତ, ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ଉପସ୍ଥିତ ରହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାମାନଙ୍କୁ ଅସହାୟ ଭର୍ତ୍ତା ଦେବାପାଇଁ ଗଣମାଧ୍ୟରେ ଢେଙ୍ଗୁରା ପିଟୁଥିବା ବେଳେ କଣାସ ବ୍ଲକରେ ୬୦ରୁ ୬୫ବର୍ଷ ପର୍ଯ୍ୟନ୍ତ ୩ହଜାରରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଭର୍ତ୍ତା ପାଇବା ପାଇଁ ଅନ୍‌ଲାଇନ୍‌ରେ ଦରଖାସ୍ତ କରିଥିବା ବେଳେ ମାତ୍ର ୩୬୨ଜଣଙ୍କୁ ଆଜି ଭର୍ତ୍ତା ବଣ୍ଟନ କରାଯାଇଥିଲା। ଏପରି କି ୭୩ବର୍ଷରର ବୃଦ୍ଧା ବର୍ତ୍ତମାନ ସୁଧା ଭର୍ତ୍ତା ପାଇନଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ଟାର୍ଗେଟ୍ ନ ଥିବାରୁ ମାତ୍ର ୩୬୨ଜଣଙ୍କୁ ଭର୍ତ୍ତା ପ୍ରଦାନ କରାଯାଇଥିବା ବେଳେ ଟାର୍ଗେଟ୍ ଆସିଲେ ଅନ୍ୟମାନଙ୍କୁ ଭର୍ତ୍ତା ପ୍ରଦାନ କରାଯିବ।

# ଲକ୍ଷ୍ମୀ ବସ୍ ଛାଡ଼ିବା ଡେରି ହେବାରୁ ଆର୍ଦଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଧାରଣା



**କଣାସ,୧୪।୧୦ (ସଂଚାର ବ୍ୟୁରୋ):** ଦୈନନ୍ଦିନ କଣାସ ଥାନା ସମ୍ମୁଖରୁ କଣାସରୁ ଯାମଳଗୋଦା, କଣାସରୁ ଗଡ଼ଖାରଦ, କଣାସରୁ ମନ୍ଦାରବସ୍ତ, କଣାସରୁ କରମଳା, କଣାସରୁ ଦିବ୍ୟସିଂହପୁର, କଣାସରୁ କଣାସରୋର୍ଡ ରାଜ୍ୟସରକାରଙ୍କ ଲକ୍ଷ୍ମୀବସ୍ ଯାତାୟତ କରୁଛି। କଣାସ ଠାରୁ ଯାମଳଗୋଦା ଯାଉଥିବା ବସ୍‌ରେ ଦୈନନ୍ଦିନ ଯାମଳଗୋଦା ଠାରେ ଥିବା ଆର୍ଦଶ ବିଦ୍ୟାଳୟକୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯାତାୟତ କରିଥାଆନ୍ତି। ଆଜି ଉକ୍ତ ବସ୍‌ଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଯିବ ନାହିଁ ବୋଲି ବସ୍ କ୍ରମଚାରୀମାନେ କହିବାରୁ ଛାତ୍ରଛାତ୍ରୀମାନେ ଅନ୍ୟ ରୁଟ୍‌ର ବସ୍‌ଟିକୁ ନେବା ପାଇଁ କହିବାରୁ ବସ୍ କର୍ମଚାରୀମାନେ ମନା କରିଦେଇଥିଲେ। ଅନ୍ୟ ରୁଟ୍ ଯିବାକୁ ଥିବା ବସ୍ ଗୁଡିକ ଆଗରେ ଛାତ୍ରଛାତ୍ରୀମାନେ ଧାରଣାରେ ବସିବାରୁ କିଛି ସମୟ ପାଇଁ ଉତେଜନା ପ୍ରକାଶ ପାଇଥିଲା। କଣାସ ଥାନା ପୁଲିସ୍ ଓ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ପିଲାମାନଙ୍କୁ ଓ ଅଭିଭାବକ ମାନଙ୍କୁ ବୁଝାସୁଝା କରିବା ପରେ ଅନ୍ୟ ଗୋଟିଏ ରୁଟ୍‌ର ବସ୍‌ରେ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିଦିଆଯାଇଥିଲା।

# ପାରିବାରିକ ହିଂସା ସୁରକ୍ଷା ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବାରିପଦା,୧୪।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦଭାବନା)ଗୃହ ଠାରେ ଜିଲ୍ଲା ସ୍ତରୀୟ ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ -୨୦୦୫ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୁରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଅଧକ୍ଷ୍ୟତ କରିଥିଲେ । ଜିଲ୍ଲାର ସମସ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ ,ପୋଲିସ ଅଧିକାରୀ, ଶକ୍ତି ସଦନ, ସଖି ୱାନ ଷ୍ଟପ୍ ସେଣ୍ଟରର କର୍ମକର୍ତା ଜିଲ୍ଲାର କାର୍ଯ୍ୟକ୍ରମ ଅଧିକାରୀ, ପରିବାର ପରାମର୍ଶ କେନ୍ଦ୍ର ର କର୍ମକର୍ତା କାର୍ଯକ୍ରମରେ ଯୋଗଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମକର୍ତା ସତ୍ୟନାରାୟଣ ବେହେରା ପାରିବାରିକ ହିଂସା ସୁରକ୍ଷା ଆଇନ -୨୦୦୫ ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇ କହିଥିଲେ ଏବଂ ବାରିପଦା ଆଇନ ମହାବିଦ୍ୟାଳୟ ର ସହକାରୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ଏହି ଆଇନ ର ସମସ୍ତ ଦିଗ ଓ ସମସ୍ତ ଅଧିକାରୀଙ୍କ ଦାଇତ୍ୱ ,ପୀଡିତ ମାନେ କିପରି ନିଜର ଅଭିଯୋଗ ଦାଖଲ କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷ୍ୟାରଥି ମାନଙ୍କୁ ବୁଝାଇ କହିଥିଲେ ।

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ଙ୍କ ପ୍ରତକ୍ଷ ତତ୍ୱାବଧାନରେ ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ମହିଳା ସଶକ୍ତିକରଣ ର କର୍ମକର୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆୟୋଜନ ଏବଂ ପରିଚାଳନା କରିଥିଲେ ।




# ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ପୋଲିଓ ଦିବସ ପାଳିତ

**ନୀଳଗିରି,୧୪।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସାଧିକାରି ଡଃସତ୍ୟ ନାରାୟଣ ନାୟକ ସମେତ ଅନ୍ୟାନ୍ୟ ଚିକିତ୍ସା ଅଧିକାରୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶିଶୁ ମାନଙ୍କୁ ପୋଲିଓ ଖୁଆଯାଇଥିଲା।ଏହି କାର୍ଯ୍ୟକ୍ରମକୁ ନୀଳଗିରି ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଶୁଭାରମ୍ଭ କରିଥିଲେ।ଏହି ପୋଲିଓ ଦିବସ ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହୋଇ ଅଦ୍ୟ ୧୪ତାରିଖ ଶେଷ ଦିନ ଶୁଦ୍ଧ ନୀଳଗିରି ଏନ. ଏ.ସି.ଅନ୍ତର୍ଗତ ସମସ୍ତ ୱାର୍ଡରୁ ମୋଟ ୧୪୦୨ ଶିଶୁଙ୍କୁ ଦୁଇ ବୁନ୍ଦା ଲେଖାଏଁ ପୋଲିଓ ଖୁଆ ଯାଇଅଛି।ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ସଂଯୁକ୍ତ ପାତ୍ର ସାବିତ୍ରୀ ମହାଳିକ,ପ୍ରହଲ୍ଲାଦ ଚନ୍ଦ୍ର ଗିରି, ଲୀଳାମୟୀ ଖିଲାର ପ୍ରମୁଖ ସହଯୋଗ କରିଥିଲେ।




# ରଗଡ଼ି ଉପକାରାଗାରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଯାଜପୁର,୧୪।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଯାଜପୁର ଜିଲ୍ଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶନାରେ ରଗଡ଼ି ଉପକାରାଗାର ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅନୁଷ୍ଠିତ ହୋଇଯାଇଛି।

ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଆଲୋଚକ ଭାବେ ଡା. ରମେଶ ଚନ୍ଦ୍ର ମଲ୍ଲିକ (ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ), ଡା. ରୁଦ୍ରନାରାୟଣ ପୃଷ୍ଟି (ପ୍ରାଧିକରଣ ସଦସ୍ୟ), ସାମାଜିକ କାର୍ଯ୍ୟକର୍ତ୍ତା ଶ୍ରୁତି ବିଶ୍ୱାଳ (ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଯୋଜିକା), ସନ୍ତୋଷ କୁମାର ପାଠକ (କାର୍ଯ୍ୟକ୍ରମ ନିଷ୍ପାଦକ), ଓ ହରପ୍ରିୟା ଦାଶ (ମନସ୍ତାତ୍ତ୍ୱିକ ସାମାଜିକ କର୍ମୀ) ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱ, ଇତିହାସ ଓ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ। ଅତିଥିମାନେ ମାନସିକ ରୋଗର ଲକ୍ଷଣ, ନିରାକରଣ ଉପାୟ ଓ ସମାଜରେ ଏହା ପ୍ରତି ସଚେତନତା ବିଷୟରେ ମତାମତ ରଖିଥିଲେ। ସେମାନଙ୍କ କହିବା ଅନୁସାରେ, ମାନସିକ ଅସୁସ୍ଥତାରେ ଜନିତ ଅସୁବିଧା ମୁକାବିଲା ପାଇଁ ସମ୍ବେଦନଶୀଳ ବ୍ୟବହାର ଏବଂ ସମାଜିକ ସହଯୋଗ ଅତ୍ୟନ୍ତ ଆବଶ୍ୟକ।କାର୍ଯ୍ୟକ୍ରମରେ ମନସ୍ୱିନୀ ବିଶ୍ୱାଳ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସୋନମ କୁମାର ମହାପାତ୍ର, ସହକାରୀ କାରାପାଳ, ଧନ୍ୟବାଦ ଜଣାଇଥିଲେ। ଉପକାରାଗାର ଓ ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

## ଦେଉଳା ଆଶ୍ରମ ସ୍କୁଲରେ ନାହିଁ ପରିଚାଳନା କମିଟି

# ପ୍ରଧାନଶିକ୍ଷକ ଓ ସମାଜ ମଙ୍ଗଳ ଅଧିକାରୀ ମାଲେମାଲ




**ବାଲିଆପାଳ,୧୪।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଦେଉଳା ଆଶ୍ରମ ସ୍କୁଲରେ ଦୀର୍ଘଦିନ ଧରି ପରିଚାଳନା କମିଟି ନ ଥିବାରୁ ପ୍ରଧାନଶିକ୍ଷକ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁଁ ସେଠାରେ ସରକାରୀ ଅର୍ଥରେ ବ୍ୟାପକ ଅନିୟମିତତା ହେଉଥିବାର ଶୁଣିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସ୍କୁଲରେ ଛଅ ଜଣ ସିନିୟର ଶିକ୍ଷକ, ଶିକ୍ଷୟତ୍ରୀ ଥିବାବେଳେ ଜଣେ ନୂଆ କରି ସ୍କୁଲକୁ ଆସିଥିବା ଜୁନିୟର ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱ ଦିଆଯାଇଛି କିପରି? ସୂଚନାଯୋଗ୍ୟ ଦେଉଳା ଆଶ୍ରମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୯୩ ଛାତ୍ର ଛାତ୍ରୀ ପଢୁଥିବା ବେଳେ ସେଥିମଧ୍ୟରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ୨୬୪ ଓ ସ୍ଥାନୀୟ ୨୯ ଛାତ୍ର, ଛାତ୍ରଛାତ୍ରୀ ରହିଛନ୍ତି। ହଷ୍ଟେଲରେ ରହୁଥିବା ସମସ୍ତ ପିଲାଙ୍କ ପାଇଁ ଶୋଇବାର ଖଟର ସୁବିଧା ନ ଥିବାରୁ ଅଧିକାଂଶ ପିଲା ତଳେ ଶୋଉଛନ୍ତି। ପିଲାଙ୍କ ପାଇଁ ଲାଟିନ ଓ ବାଥରୁମର ବିଶେଷ ସୁବିଧା ନ ଥିବାରୁ ଛୋଟ ଛୋଟ ପିଲାମାନେ ଅଧିକାଂଶ ସମୟରେ ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇ ମେଡିକାଲର ଭର୍ତ୍ତି ହେଉଛନ୍ତି। ଖାଦ୍ୟରେ ପିଲାଙ୍କ ପେଟ ପୁରୁନାହିଁ।ପିଲାମାନେ ଅଧିକାଂଶ ସମୟରେ ଭୋକିଲା ରହୁଛନ୍ତି। ପିଲାଙ୍କୁ ତେଲ, ସାବୁନ ଓ କପଡା ସଫା କରିବା ସାବୁନ ଦେବାରେ ମଧ କଟକଣା। ସେହିପରି ବିଦ୍ୟାଳୟରେ ଖେଳ ଶିକ୍ଷକ ଥିବାବେଳେ ପ୍ରତ୍ୟେକ ଦିନ ପିଲାଙ୍କୁ ଖେଳ ସମ୍ବନ୍ଧରେ କିଛି ଶିକ୍ଷା ଦିଆଯାଉନାହିଁ।ସ୍କୁଲରେ ପିଲାଙ୍କ ପାଇଁ ଖେଳ ଉପକରଣ ଅଛି କି ନାହିଁ ତାହା ମଧ ସନ୍ଦେହ। ଏଠାରେ ସ୍ଥାନୀୟ ପିଲାଙ୍କୁ ଛାଡି ଦେଲେ ହଷ୍ଟେଲରେ ୨୫୦/୨୬୦ ପିଲା ରହୁଥିବାବେଳେ ବାକି ପିଲା ଘରୁ ଯିବାଆସିବା କରୁଥିବା କଥା ପ୍ରଧାନଶିକ୍ଷକ ମୁରଲୀ ମୋହନ ଜେନା କହିଛନ୍ତି।

ମାସରେ ପ୍ରତ୍ୟେକ ପିଲାଙ୍କୁ ୧୦ ଟା ଅଣ୍ଡା, ୪ଥର ମାଛ, ଓ ୨ଥର ମାଂସ ଦିଆଯାଉଛି। କିନ୍ତୁ ଦୁଃଖର କଥା ସ୍କୁଲରେ ରେକର୍ଡ ମୁତାବକ ପିଲା ନ ଥିବାବେଳେ ପ୍ରତ୍ୟେକ ଦିନ ୬୦/୭୦ ପିଲାର ମିଛ ଉପସ୍ଥାପନ ପକାଇ ପ୍ରଧାନଶିକ୍ଷକ ଅର୍ଥ ଆତ୍ମସାତ କରୁଥିବାର ଶୁଣିବାକୁ ମିଳୁଛି। କିନ୍ତୁ ସ୍କୁଲରେ ସିନିୟର ଶିକ୍ଷକ ଅଜୟ କୁମାର ବରଙ୍କ ଚାକିରୀ କାଳ ଆଉ ଦୁଇବର୍ଷ ରହିଥିବାବେଳେ ତାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆ ନ ଯାଇ ଜଣେ ନୂଆକରି ଆସିଥିବା ଜୁନିୟର ଶିକ୍ଷକ ଶ୍ରୀ ଜେନାଙ୍କୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱ ଦିଆଯିବାକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛିଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନୂଆଗାଁରେ ଉଦ୍‌ଯାପିତ ହେଲା କବାଡ଼ି ଟୁର୍ଣ୍ଣାମେଣ୍ଟ



**ବାଲିଆପାଳ,୧୪।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗାପୂଜା ଅବସରରେ ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଅଧିନସ୍ଥ ନୂଆଗାଁ ଦୁର୍ଗା ପୂଜା କମିଟି ଆନୁକୂଲ୍ୟରେ ସ୍ୱର୍ଗତଃ ଦିବାକର ପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ କବାଡି ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ୭ ଦିନ ଧରିଅନୁଷ୍ଠିତ ଏହି କବାଡି ଟୁର୍ଣ୍ଣାମେଣ୍ଟରେଦୀଘା (ପଶ୍ଚିମବଙ୍ଗ), ପାକମୁଣ୍ଡି, ବାଲିଆପାଳ, ଚାନ୍ଦମଣୀ, ବିଷ୍ଣୁପୁର, ଭୋଗରାଇ, ଚଉମୁଖ, ବାରିପଦା (ମୟୁରଭଞ୍ଜ) ପ୍ରମୁଖ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବାରିପଦା ଦଳକୁ ହରାଇ ବିଷ୍ଣୁପୁର ଦଳ ଚାମ୍ପିଅନ ହୋଇଥିଲେ କ୍ଷଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେ ଫାଇନାଲ ଖେଳକୁ ଉଦଘାଟନ କରିଖେଳାଳୀଙ୍କୁ ଉତ୍ସାହିତ କରିଥଲେ।ଅନ୍ୟ ମାନଙ୍କ ମଧ୍ୟରେ ଚକ୍ରଧର ଗିରି, ଦୁର୍ଗାପୂଜା କମିଟି ସଭାପତି ବରେନ୍ଦ୍ର ରାଉତ, ଗଙ୍ଗାଧର ପଢ଼ିଆରୀ, ଅଂଜନ କୁମାର ଦେବନାଥ, ଲକ୍ଷ୍ମୀକାନ୍ତ ଗିରି, ଅଂଜନ କୁମାର ବେହେରା, ସୁଧାଂଶୁ ରାଉତ, ବରେନ୍ଦ୍ର ଦଳାଇ, ମନ୍ମଥ ଚକ୍ରବର୍ତ୍ତୀ, ତପନ କୁମାର ପାତ୍ର, ଅନୀଲ ଦେବନାଥ, ପଦ୍ମ ଲୋଚନ ବିଶ୍ୱାଳ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ କ୍ଷହେମନ୍ତ ପରିଡ଼ା, ରଂଜନ କୁମାର ସାହୁ, ରାଜୀବ ଲୋଚନ ସାହୁ, ସୁଭଦ୍ରା ଶାସମଲ ପ୍ରମୁଖ ରାଜ୍ୟସ୍ତରୀୟ ରେଫ୍ରି ଖେଳକୁ ପରିଚାଳନା କରିଥିଲେ କ୍ଷବିଜୟୀ ଏବଂ ରନର୍ସ ଅପ ଦଳକୁ କମିଟି ପକ୍ଷରୁ ଟ୍ରଫି ଏବଂ ନଗଦ ଅର୍ଥ ପ୍ରଦାନ କରାଯାଇଥିଲା କ୍ଷନୂଆଗାଁ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ କବାଡି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। କବାଡି ଖେଳକୁ ଉପଭୋଗ କରିବାକୁ ବହୁ ଭିଡ଼ ଦେଖିବାକୁ ମିଳିଥିଲା ।

# ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଟ୍ରେନିଂ ପାର୍ଟନରମାନଙ୍କ ବୁଝାମଣାପତ୍ର ସ୍ୱାକ୍ଷର

**ଫୁଲବାଣୀ,୧୪।୧୦ (ସଂଚାର ବ୍ୟୁରୋ):** ଆଜି କନ୍ଧମାଳ ଜିଲ୍ଲାର ଫୁଲବାଣୀସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟଠାରେ କନ୍ଧମାଳ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଶ୍ରୀ ପୁରୁଷୋତ୍ତମ ମହାପାତ୍ରଙ୍କ ଅଧକ୍ଷତାରେ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜନ କରାଯାଇଥିଲା। କନ୍ଧମାଳ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ପ୍ଲେସମେଣ୍ଟ ଲିଙ୍କେଡ୍ ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଟ୍ରେନିଂ ପାର୍ଟନରମାନେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ଚେରିଟେବଲ୍ ଟ୍ରଷ୍ଟ, ଡାଟାପ୍ରୋ କମ୍ପ୍ୟୁଟର, ଗ୍ୟାଲାକ୍ସି କମ୍ପ୍ୟୁଟର, ବିଜ୍ଞାନ ଭାରତୀ ଚେରିଟେବଲ୍ ଟ୍ରଷ୍ଟ, ଉପାସନା ଏଜୁକେସନ୍ ଟ୍ରଷ୍ଟ, ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସିଆଲ୍ ସେକ୍ଟର୍ ସ୍କିଲ୍ କାଉନସିଲ୍ ଓ ଭିକ୍ଟସ୍ ଡାଇଙ୍ଗ୍ରର ଅଧିକାରୀମାନଙ୍କ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ, ଅଧକ୍ଷ, ଆଇଟିଆଇ ଫୁଲବାଣୀ, ଯୁବ ପେସାଦାର ଓ ସିଏମ୍ ଦକ୍ଷତା ବିକାଶ ଫେଲୋମାନେ ମଧ ଅଂଶଗ୍ରହଣ କରିଥିଲେ।

# ବିଦେଶୀ ପକ୍ଷୀଙ୍କ ଆଗମନ

● ଗାଁ ଧାନ ବିଲରେ ବିଦେଶୀ ପକ୍ଷୀ



**କଣାସ,୧୪।୧୦ (ସଂଚାର ବ୍ୟୁରୋ):** ଶୀତ ଋତୁ ଆସିଲେ ଏସିଆ ମହାଦେଶର ସର୍ବବୃହତମ ଲୁଣା ହ୍ରଦ ଲିଳାମ୍ଭୁ ଚିଲିକାକୁ ପୃଥିବିର ବିଭିନ୍ନ ଦେଶରୁ ଶହଶହ ପ୍ରଜାତିର ବିଦେଶୀ ପକ୍ଷୀ ଆଜି ଆସ୍ଥାନ ଜମାଇବା ବେଳେ ଶୀତ ଋତୁର ପ୍ରତ୍ୟବର୍ତ୍ତନ ପରେ ନିଜ ଦେଶକୁ ଫେରିଯାଆନ୍ତି। ବର୍ତ୍ତମାନ ଅନେକ ବିଦେଶୀ ପକ୍ଷୀ ଚିଲିକାକୁ ଆସି ଚିଲିକାର ଉତ୍ତରନାଶୀରେ ଖାଦ୍ୟ ଖାଇବା ପାଇଁ ଆସ୍ଥାନ ଜମାଉଥିବା ବେଳେ ଉତ୍ତରନାଶୀର ଆଖପାଖ ଧାନଜମିରେ ଧାନ ହୋଇଥିବାରୁ ବିଦେଶୀ ପକ୍ଷୀମାନେ ଧାନ ଓ ପୋକଜୋକ ଖାଇବା ପାଇଁ ବୁଲୁଥିବା ଦେଖିବାକୁ ମିଳୁଛି। ପକ୍ଷୀମାନଙ୍କ ସୁରକ୍ଷା ଚିଲିକାରେ କଡାକଡି ହୋଇଥିବା ବେଳେ ଉତ୍ତରନାଶୀରେ ସୁରକ୍ଷା ଢିଲା ଥିବାରୁ ପ୍ରତି ବର୍ଷ ବାହାର ଶିକାରୀମାନେ ଉତ୍ତରନାଶୀରେ ବିଦେଶୀ ପକ୍ଷୀମାନଙ୍କୁ ଶୀକାର କରି ନିର୍ଭୟରେ ଖସି ଯାଇଥାଆନ୍ତି। ବାଲୁଗାଁ ବନ୍ୟପ୍ରାଣି ବିଭାଗ ପକ୍ଷରୁ ଚିଲିକା ଉତ୍ତରନାଶୀରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ କଡାକଡି ସୁରକ୍ଷା ବ୍ୟସ୍ଥା କରିବାକୁ ପକ୍ଷୀ ପ୍ରେମୀମାନେ ଦାବୀ କରିଛନ୍ତି।

# ଅଜଣା ରୋଗରେ ଖରିଫ ଧାନ ଫସଲ କ୍ଷତିଗ୍ରସ୍ତ : ଚିନ୍ତାରେ ଚାଷୀ

**ଡେଲାଙ୍ଗ,୧୪।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଖରିଫ ଧାନ କ୍ଷେତରେ ଅଜଣା ରୋଗ ଆକ୍ରାନ୍ତ ଯୋଗୁଁ ଧାନ ଫସଲ ବ୍ୟାପକ ଭାବେ କ୍ଷତି ହେତୁ ଚାଷୀ ଚିନ୍ତାରେ। କୃଷି ବୈଜ୍ଞାନିକଙ୍କ ପରାମର୍ଶ ପ୍ରତିଷେଧାତ୍ମକ ଔଷଧ ପ୍ରୟୋଗ କରାଗଲେ ମଧ ରୋଗ ଥମିବାର ନାମ ଧରୁନି। ଗୋଟିଏ ଗୋଟିଏ ପ୍ୟାଚ ରେ ୪୦ ଏକରରୁ ଉର୍ଦ୍ଧ୍ୱ ଫସଲ ରୋଗାକ୍ରାନ୍ତ ହୋଇଛି।

ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ମୁନିନ୍ଦା, ସାଉରିଆ, କଲ୍ୟାଣପୁର, ଡେଲାଙ୍ଗ-କୋଠବାଡ଼, ଘନିପୁର, ଅରିଶଲ, ସୁଜନପୁର, ବେରବୋଇ ଆଦି ସହ କଣାସ ବ୍ଲକର ତ୍ରିଲୋଚନପୁର ଗ୍ରାମ ପଂଚାୟତରେ ଏହି ରୋଗ ଅଧିକ ପରିମାଣରେ କ୍ଷତି କରିଥିବାରୁ ଫସଲ ହରାଇବା ଆଶଙ୍କାରେ ଚାଷୀ ମ୍ରିୟମାଣ। ପୁରୀ ଜିଲ୍ଲାର ଚାଷ ଓ ଚାଷୀ ର ସୁରକ୍ଷା ପାଇଁ ଚାଳିଶ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଅଗ୍ରଣୀ ଚାଷୀ ସଂଗଠନ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଉପ ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଡେଲାଙ୍ଗ ବ୍ଲକ ସଭାପତି ଶରତ ଚନ୍ଦ୍ର ରାଉତ, ମୁନିନ୍ଦା ପଂଚାୟତ ସଭାପତି ଉଲ୍ଲାସ ଚନ୍ଦ୍ର ନାୟକ ପ୍ରମୁଖ ଚାଷୀମାନେ ପୁରୀ ଜିଲ୍ଲାପାଳ ଓ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦୃଷ୍ଟି



ଆକର୍ଷଣ ପୂର୍ବକ ହସ୍ତକ୍ଷେପ ନିବେଦନ କରିବା ପରେ ସୋମବାର ବ୍ଲକ କୃଷି ଅଧିକାରୀ ମାନସୀ ମୃଦୁଭାଷିନୀ ପଶାୟତ ଓ ବ୍ଲକ କୃଷି ବୈଷୟିକ ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା ) ସଭାପତି ଲଡ଼ୁକିଶୋର ରାୟ ଓ୍ୱଗେର ରୋଗ ଉପଦ୍ରୁତ ବିଭିନ୍ନ ଅଂଚଳର ଧାନ କ୍ଷେତର କ୍ଷେତ୍ରୀୟ ଅନୁଧାନ କରିବା ସହ ଚାଷୀଙ୍କୁ ପ୍ରତିକାର ପରାମର୍ଶ ଦେଇଥିବା ସୂଚନା ମିଳିଛି। କବକ ପତ୍ରପୋଡ଼ା ରୋଗ ଧାନ କ୍ଷେତକୁ ଆକ୍ରାନ୍ତ କରିଥିବା କୃଷି ଅଧିକାରୀ ଶ୍ରୀମତୀ ପଶାୟତ ସୂଚନା ଦେବା ସହ ପ୍ରତିରୋଧ ପାଇଁ ଯଥାସାଧ ଉଦ୍ୟମ ଆରମ୍ଭ କର୍‌ଯାଇଥିବା ସୂଚନା ଦେଇଛନ୍ତି। ସୂଚନା ପାଇ ମଙ୍ଗଳବାର ଜିଲ୍ଲା କୃଷି ଅଧିକାରୀ, ସାକ୍ଷୀଗୋପାଳ ପ୍ରକାଶ କୁମାର ପଣ୍ଡା, ସହକାରୀ କୃଷି ଅଧିକାରୀ ଡେଲାଙ୍ଗ ମନୋଜ କୁମାର ବାରିକ, ବିଟିଏମ ଜ୍ଞାନରଞ୍ଜନ ହରିଚନ୍ଦନ, ନୀଳାଚଳ କୃଷକ ମହାସଂଘ ଉପ ସଭାପତି ପ୍ରକାଶ ଚନ୍ଦ୍ର ରାୟ ପ୍ରମୁଖ ବିଭିନ୍ନ ଅଞ୍ଚଳର ରୋଗାକ୍ରାନ୍ତ ଧାନ ଫସଲ ଜମି ବୁଲି ଅନୁଧାନ କରିଥିଲେ! ତାଙ୍କ ସହିତ ଉଲ୍ଲାସ ଚନ୍ଦ୍ର ନାୟକ, ଅଶୋକ କୁମାର ପ୍ରଧାନ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଜୈବିକ ପଦ୍ଧତି ରେଧାନରେ ବିଭିନ୍ନ ପ୍ରକାର ଔଷଧୀୟ ପ୍ରୟୋଗ ପାଇଁ ପରାମର୍ଶ ଦେବା ସହ ବୀମା କମ୍ପାନୀ ସହ ଯୋଗାଯୋଗ କରି ଚାଷୀ ଙ୍କୁ ସହାୟତା ମିଳିବ ବୋଲି କହିଥିଲେ ! ଅନ୍ୟ ପକ୍ଷରେ ଏହି ରୋଗ ଏବେ ନିୟନ୍ତ୍ରଣ ବାହାରକୁ ଯାଇଥିବାରୁ କ୍ଷୟ କ୍ଷତିର ପରିମାଣ ଆକଳନ ପୂର୍ବକ ଚାଷୀଙ୍କୁ କ୍ଷତି ଆନୁପାତିକ ସହାୟତା ଦେବା ପାଇଁ ନୀଳାଚଳ କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର ଓ ଉପ ସଭାପତି ପ୍ରକାଶ ଚନ୍ଦ୍ର ରାୟ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।



# ତୁମେ କିଏ ?

## ଡ଼. ଚନ୍ଦ୍ରକଳା ନାୟକ

ତୁମେ ପ୍ରତିଥର ନିରୁତର
ମୋ ବୋଧିସତ୍ୱର  ପ୍ରଶ୍ନରେ
ମହୁଆ ପଣରେ ଛଳ ଛଳ ଆଖିଗୁଡାରେ
ଅନୁରାଗ ବୁଣା ଅନେକ ସ୍ୱପ୍ନରେ
ସବୁକିଛି ଠିଆ ହୁଅନ୍ତି ପ୍ରତ୍ୟକ୍ଷ ଭାବରେ
ଠିକ ତୁମ ଓ ମୋ ଭିତରର ପାଚେରୀ ପରି।
ପ୍ରତିଥର ତୁମର ବୈରାଗ୍ୟ ମଧରେ
ମୋ ପ୍ରାପ୍ତି ଓ ଅପ୍ରାପ୍ତିର ସଂଯୋଗରେ
ସେତୁବନ୍ଧ ମାନେ ଆସନ୍ତି
ଅପାଦ ମସ୍ତକ ବୁଡି ରହିବାକୁ
ପାଇବାକୁ ତୁମ ଜ୍ଞାନର ଜିଜ୍ଞାସା
ଗୃହସ୍ଥର ସବୁ ଗୁରୁମନ୍ତ୍ରକୁ ।
ସବୁ ଚେଷ୍ଟା ପରେ ବି
ମୁଁ କିନ୍ତୁ ପାରେନା କାହିଁକି
ଏକ ଐଶ୍ୱର୍ଯ୍ୟମୟ ପ୍ରେମର ଲାଳସା
ଠିକ ଦିଗହରା ପଥିକଟେ ପରି
ପ୍ରତିବନ୍ଧକ ସାଜେ
ଆଶା ଓ ଅଭିପସା
ତା ସହ ଭିତରର ଅସ୍ଥି ମଜ୍ଜା ଗୁଡା ।
ଆହା-ତୁମେ ତ ଗଢିପାର  ସୁଖର ପ୍ରାସାଦ
ଜୀବନର ସବୁ ଆଶାକୁ ଗଣ୍ଠି ପକାଇ
ଦେଇପାର ଥୋକାଏ ଯନ୍ତ୍ରଣା
ଆଜୀବନ ତୃଷାର୍ତ୍ତ ରହିବାର
ଯାବତୀୟ କଲୁଷର ଜଞ୍ଜାଳକୁ
ପୋଛିଦିଅ ଘଡିକ ଆଶ୍ୱାସନାରେ।
ତୁମେ କଣ ଜାଣିନ ମୁଁ କିଏ
ମୁଁ ଏକ ଅପଂହଚ ବଉଦ ଖଣ୍ଡଟେ
ଦୁନିଆର ଆକାଶରେ ଘୁରିବୁଲେ
ଭାସମାନ ବୋଇତଟେ ପରି, ପୁଣି
ଅଙ୍ଗିକାର ବଦ୍ଧତାର ବାହୁ ବନ୍ଧନରେ ।
ଟୋପାଏ ବାରିଧାରା ପାଇବାର ପାଇଁ
ତୁମ ଆବେଗର ଦିଗବଳୟ ଗୁଡା
ହୋଇଯାଏ ରଙ୍ଗ ଆଉ ବେରଙ୍ଗ
ମୁଁ କିନ୍ତୁ ଆଜିବି ସେମିତି ନିରୁତର
ପାଇବାକୁ ଏକ ତୃପ୍ତିର
ଅପରାହ୍ନର ଦିନଚର୍ଯ୍ୟା
ତା ସହ ମୋ ଅନ୍ତରର ଅନ୍ତ ଚେତନାକୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ,ଛଡିଆ, ଯାଜପୁର**
**ମୋବାଇଲ୍: ୯୪୩୭୯୫୭୬୧୭**



# ନୀଳକଣ୍ଠ

## ଡ. ଶୁଭେନ୍ଦୁ ମେହେର

ପ୍ରତି ମୁହୂର୍ତ୍ତରେ
କୂଳ ଖାଉଥିବା
ଧାରେ ଝର୍ଝର ପାଣି ହିଁ ନୀଳକଣ୍ଠ !

ସର୍ତ୍ତ କି' ସ୍ୱାର୍ଥ ନଥିବା
ହଳେ ସଲ୍ଲଜ ସ୍ୱପ୍ନିଳ ଆଖିର
ଚଗଲି ପଣରେ
ନିଜକୁ ନିଜ ଭିତରୁ
ନିଖୋଜ କରି ପାରୁଥିବା
ସେ' ଘନ ଜଳରାଶି ହିଁ ନୀଳକଣ୍ଠ !

ତା'ର ସ୍ପର୍ଶ ବାଜିଲେ,
ଦୁଇପହରିଆ ଝାଉ ଅପସରି ଯାଏ,
ଧୁନ୍ଦି ନୀରବିଯାଏ
ତା' ଖୁଲ୍ ଖୁଲ୍ ଶବ୍ଦରେ
ପାହାଡ଼, ଗଛ, ଘାସ ଲହ
ଜୀବନ୍ୟାସ ପାଆନ୍ତି,
ଗଜାବଇସିଆ ଅଣ୍ଡିରା ପୁଅର
ନିଶ ପାଉଁଳେ
ନଇଁ ପଡ଼ିଥିବା ବୁଢ଼ା ବି ଭେଣ୍ଡା ହୁଏ ।

ସେ.....
ଦିନର ଆଲୁଅରେ ହସେନି,
ରାତିର କଳା କିଟ୍‌କିଟ୍ ଅନ୍ଧାରରେ
ଭୟ ବି କରେନି ।

ସେ' ସୁର ତୋଳିଲେ
ବୈଶାଖୀ ଝାଞ୍ଜି ଲାଗେ
ଶରତର କୁଆଁର ପୁନେଇଁ,
ସତେ ଯେମିତି ପଥର ଦେହରେ
ଫୁଟିଛି ସଦ୍ୟ କଇଁ ।

ସେ' ବସନ୍ତର ବାସନ୍ତୀ ସନ୍ଧ୍ୟାରେ
କୋଇଲି ପରି ସୁର ତୋଳେ।
ନୀଳ ଆକାଶର ରଙ୍ଗ ଚୋରେଇ
ନୀଳ ପାଲଟେ
ସିନ୍ଦୂରା ଫାଟିଲେ ।

ତା'ର ମଧୁର ରାଗରେ
କୁଆଁରୀ ଆମ୍ବ ବଉଳ
ଗର୍ଭିଣୀ ହୁଏ,
ଘାସ କଅଁଳେ, ପତ୍ର ପାଉଁଳେ
ଫୁଲ ବି ଫୁଟେ,
କୁଳୁ କୁଳୁ ସଙ୍ଗୀତରେ
ଜୁଆନ୍ ଛାତି ଥରାଇ ଦିଏ ।

ଜ୍ଞାନଦେଈ ମାଲୁଣୀ ଠୁ
ଗାଙ୍ଗୀ ଗଉଡୁଣୀ ପର୍ଯ୍ୟନ୍ତ
ତା' କଥାରେ ଥାଏ ସମସ୍ତ କୁହୁକ,
ସେ' ଜାଳି ପାରେ,
ସେ' ଜଳି ବି ପାରେ !
ତେଣୁ ମୁଁ ବୁଝିନିଏ
ସିଏ ହିଁ ମୋ' ଏକାନ୍ତ ସନ୍ତକ।

ତା' ଦେହରେ ଥାଏ,
କୋରାପୁଟିଆ ଧାଙ୍ଗ୍‌ଡ଼ି ନନୀର
ପାହାଡ଼ି କହଁର ।
ତା' ସ୍ୱରରେ ମୁଁ ପାଏ
ଘୁଡ଼୍‌କି ଓ କେନ୍ଦରାର ମିଶ୍ରିତ ଝଙ୍କାର ।

**ଯାଲୋଏ, ସୁବର୍ଣ୍ଣପୁର**
**ମୋବାଇଲ୍: ୯୯୩୮୪୩୩୬୬୪**



# କୋଣାର୍କ

## ପୁଷ୍ପଲତା ମିଶ୍ର

କୋଣାର୍କ ମନ୍ଦିର କୋଟି କମ ଦେଖି
ମନ ମୋ ହୁଏ ବିଭୋର,
ଦେଖିଛ କି ଆସି ବାର ଶ ବଢେଇ
ଆଦେଖା ଲୁହ ର ଧାର।।

# ଫରୁଆ

ଯାହାକୁ ନିଜର ମନର ଫରୁଆ
ରଖେ ସାଇତି ସେ କରି,
ଗୁଡ଼,ଚିନି ,କନ୍ଦ ମଧୁର ପଣରେ
ହୋଇକି ପାରିବ ସରି।।

# ସପନ

ମୁଠାଏ ପଖାଳ ଫାଳେ ପିଆଜ ରେ
ବିତେ ଯାହାର ଜୀବନ,
ସପନ ଦେଖିବା ସାତ ସପନ ଯେ
ଆକାଶ କଇଁଆ ସମ ।।

# ଅବାଧ

ବାଧ୍ୟ ବାଧକ ରେ କରନା ସ୍ୱୀକାର
ନ ରହିଲେ ତିଳେ ଦ୍ୱିଧା,
ସୁଖର ପକ୍ଷୀ କୁ ମନ କାନନ ରେ
ବାନ୍ଧି ବାକୁ ଦେବ ବାଧା ।।
ଅକ୍ଷୟ
ବୟସ ବଢିଲେ ରୂପ ଯିବ ଚାଲି
ଆପଣା ଛାଏଁ ମଉଳି ,
ମରଣ ପରେ  ତ ତୋ ଗୁଣ ସୁମରି
କହିବେ ସମସ୍ତେ ବୁଲି ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭
୫/୬/୨୫ ହସ୍ପିଟାଲ୍



# ପାର୍ଥକ୍ୟ

## ଭାରତୀ ହୋତା

ପ୍ରେମ...
ନାହିଁ ନାହିଁର ଅହେତୁକ ଲାଜ,
ହଁ ହଁ ର ସବୁଜ ସମ୍ଭାବନା ....
ସେଇ ସମ୍ଭାବନା ଟିକକ କପାଳରେ ଲେପି
ନିଶ୍ୱାସରେ ବିଶ୍ୱାସ ବୁଣୁଥିବା ମିଳନ,
ବିରହର ଆବେଗ ....
କିଛି ଘଟଣା, କିଛି ଦୁର୍ଘଟଣା
ରାଗ, ରୁଷା, ମାନ- ଅଭିମାନର ଯୁଗଳବନ୍ଦୀ .....
ଏଇ ବୋଧେ ପ୍ରେମ  !!

ପୁରୁଷ..
ବିନ୍ଦୁ ବିନ୍ଦୁ ସ୍ୱେଦର ପରମ ନିର୍ଯ୍ୟାସ ,
ମୁଣ୍ଡ ଉପରେ ସାରା ପୃଥିବୀର ବୋଝ
ନିର୍ବାଣ ମାଗୁଥିବା ଯୋଗୀଟିଏ ।।

ନାରୀ..
ଶ୍ରଦ୍ଧାର ମନ୍ଦିର ବେଢ଼ା ,
ନିଷ୍କପଟ ପ୍ରେମର ସ୍ରୋତସ୍ୱିନୀ
ରାତିର ବାକି ଖାତାରେ
ଅନ୍ଧାରକୁ ଅଲଗା କରି
ରଖି ପାରୁଥିବା ଚନ୍ଦ୍ରବନ୍ଧନୀ !!

ପ୍ରେମିକା...
କେବେ ରାଧା ତ କେବେ ମୀରା ,
ଅଣନିଃଶ୍ୱାସୀ ପ୍ରେମର ପ୍ରତିମୂର୍ତ୍ତି ....
ଅସ୍ତିତ୍ୱହୀନ ବେନାମ ସମ୍ପର୍କକୁ
ସାଇତି ପାରୁଥିବା ସମର୍ପିତ ଧୂପକାଠି ।।

ପ୍ରେମିକ...
ସପନରୁ ସ୍ମୃତି ସାଉଁଟିବାର ସାମର୍ଥ୍ୟ
ପ୍ରତୀକ୍ଷାର ସମୁଦ୍ରରେ ପହଁରା ଶିଖି
ସଫଳତାର ମାଇଲ ଖୁଣ୍ଟ ଖୋଜିବୁଲୁଥିବା
ବିଶ୍ୱାସର ବୀଜଟିଏ ।।

ଖରିଆର ରୋଡ଼
ନୂଆପଡ଼ା



# ତୁମ ଅସ୍ତିତ୍ୱ

## ସ୍ୱାଗତିକା ସାହୁ

ଝାଳର ଝୋ ଝୋ ଝୋଟି ଚିତାରେ...
ଦୁଃଖରେ ଦୁଇଁ ହୋଇଯିବା ସମୟେ
ଯେତେବେଳେ କୋହୋ ଉର୍ଦ୍ଧ୍ୱମୁଖି ହୁଏ
ଖୋଜେ ତୁମ ଅସ୍ତିତ୍ୱକୁ....
ଆତ୍ମା ଗଭୀରରୁ ଗଭୀର ଭାବରେ ଉପଲବ୍ଧି କରେ
ଜନ୍ମ ଜାତକର ଛାୟାରୁ ଏ ଯାବତ୍ କାୟା
ଚାହେଁ ତୁମ ରୂପର ନିର୍ବାଣ...

ମନରେ ସୃଷ୍ଟି ସୁନାମିର ଉତ୍ତର
ମିଳୁ ବା ନମିଳୁ...
କିନ୍ତୁ ଆତ୍ମାରେ ଶାନ୍ତି ପୁନରୁତ୍ଥାନ ହୁଏ
ଯେବେ ଥାଏ ଅଭୟ ପ୍ରଦାନକାରୀ
ନୀର୍ଲିପ୍ତ ହସ୍ତ ଆଉ ତୁମ କଥାମୃତ
ଅସ୍ତବ୍ୟସ୍ତ ଝଡ଼ ବାଟ କାଟି
ମୋଡ଼ ବଦଳାଇ ମାପୁଥାଏ ସହିବା ପଣ....
ସେ କ'ଣ ବୁଝିବ ?
ବିପଦ ଆପଦରେ ଆମ ଅଲୌକିକ ସଂଯୋଗ
ଆତ୍ମୀୟତା ମହନୀୟତା କଣ....!
ତୁମ ନାମର ମହତ୍ତ୍ୱ କଣ...!
ଜୀଇଁବା ଚର୍ଚ୍ଚାରେ ଏବେ ତୁମେ ଓ ମୁଁ
ହଁ କେବଳ ତୁମେ ଓ ମୁଁ...
ଧୈର୍ଯ୍ୟ ର ଭଣ୍ଡାର ମୋ ପାଇଁ
ଉନ୍ମୁକ୍ତ ରଖ ହେ ପ୍ରଭୁ...!
ହେ ଭକ୍ତ ଉତ୍ସର ହେ ରଙ୍ଗା ଅଧର

ଆଖି ଠାରେ ଏ ମହାମେରୁ ରୂପ
ପ୍ଲାବିତ କରେ ଆଖି ଆଖି ଉପଦେଶକୁ
ଚାତକ ସଦା ମୁଁ.....!
ଡେଇଁ ଯାଉଛି ଏ ହଳ ହଳ ପାଦ
ଏ ସଂସାର  ସତ୍ୟରେ ସଂଖ୍ୟା ଭେଦି
ଆହତ ନିଶ୍ୱାସ ଚାହେଁ
ପ୍ରତି ମୁହୂର୍ତ୍ତରେ ତୁମ ଉପସ୍ଥିତି...!

ସୂକ୍ଷ୍ମ ରୁ ସୂକ୍ଷ୍ମତର ଜୀବନ ଗଣିତ
ତୁମ ହାତରେ ସମାଧାନ ହେଲା ପରେ
ନିମିଷେକେ ଉଭେଇ ଯାଇଛି ଯେମିତି
ସବୁ କଷ୍ଟର କଳାକୃତି
ପରସ୍ତେ ଦୁଃଖ ଶ୍ଳୋକ...
ଏବେ ନିର୍ଥକ ମୋ ପାଇଁ
ବିଶ୍ୱାସର ନିଃଶେଷ ପଣତ
ତୁମେ ଧରିବା ପରେ
ସମୁଦ୍ରେ ଭିଡ଼ରେବି...
ଚିହ୍ନି ଯାଏ ତୁମ ପାଦ ଚିହ୍ନ
ଦରାଣ୍ଡି ପକାଏ ତୁମ ଅସ୍ତିତ୍ୱ...!

**ଉମରକୋଟ, ନବରଙ୍ଗପୁର**



# ହରାଅନା କେବେ ଆତ୍ମ ବିଶ୍ୱାସ

## କବିଭାରତୀ ବାସନ୍ତୀ ଲତା ଜେନା

ଶୃଙ୍ଖଳା ସଂଯମ ଆତ୍ମ ବିଶ୍ୱାସଟି
ଜୀବନେ ମହତ ପୂର୍ଣ୍ଣ
ବିଶ୍ୱାସରେ ଯଦି କର୍ମ କରି ଯିବ
ସଫଳ ହେବ ଜୀବନ ।୦।

ସମସ୍ୟା ବହୁଳ ଏ ଜୀବନ ତୁମ
ଝଡ଼ ଝଞ୍ଜା ଆସେ ନିତି
ଭାଙ୍ଗି ନ ପଡିବ ସମ୍ମୁଖୀନ ହେବ
ପାଇବ ଜୀବନେ ଶାନ୍ତି
ବିଫଳତା ପାଇଁ ଧୈର୍ଯ୍ୟ ନ ହାରିବ
  ନିଷ୍ଠା ବିଶ୍ୱାସ ମହାନ
  ଶୃଙ୍ଖଳା ସଂଯମ..... ।୧।

ସବୁ ଭଲ କାମ ପ୍ରଶଂସା ଦିଏନା
କିଛି ତ ନିନ୍ଦୁକ ଥାନ୍ତି
ସଫଳ ହୋଇଲେ ସେ ଲୋକ କହନ୍ତି
ରଖିଲା ବଂଶର କୀର୍ତ୍ତି
ପ୍ରଶଂସା ନିନ୍ଦାକୁ ଭ୍ରୂକ୍ଷେପ ନ କରି
ଆଗେ ଚାଲ ବାଇ ମନ
  ଶୃଙ୍ଖଳା ସଂଯମ..... ।୨।

ବୀର ପୁଙ୍ଗବ ଯେ ଆତ୍ମ ବିଶ୍ୱାସରେ
ଲଢ଼ି ଥାନ୍ତି ଶତ୍ରୁ ସଙ୍ଗ
ଦେଶର ସୀମାକୁ ଜଗି ରହି ଥାନ୍ତି
ଦେଶ ପାଇଁ ତାଙ୍କ ତ୍ୟାଗ
ଆତ୍ମ ବିଶ୍ୱାସରେ ଗାନ୍ଧୀ ଗୋପବନ୍ଧୁ
  ଦେଶକୁ କଲେ ସ୍ୱାଧୀନ
  ଶୃଙ୍ଖଳା ସଂଯମ..... ।୩।

ମନୋବଳ ଯଦି ସୁଦୃଢ଼ ହୋଇବ
ଲଂଘି ଯିବ ସପ୍ତ ସିନ୍ଧୁ
ହରାଅନା କେବେ ଆତ୍ମ ବିଶ୍ୱାସକୁ
ମନେ ରଖ ପ୍ରିୟ ବନ୍ଧୁ
ଜୀବନ ଯୁଦ୍ଧରେ ଜିତିବାକୁ ହେଲେ
  ବିଶ୍ୱାସଟି ମୂଳ ଧନ
  ଶୃଙ୍ଖଳା ସଂଯମ.... ।୪।

**ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର**

# କୋଟି ହୃଦୟର ମଣିଷ 'ଦାସେ ଆପଣେ'

## ପ୍ରତାପ କିଶୋର ରାଉତ

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ରୂପ
କୋଟି ହୃଦୟର ରାଜଧୀଶ୍ୱର
ଉତ୍କଳ ମାତାର ବରପୁତ୍ର ତୁମେ
ଧୈର୍ଯ୍ୟ ସାହସର ତୁଙ୍ଗ ଭୂଧର
କାଳ ବକ୍ଷେ ରଚି ଅମର କୃତି
ବିପଦର ବନ୍ଧୁ ଆହେ ଗୋପବନ୍ଧୁ
ତୁମ ପାଇଁ ଗର୍ବ କରେ ଏ ଜାତି ।୧।

ଧୂଳି ଖେଳ ଛାଡି ସତେକି କାଡାକେ
ଡେଇଁ ପଡିଥିଲ ସଂଗ୍ରାମ ଭୂମେ
ମାଟି ମାଆ ସେବା କରିବାର ପଣ
ସତେ ବିଧି ଲେଖା ଥିଲା ଜନମେ
ଦୁଃଖୀ ଦରିଦ୍ରର ସେବାରେ ରହି
ଗୃହ ଗ୍ରାମ ସାଥି ସଖା ସହୋଦର
ତେଜିଲ ପୁତ୍ରକୁ ଦ୍ୱିଧା ନବହି ।୨।

ଫିରିଙ୍ଗି ଶାସନ ବିରୁଦ୍ଧରେ ତୁମେ
କୋଟି ଓଡିଆଙ୍କୁ ଦେଲ ଜଗାଇ
କି ମୋହନ ମନ୍ତ୍ର ଥିଲାସେ ଡାକରେ
ସଂଗ୍ରାମକୁ ସତେ ପଡିଲେ ଡେଇଁ
ଉର୍ଜ୍ଜି ମନ୍ତ୍ରରେ ମନକୁ ମୋହି
ସେଥିପାଇଁ ଆଜି ହେ ଉତ୍କଳମଣି
ତୁମରି ତ୍ୟାଗର ତୁଳନା ନାହିଁ ।୩।

ବନ୍ଦୀଶାଳେ ରହି ଲେଖନୀ ମୁନରେ
ରଚିଲ ଅମର କୃତି ସମ୍ଭାର
କି ଅମୃତ ସତେ ଦେଇଛ ପରଶି
ଭୁଲି ପାରୁ ନାହିଁ ଜାତି ତୁମର
କୋଟି ଓଡିଆର ମନ ମଣିଷ
ଏ ଜାତିକୁ ଦେଲ ସ୍ୱାଧୀନତା ସ୍ୱାଦ
ଭରିଛ ହୃଦୟେ ନବ ଉଚ୍ଛ୍ୱାସ ।୪।

ସାରସ୍ୱତ ଗଡେ ତୁମେ ମହାରାଜ
ଭାଷା ସାହିତ୍ୟର ମଉଡମଣି
ଲେଖନୀରେ ତୁମ ରୂପ ନେଇଅଛି
ଏ ମାଟିର କେତେ ରମ୍ୟ କାହାଣୀ
ପ୍ରକୃତି ଜୀବନ୍ତ ଲାଗଇ ସତେ
ଭକ୍ତି ଭାବନାରେ କରଇ ଆପ୍ଲୁତ
ଚେତନାରେ ମନ ବୁଡଇ ସତେ ।୫।

ଆପଣା ଦେହକୁ ମାଟିରେ ମିଶାଇ
ତାପରେ ଚାଲିବା ଆହ୍ୱାନ ଦେଲ
ସ୍ୱାଧୀନତା ଗାଡେ  ଅସ୍ଥି ରକ୍ତ ମାଂସ
ପକାଇ ଦିଅରେ କେତେ କହିଲ
ସେହି ହେବ ଅହୋଭାଗ୍ୟ ମୋହର
ଏମିତି ତ୍ୟାଗର ମଣିଷ କେ ହେବ
ଅନନ୍ୟ ସ୍ୱରୂପ ଇତିହାସର ।୬।

ବନ ବିଦ୍ୟାଳୟ ଝୁରୁଛି ତୁମକୁ
ଦେବତାର ସମ ମଣିଷ ଗଢି
ସମର୍ପି ଦେଇଛି ମାଟି ମା' ସେବାରେ
ଛୁଟାଏ ସୁବାସ ଯେ ଥିଲା କଢ଼ି
'ସମାଜ' ଆଜିବି ଗାଉଛି ଗାଥା
ଉତ୍କଳ ଜନନୀ ଭାଗ୍ୟବତୀ ବୋଲି
ତୁମ ପାଇଁ ଆଜି ଉଚ୍ଚ ତା ମଥା ।୭।

ବନ୍ୟା ଦୁର୍ଭିକ୍ଷରେ ବନ୍ଧୁଟିଏ ହୋଇ
ନିଜ ଜୀବନକୁ କରି ବିପନ୍ନ
କୋଟିଏ ମୁହଁରେ ଦେଇଛ ଆହାର
ଫୁଟାଇଛ ମୁଖେ ହସ ସୁମନ
ବିପତ୍ତି ବେଳାରେ ତୁମରି କଥା
ମନେ ପଡ଼ିଗଲେ ହୃଦୟ ଭିଜଇ
ତୁମ ତ୍ୟାଗ କୃତି ଅମର ଗାଥା ।୮।

ତୁମକୁ 'ମଣିଷ' କହିଲେ ସତେକି
ମହା ଅପରାଧି ନିଜକୁ ମଣେ
ରକ୍ତ ମାଂସର ଦେବତା ତୁମେହେ
ରହିଛ ରହିବ ସବୁରି ପ୍ରାଣେ
ଆଉ ଥରେ ଆସ ଜନମ ନେଇ
ଦିଗ ହରା ଏଇ ମଣିଷକୁ ଥରେ
ମଣିଷ ପଣିଆ ଦିଅ ଶିଖାଇ  ।୯।

କୋଟିଏ ପ୍ରଣାମ ତୁମରି ଚରଣେ
ଘେନିବ ହେ ପୂଜ୍ୟ ଦାସେ ଆପଣେ
ତୁମରି ସ୍ୱପ୍ନର ଉତ୍କଳ ଅଧୁନା
ଅସୁରକ୍ଷିତ ହିଁ ନିଜକୁ ମଣେ
ଅଜଣା ଆତଙ୍କେ ଉଠେ ଶିହରି
ସେନେହ ମମତା ଭାଇଚାରା ଭାବ
ଆଗପରି ଆଉ ନାହିଁ କାହାରି ।୧୦।

**ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର**



# ଦିବ୍ୟ ଦୀପାବଳି

## ଡ଼ଃ ଅନୁପମା ବିଶ୍ୱାଳ

ଆଲୋକର ପର୍ବ       ଦିବ୍ୟ ଦୀପାବଳି
ଗାଏ ବିଜୟର ଗାଥା
ସଂସ୍କାର ସଂସ୍କୃତି       ପରମ୍ପରା ରୀତି
କହେ ପୁରାଣର କଥା।
ପିତୃସତ୍ୟ ପାଳି       ପ୍ରଭୁ ରଘୁବୀର
କରିଲେ ବନଗମନ
ଅଧର୍ମ ବିନାଶି       ଧର୍ମ ପରକାଶି
ଫେରିଥିଲେ ଏହିଦିନ।
ପ୍ରଦୀପ ଜଳାଇ       ନଗରୀ ସଜାଇ
ପ୍ରଜାହେଲେ ଆନନ୍ଦିତ
ବିଜୟ ପ୍ରତୀକ       ଆତସବାଜିରେ
ଶ୍ରୀରାମ ହେଲେ ସ୍ୱାଗତ।
ଦ୍ୱାପର ଯୁଗରେ       ମୂରଲୀ ମୋହନ
ବଧିଲେ ନରକାସୁର
ଅସୁର କବଳୁ       ସୁରକ୍ଷା ଲଭିଲେ
କନ୍ୟା ଷୋଡଶ ହଜାର।
ନୃସିଂହାବତାରେ       ହିରଣ୍ୟକଶିପୁ
ନାଶହେଲା ପ୍ରଭୁ ହାତେ
ଭକ୍ତ ପ୍ରହଲ୍ଲାଦ       ଜୀବନ ପାଇଲା
ନାମ ରହିଲା ଜଗତେ।
ଚେତନାର ମନ୍ତ୍ର       ଗାଏ କାନେକାନେ
ଏହି ଅତୀତ ଗୌରବ
ପ୍ରତି ମାନସକୁ       ଉଜ୍ଜିବୀତ କରେ
ମନେ ଭରି ଶୁଭ୍ରଭାବ।
ନବ ସମ୍ଭାବନା       ନବ ଉଦ୍ଦୀପନା
ବହିଆଣେ ନବ ଖୁସି
ବରଷକୁ ଥରେ       ଆସେ ଏ ପରବ
ଆଲୋକରେ ହସି ହସି।
ପିତୃପୁରୁଷଙ୍କୁ       ପିଣ୍ଡଦାନ କରି
ଲଭିଲେ ତାଙ୍କ ଆଶିଷ
କର୍ତ୍ତବ୍ୟ ଆଚରି       ସତ୍ୟ ଧର୍ମେ ରହି
ଜୀବନ ହେବ ସରସ।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮**



# ଶଙ୍ଖା ସିନ୍ଦୂରେ ମୋ ସଂସ୍କୃତି

## ନିବେଦିତା ପଣ୍ଡା

ବିବାହିତା ନାରୀ ମଥାରେ ସିନ୍ଦୂର
ହସ୍ତେ ଶୋଭେ ଶଙ୍ଖା ମାନ,
ଧନୀ ଓ ଗରିବ ସଭିଙ୍କ ପାଇଁ ତ
ସଧବାର ତାହା ଚିହ୍ନ।

ପତିର ଆୟୁଷ ଡୋରି ବନ୍ଧା ଥାଏ
ସେହି ଶଙ୍ଖା ସିନ୍ଦୂରରେ,
ସୌନ୍ଦର୍ଯ୍ୟ ପ୍ରତୀକ ହୋଇ ରହିଅଛି
ତାହା ହିନ୍ଦୁ ସଂସ୍କୃତିରେ।

ନାରୀର ଭୂଷଣ ଶଙ୍ଖା ଓ ସିନ୍ଦୂର
ଅହ୍ୟ ସୁଲକ୍ଷଣୀ କରେ,
ମୃତ୍ୟୁ ଯାଏ ହସ୍ତେ ଶୋଭା ପାଉଥାଏ
ବିବାହିତା ବନ୍ଧନରେ।

ଦେବୀ ମାଆ ପାଶେ ସଦା ସମର୍ପିତା
ହୁଏ ସିନ୍ଦୂର ଓ ଶଙ୍ଖା,
ଦେବୀଙ୍କ ଆଶିଷ ମିଳଇ ସେଥିରେ
ତୁଟଇ ସବୁ ଆଶଙ୍କା।

ଶସ୍ତା ନୁହେଁ ସିଏ ଗୁଣରେ ଅମୂଲ୍ୟ
କିଛି ନୁହେଁ ସମତୁଲ ,
ନାରୀ ଜୀବନରୁ ଅପସରିଗଲେ
ରହେନି ବଞ୍ଚିବା ମୂଳ।

ବିବାହ ବେଦୀରେ ସ୍ୱାମୀଯେ ପିନ୍ଧାନ୍ତି
ସ୍ତ୍ରୀ ରୂପେ ସ୍ୱୀକୃତି ଦେଇ,
ତେଣୁ ଶଙ୍ଖା, ସିନ୍ଦୂର  ସ୍ୱାମୀ ସନ୍ତକ
ମୃତ୍ୟୁରେ ଯାଆନ୍ତି ନେଇ।

ରକ୍ତସମ୍ପର୍କକୁ  ସବୁଦିନ ପାଇଁ
କରିଦିଏ ତାହା ଦୂର ,
ଅଚିହ୍ନା ହୁଅଇ ଅତି ଆପଣାର
ସବୁଠୁ ବେଶି ନିଜର ।

ଟୋପାଏ ସିନ୍ଦୂର ଦୁଇ ପଟ ଶଙ୍ଖା
ପ୍ରୀତି ପ୍ରଣୟ ଦାଗ,
ଭାବ ବନ୍ଧନେ ଦୁଇଟି ଆତ୍ମା
ଶାଶ୍ୱତ ପ୍ରେମ ରାଗ।

ହିନ୍ଦୁ ସଂସ୍କୃତିରେ ଶଙ୍ଖା ଓ ସିନ୍ଦୂର
ଯୁଗ ଯୁଗରୁ ରହିଛି ,
ପ୍ରେମ ବିଶ୍ୱାସର ପ୍ରତୀକ ହୋଇ ତା'
ସ୍ୱାତନ୍ତ୍ର୍ୟତା ବଜାୟିଛି ।

**ରାଉରକେଲା**

# ରକ୍ତଦାତା ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ନୀଳଗିରି,୧୪।୧୦(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟ ର ରକ୍ତ କେନ୍ଦ୍ର ରେ ଟେକ୍ନିସିଆନ୍ ଅଭାବରୁ ରକ୍ତଦାନ କ୍ଷେତ୍ରରେ ବହୁ ସମସ୍ୟା ଉପୁଜୁଛି। ଜଣେ ଟେକ୍ନିସିଆନ୍ କୁ ରକ୍ତ କେନ୍ଦ୍ର ସହିତ ଟିବି ରୋଗୀ ଙ୍କ ପରୀକ୍ଷା ପାଇଁ କାର୍ଯ୍ୟ ରେ ଲଗାଇବା ହେତୁ ବହୁ ଲୋକ ପ୍ରତିଦିନ ନୀଳଗିରି ଡାକ୍ତରଖାନାରେ ରକ୍ତ ପରୀକ୍ଷା କ୍ଷେତ୍ର ରେ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ରକ୍ତଦାତା ସଂଘ ତରଫରୁ ବହୁବାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କୁ ଜଣାଇ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଜି ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱରେ ସଂଘ ର ବରିଷ୍ଠ ଉପଦେଷ୍ଟା ରବି ରାଉତ, ବ୍ରଜବିହାରୀ ଦାସ, ଅନାଦି ବେହେରା, ତପସ୍ୱିନୀ ପଣ୍ଡା, ହେମେନ୍ଦ୍ର ସେଠୀ, ବାମନ ଚନ୍ଦ୍ର ମହାନ୍ତି, ଙ୍କ ସମେତ ସଂଘ ର ବହୁ ସାଥୀ ଉପଜିଲ୍ଲାପାଳ ନୀଳଗିରି ଙ୍କୁ ଦାବୀ ପତ୍ର ଦେଇଛନ୍ତି। ତତ୍ ସହିତ ଉପଖଣ୍ଡ ଚିକିତ୍ସାଧିକାରୀ ନୀଳଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବାଲେଶ୍ୱରଙ୍କୁ ଦାବୀ ପତ୍ର ଦେଇଛନ୍ତି। ସାତ ଦିନ ଭିତରେ ଦାବୀ ପୂରଣ ନହେଲେ, ସଂଘ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ମଦ ଦୋକାନ ଖୋଲିବା ସରକାର ତତ୍ପର

# ସୂତାକଳ ଖୋଲିବା ପ୍ରତି ପଡୁନି ନଜର

**କଳାହାଣ୍ଡି,୧୪।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ବହୁ ଚର୍ଚ୍ଚିତ କେସିଙ୍ଗା କୋଣାର୍କ ସ୍ପିଙ୍ଗ ମିଲକୁ ପୁନଃ ଉଦ୍ଧାର କରିବାପାଇଁ ବାରମ୍ବାର ଦାବି କରାଯାଉଛି। ସବୁ ଅଧିକାରୀ, ମନ୍ତ୍ରୀ ନେତାଙ୍କୁ କଳାହାଣ୍ଡି ବାସୀ ଗୁହାରୀ ଜଣାଇଛନ୍ତି। ସରକାର ଶେଷରେ ମଦରୁ ରାଜସ୍ୱ ପାଇବା ଆଶାରେ ୭୦ପୁରୁଣା ବନ୍ଦ ହୋଇଥିବା ମଦ ଦୋକାନ ଖୋଲିବା ନିଷ୍ପତ୍ତି ନେଇଛନ୍ତି ଓ ମୋହନ ସରକାର ବିକଶିତ ଓଡ଼ିଶା ପ୍ରସଙ୍ଗରେ ମଦ କଥା ଭୁଲିନାହାନ୍ତି କି ମଦୁଆଙ୍କ ସମସ୍ୟା ପ୍ରତି ଅଣଦେଖା କରିନାହାନ୍ତି। ମଦ ପିଇ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ହେଉ କିମ୍ବା ମଦ ପିଇ ଗାଡ଼ି ଚଳାଇ ଦୁର୍ଘଟଣା ଗ୍ରାଫ୍ ଉପରକୁ ବଢ଼ିଲେ ବି ସରକାର ବିଚଳିତ ନ ଥିବା ଅନୁମାନ କରାଯାଉଛି। ସୂଚନା ଯୋଗ୍ୟ ଯେ, ପୂର୍ବ ଜିଲ୍ଲାପାଳ ଜିନିଙ୍ଗ ମିଲ ଏବଂ ସ୍ପିନିଙ୍ଗ ମିଲକୁ ଆର୍ଥିକ ଅନୁଦାନ ଦେବାପାଇଁ ରାଜ୍ୟ ସରକାରଙ୍କୁ ନିବେଦନ ଜଣାଇଥିଲେ। ଯଦି ଏହି ଆର୍ଥିକ ଆବଣ୍ଟନ ସ୍ପିନିଙ୍ଗ ମିଲ ଓ ଜିନିଙ୍ଗ ମିଲ ପାଇଁ କରାଯାଏ ତାହେଲେ ନିଶ୍ଚିତ ଭାବରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା ଏବଂ ନବରଙ୍ଗପୁର ଜିଲ୍ଲାର ଚାଷୀ ଏଠି ଉପକୃତ ହେବା ସହ ବାର୍ଷିକ ୪୦ ହଜାର କର୍ମସଂସ୍ଥାନ ଯୋଗାଇବାରେ ସକ୍ଷମ ହେଇପାରିବ। ଏହା



ଜିଲ୍ଲାରେ ୨ ହଜାର କ୍ୟୁଣ୍ଟାଲ କପା ଉତ୍ପାଦନରୁ ଆରମ୍ଭ ହୋଇଥିଲା। ଯାହା ଏବେ ୭ ଲକ୍ଷ କ୍ୟୁଣ୍ଟାଲ ଉତ୍ପାଦନରେ ପହଞ୍ଚିଲାଣି। ଯେଉଁଥିରେ ଗୋଟିଏ ନୁହେଁ ୩ଟି ସୂତାକଳ ଚାଲି ପାରିବ। ସରକାର କେବିକେ ଜିଲ୍ଲାର କପାକୁ ଆକଳନ କରି କାରଖାନା ଆରମ୍ଭ କରିଥିଲେ। କେବିକେ କପା ଆକଳନ କୁ ଦେଖିଲେ ୮ଟି ସୂତାକଳ ଏହି କପାରେ ଚାଲି ପାରିବ। ଏଠୁ କପା ମହାରାଷ୍ଟ୍ର, ତାମିଲନାଡୁ, ଗୁଜୁରାତ ଯାଇ ସେଠୁ ସୁତା ହୋଇ ପୁଣି ରାଜ୍ୟକୁ ଆସୁଛି। ଏଠି ସୂତାକଳ ଥିଲେ ବୁଣାକାର ଶସ୍ତାରେ ସୂତା ପାଆନ୍ତେ ଓ ହେଲେ ନିଜ ଜିନିଷ ଅନ୍ୟ ରାଜ୍ୟକୁ ଯିବା ଫଳରେ ବୁଣାକାର ମହଙ୍ଗାରେ ସୂତା କିଣୁଛି। ସୂତାକଳର ଭାଗ୍ୟ ବଦଳିଲେ ମନ ବିଭିନ୍ନ କପଡ଼ା ପ୍ରସ୍ତୁତ ସାମଗ୍ରୀର ଚାହିଦା ବି ବୃଦ୍ଧି ଘଟିବା ସହିତ ବେପାରୀ ଓ ଶ୍ରମିକ ଲାଭବାନ ହୋଇପାରନ୍ତେ। ଗୁଜରାତ ଭଳି ରାଜ୍ୟରେ ପ୍ରଯ୍ୟାପ୍ତ କଞ୍ଚାମାଲ ନ ଥାଇ ସୂତାକଳ କାରଖାନାମାନ ସ୍ଥାପନ କରି ଇତିହାସ ସୃଷ୍ଟି କରିଛି। ଏଥିପ୍ରତି ତୁରନ୍ତ ରାଜ୍ୟସରକାର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଓ କୋଣାର୍କ ସ୍ପିନିଙ୍ଗ ମିଲର ପୁନଃ ଉଦ୍ଧାର ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କୋଣାର୍କ ସୂତାକଳ ଭାଗ୍ୟ ବଦଳିବ ନା ଇତିହାସ ରେ ନା ଲିଭିଯିବ ତାହା ଆଗକୁ ଜାଣିବାକୁ ହେବ ଅପେକ୍ଷାରେ ଜିଲ୍ଲା ବାସି।

● ଆଠଗଡ଼ ବନଖଣ୍ଡରେ ହାତୀ ଆତଙ୍କ

## ଥୋଡ଼ ଧାନ ଖାଇଲେ ଓ କୁଦି ନଷ୍ଟକଲେ

**ଆଠଗଡ,୧୪।୧୦ (ସଂଚାର ବ୍ୟୁରୋ):** ଥମୁନି ହାତୀ ଉପଦ୍ରବ । ଆଠଗଡ଼ ବନଖଣ୍ଡରେ ହାତୀ ଆତଙ୍କ। ଗତକାଲି ବିଳମ୍ବିତ ରାତିରେ ଚନ୍ଦକା ଅଭୟାରଣ୍ୟରୁ ୨୧ ଟିକିଏ ହାତୀପଲ ମହାନଦୀ ପାର ହୋଇ ସୁକାସନ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଟି ହାତୀ ଆଠଗଡ଼ ବ୍ଲକ୍ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଦ୍ୱାରାବତୀପୁର ଗାଁରେ ପଶି ଧାନ ବିଲରେ ଉତ୍ପାତ କରୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଧାନ ଥୋଡ ଧରୁଥିବା ବେଳେ ହାତୀ ଦୁଇଟି ସେହି ଅଞ୍ଚଳର ବ୍ୟାପକ ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖବର ପାଇ ଆଠଗଡ଼ ବନ ବିଭାଗ ପକ୍ଷରୁ ହାତୀ ଜଗୁଆଳୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି।

# ଜିଲ୍ଲାସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୪।୧୦ (ସଂଚାର ବ୍ୟୁରୋ):** ମଙ୍ଗଳବାର ଜିଲ୍ଲା ସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କ୍ରିଷ୍ଣା କୁମାରୀ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ପୃଷ୍ଟିହୀନତା ଦୂରୀକରଣ ନିମନ୍ତେ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ଯେଉଁ ପଦକ୍ଷେପ ଗୁଡ଼ିକ ଗ୍ରହଣ କରା ଯାଉଛି ତାହା ଉଚ୍ଚ ପ୍ରସଂଶନୀୟ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ପୋଷଣ ଅଭିଯାନକୁ ସଫଳ କରିବା ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ଅଙ୍ଗନବାଡି କର୍ମୀ ନିଜେ ସୁସ୍ଥ ରହିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଅତିଥିମାନେ ପୋଷଣ ଅଭିଯାନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ ଏବଂ କୁପୋଷଣ ବା ପୃଷ୍ଟିହୀନତାର ଦୂରୀକରଣ ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହୋଇ ଆଗ୍ରହର ସହିତ ଆଗେଇ ଆସିବାକୁ ଉତ୍ସାହିତ କରିଥିଲେ। ପୋଷଣ ଅଭିଯାନକୁ ସଫଳ ରୂପାୟନ କରାଯିବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟକରୁଥିବା ସିଡିପିଓ, ସୁରକ୍ଷା ଅଧିକାରୀ, ବ୍ଲକ ସଂଯୋଜକ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରା ଯାଇଥିଲା।



● ଅବକାରୀ ବିଭାଗର ବଡ଼ ସଫଳତା

## ଦେଶୀ ମଦ ଜବତ ତିନ ଗିରଫ



**ଯାଜପୁର ରୋଡ଼,୧୪।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ଦିବ୍ୟକିଶୋର ଟଣ୍ଡେଲ ଙ୍କ ନିର୍ଦ୍ଦେଶ କ୍ରମେ ଡୋଲୀପୁର ଅବକାରୀ ଅଧିକାରୀ ଶ୍ରୀ ବିଭୁପ୍ରସାଦ ସାହୁ ଏବଂ ତାଙ୍କ ଟିମ ସଦଳବଳେ ଚଢ଼ାଉ କରି ହୁଡ଼ିସାହି, ମୁଣ୍ଡମାଳ ଓ ରାଉତରାପୁର ଗ୍ରାମରେ ପେସାଦାର ଦେଶୀ ମଦ ବେପାରୀଙ୍କ ଉପରେ ଚଢ଼ାଉ କରି ପାଖାପାଖି ୧୫୦ଲିଟର ଦେଶୀ ମଦ ଜବତ କରିଥିବା ସୂଚନା ଦେଇଛନ୍ତି। ମୁଣ୍ଡମାଳ ଗ୍ରାମର ସଞ୍ଜୟ ମଲିକଙ୍କ ସ୍ତ୍ରୀ ସୁମିତ୍ରା ଜେନା, ହୁଡ଼ିସାହିରର ଧନେଶ୍ୱର ପାତ୍ରଙ୍କ ପୁତ୍ର ଅନିଲ ପାତ୍ର ଏବଂ ରାଉତରାପୁର ଗ୍ରାମର ଗୌରାଙ୍ଗ ସାହୁଙ୍କ ପୁତ୍ର ଚିତରଞ୍ଜନ ସାହୁ'ଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ବିଭୁପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ରଞ୍ଜନ କୁମାର ପାତ୍ର, ଚଗଲା ମଲିକ, ପ୍ରମୁଖ ସାମିଲ ହୋଇଥିଲେ। ଆଗକୁ କାଳୀପୂଜା ଆସୁଥିବାରୁ ଚଢ଼ାଉକୁ ଆହୁରି ଜୋରଦାର କରାଯିବା ନେଇ ସୂଚନା ଦିଆଯାଇଛି।

## ମଦ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ



**ସୁନ୍ଦରଗଡ଼,୧୪।୧୦ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ବିରିବିରା ଗ୍ରାମର ଶତାଧିକ ମହିଳା ପୁରୁଷ ମଙ୍ଗଳବାର ଦିନ ମଦ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମରେ ବେଆଇନ ଭାବରେ ବିଭିନ୍ନ ଜାଗାରେ ମଦ ବିକ୍ରି ହେଉଥିବାରୁ ଅଳ୍ପ ବୟସର ଯୁବପିଢ଼ି ମଦ୍ୟ ପାନ କରି ନାନା ପ୍ରକାର ଅପରାଧ ଜନିତ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେଥି ମଧ୍ୟରୁ କିଛି ଅସାମାଜିକ ଯୁବକ ଝଗଡ଼ା ସୃଷ୍ଟି କରି ସରକାରୀ କାର୍ଯ୍ୟ ଗୁଡିକରେ ମଧ୍ୟ ବାଧା ସୃଷ୍ଟି କରୁଛନ୍ତି। ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଗ୍ରାମବାସୀ ସଦର ବିଧାୟକ, ଜିଲ୍ଲାପାଳ ଏବଂ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି ।

## ବିଦେଶୀ ମଦ ଦୋକାନରେ ମହାଦୁର୍ନୀତି ଅଭିଯୋଗ

**ବରଗଡ଼,୧୪।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାର ଗାଇସିଲେଟ ବ୍ଲକ ଅନ୍ତର୍ଗତ ଏକ ମାତ୍ର ବିଦେଶୀ ମଦ ଦୋକାନ ରହିଛି। ଏହି ଦୋକାନରେ ବିଦେଶୀ ମାଡ଼ ପ୍ରିଣ୍ଟ ରେଟ ହିସାବ ରେ ମଦ ବିକ୍ରି ନ କରି ସବୁ ଗ୍ରାହକ ମାନଙ୍କ ଠାରୁ ଅଧିକ ନେବାର ଅଭିଯୋଗ କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବିଶେଷକରି ଗୋଟିଏ କ୍ୱାଟର କିଣିଲେ ୩୦ ରୁ ୪୦ ଟଙ୍କା ଅଧିକ ନିଆଯାଉଛି ବୋଲି ଅବକାରୀ ବିଭାଗ ର ଅଧିକାରୀ ମାନଙ୍କୁ ଅଭି ଯୋଗ କଲେ କେହି ଶୁଣୁ ନାହାନ୍ତି। କାଉଣ୍ଟର ସାମ୍ନା ରେ ରେଟ ଚାଟ ମଧ୍ୟ ଛପାଯାଇ ନ ଥିବା ବେଳେ ବହୁ ମୂଲ୍ୟ ରେ ବିକ୍ରି ହେଉଛି ।

## ବିପୁଳ ପରିମାଣର ପୋଚ ଓ ଚୋରା ଦେଶୀ ମଦ ଜବତ, ୧ ଗିରଫ

**ବୈଶିଙ୍ଗା,୧୪।୧୦ (ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଅଚାନକ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ଚୋରା ଦେଶି ରନ୍ଧା ମଦ ଜବତ କରୁଛି। ମଙ୍ଗଳବାର ଜିଲା ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରା, ଉଦଲା ଅବକାରୀ ଏସଆଇ ସଞ୍ଜୟ କୁମାର କାଣ୍ଡି ସଦଳ ବଳେ ଭ୍ରାମ୍ୟମାଣ ଟିମ ସମେତ ଫୋର୍ସ ନେଇ ଅଚାନକ ବାମଡା, ଭଲିଆଦିହା ଓ ଭିଡିରିଶୋଳ ରେ ଚଢ଼ାଉ କରିମଦ ପ୍ରସ୍ତୁତ ନିମନ୍ତେ ଥିବା ବାର ହଜାର ପାଞ୍ଚ ଶହ କେଜି ପୋଚ ଓ ୧୦୪୦ଲିଟର ଚୋରା ଦେଶି ମଦ ଜବତ କରି ନଷ୍ଟ କରିଥିଲେ ବୋଲି ଅବକାରୀ ଏସଆଇ ଶ୍ରୀ ବେହେରା ପ୍ରକାଶ କରିଥିଲେ। ମଦ ପ୍ରସ୍ତୁତକାରୀ ଚୋରା ବ୍ୟବସାୟୀ କୌଶଳ କ୍ରମେ ଖସି ପଳାଇଥିଲେ। ଗ୍ରାମ ନିକଟରେ ଥିବା ଛୋଟ ଜଙ୍ଗଲ ବ୍ୟବସାୟୀଙ୍କ ମୁଖ୍ୟ ଆଡ୍ଡାସ୍ଥଳି ପାଲଟିଛି।

## ଟାଟୁ ମାୟାରେ ଯୁବପିଢ଼ି: ସମୟ କ୍ରମେ ବଦଳୁଛି ଟ୍ରେଣ୍ଡ

**କଳାହାଣ୍ଡି,୧୪।୧୦(ସଂଚାର ବ୍ୟୁରୋ):** ବଦଳୁଛି ସମୟ ବଦଳୁଛି ଲୋକଙ୍କ ରୁଚି। ସମୟ ସହିତ ତାଳ ଦେଇ ବଦଳୁଛି ଟ୍ରେଣ୍ଡ। ଯୁବପିଢ଼ି ଏବେ ସେଲଫି ପ୍ରିୟ ହୋଇ ଯାଇଥିବା ପରି ଟାଟୁ ପ୍ରେମୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଲାଣି। ତେଣୁ ବର୍ତ୍ତମାନ ଯୁଗକୁ ଟାଟୁ ଯୁଗ କହିଲେ ଅତ୍ୟୁକ୍ତି ହେବନି। ଯୁବପିଢ଼ିଙ୍କ ଏଭଳି ପସନ୍ଦକୁ ଗୁରୁତ୍ୱ ଦେଇ ସହରରେ ଅନେକ ଟାଟୁ ଦୋକାନ ଖୋଲାଯାଇଛି। ସେଠାରେ ଯୁବପିଢ଼ିଙ୍କ ଗହଳି ମଧ୍ୟ ଜମୁଛି। କିନ୍ତୁ ଟାଟୁ କଲା ବେଳେ ଯୁବକ ଯୁବତୀ ଭୁଲି ଯାଉଛନ୍ତି ନୈତିକତା। ଶରୀରର ବିଭିନ୍ନ ସ୍ଥାନରେ ଭଗବାନଙ୍କ ପ୍ରତିଛବି ଆଙ୍କି ସଂସ୍କୃତିକ ଅବମାନନା କରୁଛନ୍ତି। ବିଭିନ୍ନ ସହରରେ ଖୋଲା ହୋଇଛି ଟାଟୁ ଦୋକାନ। ଯୁବପିଢ଼ି ଏଠାକୁ ଆସି ନିଜର ପସନ୍ଦ ଅନୁଯାୟୀ ଟାଟୁ ଆଙ୍କୁଛନ୍ତି। କିଏ ପରିବାର ଲୋକଙ୍କ ଚେହେରା ଆଙ୍କୁଛି ତ କିଏ ବିଭିନ୍ନ ଦେବା ଦେବୀ, ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିଛବି ଥ୍ରିଡିରେ ଟାଟୁ ରୂପ ଦେଉଛନ୍ତି। କିନ୍ତୁ ସେମାନେ ଭୁଲି ଯାଉଛନ୍ତି ଏସବୁ ଟାଟୁ କେଉଁଠି କରିବା କଥା। ହାତ, ଗୋଡ, ବାହୁ, ବେକ, ଛାତି, ପେଟ ଭଳି ଶରୀରର ବିଭିନ୍ନ ବ୍ୟକ୍ତିଗତ ଅଙ୍ଗରେ ଟାଟୁ ଆଙ୍କୁଛନ୍ତି।

## ଭାଲୁ ଆକ୍ରମଣରେ ବୃଦ୍ଧା ମୃତ

**ବୋରିଗୁମ୍ମା,୧୪।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ରଣସପୁର ଛକ ନିକଟରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣଙ୍କ ହେଲେ ମୁଣ୍ଡାଗୁଡା ଗ୍ରାମର ମିଟିକି ଅମନାତ୍ୟ (୬୫) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୁଣ୍ଡାଗୁଡା ଗ୍ରାମର ମିଟିକି ଆଜି ସକାଳ ୫.୪୫ ସମୟ ରେ ଗ୍ରାମ ର ପାଞ୍ଚ ଜଣ ମହିଳା ଙ୍କ ସହ ବି.ସିଂହପୁର ନିକଟସ୍ଥ ଜଙ୍ଗଲ କୁ ସିଆଡ଼ି ପତ୍ର ଆଣିବା ପାଇଁ ଯାଇଥିଲେ, ଏତିକିବେଳେ ଛକ ନିକଟ ମୁଖ୍ୟ ରାସ୍ତାରେ ତାଙ୍କୁ ଭାଲୁ ଆକ୍ରମଣ କରିଥିଲା। ଅନ୍ୟ ମହିଳା ମାନେ ପ୍ରାଣବିକଳ ରେ ଦୂର କୁ ଦୌଡ଼ି ଯାଇ ପାଟି କରିଥିଲେ। ତଥାପି ଭାଲୁ ଛାଡି ନଥିଲା।କିଛି ପୁରୁଷ ଲୋକ ଆସି ଭାଲୁକୁ ଘଉଡାଇବା ପରେ ଛାଡିଚାଲି ଯାଇଥିଲା। ଲୋକେ ଆମ୍ବୁଲେନ୍ସ କୁ ଖବର ଦେଇଥିଲେ ଆମ୍ବୁଲେନ୍ସ ଆସିବା ପୂର୍ବରୁ ଶରୀର ବିଭିନ୍ନ ସ୍ଥାନ ରେ ଗଭୀର ଆଘାତ ହୋଇଥିବାରୁ ଘଟଣାସ୍ଥଳ ହିଁ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା।

## ସରକାରୀ ସହାୟତା ପାଇବାକୁ ସମସ୍ୟା କରୁଛି ମୋବାଇଲ ନେଟୱର୍କ

# ପୁଷ୍ଟିକର ଖାଦ୍ୟ ପାଇଁ ଚଢ଼ିବାକୁ ପଡୁଛି ପାହାଡ଼

**ମୟୂରଭଞ୍ଜ,୧୪।୧୦ (ସଂଚାର ବ୍ୟୁରୋ):** ଗର୍ଭବତୀ ଓ କୋମଳମତି ଶିଶୁଙ୍କୁ ଅଙ୍ଗନବାଡ଼ିରେ ମିଳୁଛି ପୃଷ୍ଟିକର ଖାଦ୍ୟ । ଇ- କେୱାଇସି କରି ସାମଗ୍ରୀ ନେବାର ବ୍ୟବସ୍ଥା ରହିଛି। ହେଲେ ଅଙ୍ଗନବାଡ଼ିରେ ମୋବାଇଲ୍ ନେଟୱାର୍କ କି ଇଣ୍ଟନେଟ୍ ପାଉନଥିବାରୁ ହିତାଧିକାରୀଙ୍କୁ ଜଙ୍ଗଲକୁ ଯିବାକୁ ପଡୁଛି। ହିତାଧିକାରୀଙ୍କ ଯନ୍ତ୍ରଣାକୁ ନେଇ ମୟୂରଭଞ୍ଜ କପ୍ତିପଦା ବ୍ଲକରୁ ଆସିଛି ଏଭଳି ଖବର । କୁନି କୁନି ଛୁଆ କିମ୍ବା ଗର୍ଭବତୀ ମାନଙ୍କୁ ଛତୁଆ, ଲଡୁ ଭଳି ପୋଷଣ ଖାଦ୍ୟ ଆଣିବାକୁ ପଡ଼ିଲେ, ଯିବାକୁ ପଡୁଛି ଜଙ୍ଗଲ, ଚଢିବାକୁ ପଡୁଛି ପାହାଡ଼ । କାରଣ ସମସ୍ୟା କରୁଛି ମୋବାଇଲ୍ ନେଟୱର୍କ। କାହା ହାତରେ ୧୦ଦିନର ଶିଶୁ ତ' ଆଉ କିଏ ମାସକର ଶିଶୁକୁ କୋଳରେ ଚାପି ଧରି ଜଙ୍ଗଲକୁ ଚାଲିଛନ୍ତି। ଜଙ୍ଗଲ ଭିତରେ ପାହାଡ଼ ଉପରକୁ ଯାଇ ଇ-କେୱାଇସି କଲେ ମିଳିବ ଅଙ୍ଗନବାଡ଼ିରୁ ପୋଷଣ ସାମଗ୍ରୀ । ମୟୂରଭଞ୍ଜ କପ୍ତିପଦା ବ୍ଲକ ଜଡ଼ିଦା ପଞ୍ଚାୟତରୁ ଆସିଛି ଏଭଳି ଚିତ୍ର। ବାରବାଙ୍କ ଅଙ୍ଗନବାଡ଼ିକୁ ମୋବାଇଲ ନେଟୱର୍କ କି ଇଣ୍ଟରନେଟ ବ୍ୟବସ୍ଥା ନାହିଁ । ତେଣୁ ଫେସ୍ କ୍ୟାପଚର କିମ୍ବା ଇ-କେୱାଇସି ପାଇଁ ଜଙ୍ଗଲ ଓ ପାହାଡ଼ ଚଢ଼ନ୍ତି ଅଙ୍ଗନବାଡି କର୍ମୀ ଆଉ ହିତାଧିକାରୀ ।



# ୧୮୦ ଲିଟର ଦେଶୀ ମଦ ସହ ବାଇକ ଜବତ: ୧ ଗିରଫ

**ବୋରିଗୁମ୍ମା,୧୪।୧୦(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଅବକାରୀ ଥାନା ପକ୍ଷରୁ ବିସିଂହ ପୁର ଥାନା ଅନ୍ତର୍ଗତ ନାରୀଗାଁ ଓ ଚୋରାମୁଳା ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ ମଦ ବିକ୍ରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୋରିଗୁମ୍ମା ଅବକାରୀ ଥାନା ଓଆଇସି ବିଶ୍ୱଜିତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ବିସିଂହ ପୁର ଥାନା ଅଞ୍ଚଳର ନାରୀଗାଁ ଓ ଚୋରାମୁଳା ଗ୍ରାମାଞ୍ଚଳରେ ଚଢ଼ଉ କରିଥିଲେ। ଏହି ଅଞ୍ଚଳରେ ଅଭିଯୁକ୍ତ ବେଆଇନ ଭାବେ ବିସିଂହପୁର ଥାନା ଅଧିନସ୍ଥ ଚୋରାମୁଳା ଗ୍ରାମର ଶଙ୍କର ବିଷୋୟୀ (୩୦ ବର୍ଷ) ମଦ ନେଉଥିବା ନେଉ ଥିବାବେଳେ ଚଢ଼ଉ ସମୟରେ ଧରାପଡ଼ିଥିଲେ। ଚଢ଼ଉ ବେଳେ ବିସିଂହପୁର ଗ୍ରାମ ନିକଟରେ ଶଙ୍କରଙ୍କୁ ଅଟକାଇ ନିକଟରେ ଥିବା ୧୮୦ ଲିଟର ଦେଶୀ ରନ୍ଧାମଦକୁ ଜବତ କରିବା ସହ ବାଇକ, ଜବତ କରାଯାଇ ତାଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ୧୬୩ /୨୫ ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛିକୁ ଚଢାଉରେ ବୋରିଗୁମ୍ମା ଅବକାରୀ ଥାନାର ସମସ୍ତ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ବୋରିଗୁମ୍ମା ଅବକାରୀ ଥାନା ଅଞ୍ଚଳରେ ବେଆଇନ ମଦ କାରବାର ତଥା ନିଶା କାରବାରକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ନିୟମିତ ଭାବେ ଚଢଉ ଜାରି ରହିଥିବା ବୋରିଗୁମ୍ମା ଅବକାରୀ ଥାନା ଓଆଇସି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।



## ବୈଶିଙ୍ଗା ମାର୍କେଟ କମ୍ପ୍ଲେକ୍ସରେ ଚାରା ରୋପଣ କାର୍ଯ୍ୟକ୍ରମ

**ବୈଶିଙ୍ଗା,୧୪।୧୦ (ସଂଚାର ବ୍ୟୁରୋ):** ନିଜ ବିଦ୍ୟାଳୟରେ , ରାସ୍ତା ପାର୍ଶ୍ୱରେ, ବିଭିନ୍ନ ମନ୍ଦିର ପ୍ରାଙ୍ଗଣରେ ତଥା ବାଡି ବଗିଚାରେ ବିଭିନ୍ନ ଫୁଲ, ଫଳ ଓ ଔଷଧିୟ ଚାରା ରୋପଣ କରି ଚର୍ଚ୍ଚା ପରିସରକୁ ଆସିଥିବା ପରିବେଶବିତ୍ ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଆଉ ଏକ ପରିଚୟ ସୃଷ୍ଟି କରିଛନ୍ତି ।ସୋମବାର ଅପରାହ୍ନରେ ବୈଶିଙ୍ଗା ମାର୍କେଟ କମ୍ପ୍ଲେକ୍ସରେ ଚାରା ରୋପଣ କରିବା ସହିତ ସେଗୁଡିକୁ ଘେରାବନ୍ଦୀ କରିଥିବାର ଜଣାଯାଇଛି । ତାଙ୍କ ସହିତ ତାଙ୍କର ସହକର୍ମୀ, ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର,ସୀତାନାଥ ବେହେରା, ରତନଲାଲ ଦାଶ, ବିମଳେନ୍ଦୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଚଳିତ ବର୍ଷ ଶ୍ରୀଯୁକ୍ତ ଦାଶ ଏକ ସରକାରୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଙ୍କ ଠାରୁ ଏହି ପ୍ରକୃତି ମିତ୍ର ପୁରସ୍କାର ପାଇଥିଲେ ।



## ନାଗେଶ୍ୱରୀ ଖଣି ଖନନକୁ ବିରୋଧ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

**କୋରାପୁଟ,୧୪।୧୦ (ସଂଚାର ବ୍ୟୁରୋ):** କୋରାପୁଟ ଜିଲା ନନ୍ଦପୁର ବ୍ଲକର ନାଗେଶ୍ୱରୀ ପାହାଡ଼ ଖଣି ଖନନକୁ ବିରୋଧ କରି ମଙ୍ଗଳବାର ମାଳି ସୁରକ୍ଷା ମଞ୍ଚର ଶତାଧିକ ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଅଦାନୀ କମ୍ପାନୀକୁ ଖଣି ଖନନ ପାଇଁ ଦିଆଯିବ ନାହିଁ ବୋଲି ଦାବି କରିଛନ୍ତି। ନାଗେଶ୍ୱରୀ ପାହାଡ଼ ଏକ ପର୍ଯ୍ୟଟନ ସ୍ଥଳୀର ହୋଇଥିବା ବେଳେ ପାହାଡ଼ ଗୁମ୍ଫାରେ ଥିବା ଠାକୁରାଣୀଙ୍କୁ ଅଞ୍ଚଳବାସୀ ପୂଜାର୍ଚ୍ଚନା କରି ଆସୁଥିବାବେଳେ ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ୯ଟି ଗ୍ରାମର ଗ୍ରାମବାସୀ ଜୀବିକା ନିର୍ବାହ କରୁଛନ୍ତି। ଏଣୁ ଉକ୍ତ ଅଞ୍ଚଳରେ ହେବାକୁ ଥିବା ଖଣି ଖନନ ବନ୍ଦ କରିବା ପାଇଁ ଏହି ଅଞ୍ଚଳର ବିମଳ ପୂଜାରୀ, ବୁଦା ଖିଲ, ଲକ୍ଷ୍ମଣ ଶିଶା, ବିଜୟ ମୁଦୁଲି ଆଦି ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଚେତନ ସପ୍ତାହର ପାଠଚକ୍ର




**ନୀଳଗିରି,୧୪।୧୦(ସଂଚାର ବ୍ୟୁରୋ):** ମିତ୍ରପୁର ଅଧିନସ୍ଥ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର ସଭାଗୃହରେ ଲାୟନ୍ସ କ୍ଲବ, ମିତ୍ରପୁର, ଆସ୍ଥା ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ସଚେତନ ସପ୍ତାହର ଏକ ପାଠଚକ୍ର ମଗଂଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଦାସଙ୍କ ଅନୁମତି କ୍ରମେ ପାଠଚକ୍ର ଆୟୋଜିତ ହୋଇଥିଲା। ଉକ୍ତ ପାଠଚକ୍ରରେ ୱାଇ, ଆର, ସିର କାଉଁସିଲର ଡ ନବନିତା ଦାସ ସଭା ପରିଚାଳିତ କରିଥିବା ବେଳେ ଅଧ୍ୟାପିକା ଉତ୍କର୍ଷା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଫକୀର ମୋହନ କଲେଜ ଏଣ୍ଡ ହସ୍ପିଟାଲ, ବାଲେଶ୍ୱରର ମନଃତତ୍ତ୍ୱ ବିଶେଷଜ୍ଞ ଡ଼ା ପ୍ରଦୀପ କୁମାର ନାୟକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ବକ୍ତବ୍ୟରେ ଜଗତ, ଜୀବନ ଓ ଜୀବନ ଭିତରେ ଥିବା ଜଞ୍ଜାଳ ମଧ୍ୟରେ ମଣିଷ କିପରି ପ୍ରଭାବିତ ହେଉଛି? ତାର କାରଣ ନିରାକରଣକୁ ଦର୍ଶାଇ ଥିଲେ। ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ଗଠନରେ ନିର୍ମଳ ମନର ଭୂମିକାକୁ ଗୁରୁତ୍ୱ ଦେବାପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଆସ୍ଥା ଚେରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ବଟକୃଷ୍ଣ ଘୋଷ ମାନସିକ ଦୂରୀକରଣ ପାଇଁ ଆଗକୁ ଏହିଭଳି କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଦୃଢ଼ ସଂକଳ୍ପ ନେଇଛନ୍ତି। ଲାୟନ୍ସ କ୍ଲବର ଉପସଭାପତି ଡ଼ା ପ୍ରକାଶ କୁମାର ମହାପାତ୍ର ପୃଷ୍ଟିକର ଖାଦ୍ୟ ଗ୍ରହଣ, ଖାଦ୍ୟ ହଜମ ଏବଂ ବ୍ୟାୟାମ ସମ୍ପର୍କରେ ପିଲାମାନଙ୍କ ଉଦ୍ଦେଶ୍ୟରେ ମତ ରଖିଥିଲେ।

● ଶ୍ରମ ସନ୍ଧାନରେ ଯାଇ ଶ୍ରମିକଙ୍କ ମୃତ୍ୟୁ

## ରୋଜଗାରିଆ ପୁଅକୁ ହରାଇ ଶୋକରେ ପରିବାର

**ଖପ୍ରାଖୋଲ,୧୪।୧୦(ସଂଚାର ବ୍ୟୁରୋ):** ପରିବାର ପ୍ରତିପୋଷଣ ପାଇଁ କାମ ସନ୍ଧାନରେ ଯାଇଥିଲେ ବାହାର ରାଜ୍ୟକୁ। ଚାଲିଗଲା ଯୁବକଙ୍କ ଜୀବନ। ଖପ୍ରାଖୋଲ ବ୍ଲକ୍ ଲାଠୋର ଥାନା ପିଙ୍ଗକମୁଣ୍ଡା ଗାଁର ଇଶ୍ୱର ରାଏଙ୍କ ମୃତ୍ୟୁ ହୋଇଛି। ଗାଁ ଅଭିମୁଖେ ତାଙ୍କର ମୃତଦେହ ଫେରୁଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ପିଙ୍ଗକମୁଣ୍ଡା ଗ୍ରାମର ଇଶ୍ୱର ରାଏ ଗୁଜରାଟ ଗାନ୍ଧିନଗର ଏକ କମ୍ପାନୀରେ ଏକ ମାସରୁ ଉର୍ଦ୍ଧ୍ୱ ହେବ କାମ କରୁଥିଲେ। ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଛି । ଇଶ୍ୱରଙ୍କ ମୃତଦେହ ଏବେ ଗାଁ ଅଭିମୁଖେ ଫେରୁଛି । ରୋଜଗାରକ୍ଷମ ପୁଅକୁ ହରାଇ ଇଶ୍ୱରଙ୍କ ପରିବାର ଭାଙ୍ଗି ପଡ଼ିଛନ୍ତି। କାନ୍ଦ ବୋବାଳିରେ ଘର ଫାଟି ପଡୁଛି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଆବଶ୍ୟକ ସହଯୋଗ କରିବା ପାଇଁ ଦାବି ହେଉଛି ।

## ମନ୍ଦିରରେ ପଡ଼ିଛି ଅଚିହ୍ନା ହାଡ଼

# ଗୁଣି ଗାରେଡି ନେଇ ଗାଁରେ କୋକୁଆ ଭୟ



**ମୋହନା,୧୪।୧୦(ସଂଚାର ବ୍ୟୁରୋ):** ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କର୍ଚ୍ଚବାଡି ଗାଁରେ ଥିବା ବହୁ ପୁରାତନ ମା' ବ୍ରାହ୍ମଣିଦେଇ ମନ୍ଦିରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳ ସମୟରେ ମନ୍ଦିରର ପୂଜାରୀ ନରେନ୍ଦ୍ର ପାଇକ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ମନ୍ଦିର ପରିସରକୁ ସଫା କରିବା ସମୟରେ ମନ୍ଦିର ପରିସରରେ ଥିବା ସିଂହ ପାଖରେ ଏକ ବିରାଟକାୟ ହାଡ଼ ଥିବା ଦେଖିବାକୁ ପାଇଥିଲେ। ପରେ ପୂଜାରୀ ଜଣକ ଗାଁ ଲୋକଙ୍କୁ ଜଣାଇବା ପରେ ଗାଁ ଲୋକେ ମନ୍ଦିର ପରିସରରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହାଡ଼କୁ ଜବତ କରିଥିବା ବେଳେ ମନ୍ଦି ରେ ପୂଜାର୍ଚ୍ଚନା ବନ୍ଦ ରହିଛି। ଅନ୍ୟପଟେ ମୋହନା ଅଞ୍ଚଳରେ ଗୁଣି ଗାରେଡ଼ିକୁ ନେଇ ସନ୍ଦେହ କରି ବର୍ତ୍ତମାନ କୋକୁଆ ଭୟ ରହିଥିବା ବେଳେ ଏବେ ଏହି ହାଡ଼କୁ ଦେଖି ଗ୍ରାମବାସୀ ଭୟଭିତ ହୋଇ ରହିଛନ୍ତି।